# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

◆VOLUME- 41 ◆ISSUE-242 ◆BHUBANESWAR ◆MONDAY ◆26 FEBRUARY 2024 ◆PAGE-12+8 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୨୪୨ ◆ଭୁବନେଶ୍ୱର ◆ସୋମବାର ◆୨୬ ଫେବୃଆରୀ ୨୦୨୪ ◆ପୃଷ୍ଠା-୧୨+୮ ◆ଟ.୬.୦୦




## ପୁଣି ଥରେ ଆଦିତ୍ୟ-ଶାହରୁଖ

▶ପୃଷ୍ଠା ୨ ଦେଖନ୍ତୁ...




## ଆଜିର ରାଶିଫଳ

**ମେଷ:** ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ଚାକିରିରେ ପରିବର୍ତ୍ତନ ହେବ। ରାଜନୀତିରେ ସଫଳ ହେବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ସନ୍ତାନଙ୍କ ଭବିଷ୍ୟତ ଲାଗି ବାପାମାଆ ଅର୍ଥ ନିବେଶ କରିବେ।

**ବୃଷ:** ବ୍ୟସ୍ତତା ଭିତରେ ଦିନଟି କଟିବ। ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ। ପରିବାର ସଦସ୍ୟଙ୍କ ସହ ଧାର୍ମିକ ସ୍ଥାନକୁ ଯାତ୍ରା କରିବେ। ସୃଜାନାତ୍ମକ କ୍ଷେତ୍ରରେ ସଫଳତା ହାସଲ କରିବେ।

**ମିଥୁନ:** ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଅଧିକ ପରିଶ୍ରମ କରିବେ। ପାରିବାରିକ ଜୀବନ ସୁଖମୟ ହେବ। ବାଦବିବାଦରୁ ଦୂରେଇ ରହିବେ। ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ।

**କର୍କଟ:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ଉଧାର ଧନ ଫେରିପାଇବେ। ସମ୍ପର୍କୀୟଙ୍କ ଘରକୁ ବୁଲିବାକୁ ଯିବେ। ମାନସିକ ଶାନ୍ତି ପାଇଁ ଧାର୍ମିକ କାର୍ଯ୍ୟରେ ସମୟ ଅତିବାହିତ କରିବେ।

**ସିଂହ:** ନିବେଶରୁ ଲାଭ ପାଇବେ। କାର୍ଯ୍ୟରେ ସଫଳତା ମିଳିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ତରିବରିଆ ଭାବେ କୌଣସି ନିଷ୍ପତ୍ତି ନେବେ ନାହିଁ। ଶିକ୍ଷା କ୍ଷେତ୍ରରେ ସମ୍ମାନ ମିଳିବ।

**କନ୍ୟା:** ନୂଆ ରଣନୀତିରେ କାରବାରକୁ ଆଗକୁ ନେବେ। ଘର ସାଜସଜ୍ଜାରେ ଅଧିକ ଖର୍ଚ୍ଚାନ୍ତ ହେବେ। ଭାଇ, ଭଉଣୀଙ୍କ ସହ ସୁଖଦୁଃଖ ବାଣ୍ଟିବେ। ଚାକିରିରେ ସହକର୍ମୀଙ୍କ ସହଯୋଗ ମିଳିବ।

**ତୁଳା:** ସରକାରୀ କ୍ଷେତ୍ରରେ ଲାଭ ମିଳିବ। ଧାର କରଜ କରିବାରୁ ରକ୍ଷା ପାଇବେ। ଭବିଷ୍ୟତ ପାଇଁ ବଡ଼ ନିଷ୍ପତ୍ତି ନେବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ବିଛା:** ଘରେ ମାଙ୍ଗଳିକ କାର୍ଯ୍ୟ ଆୟୋଜନ କରିବେ। ସମୟ ପୂର୍ବରୁ ସମସ୍ତ କାର୍ଯ୍ୟ ପୂରା କରିବେ। ଇଚ୍ଛା ପୂରଣ ହେବ। ଦାମ୍ପତ୍ୟ ଜୀବନ ଖୁସିରେ ବିତିବ। ବନ୍ଧୁଙ୍କ ସହ ବୁଲିବାକୁ ଯିବେ।

**ଧନୁ:** ଧାର୍ମିକ ସ୍ଥାନକୁ ଯାତ୍ରାଯୋଗ ଅଛି। ବ୍ୟବସାୟ ଜନିତ ସମସ୍ୟା ସମାଧାନ ହେବ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ଆର୍ଥିକ ଉନ୍ନତିକୁ ନେଇ ପ୍ରସନ୍ନ ରହିବେ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ।

**ମକର:** ନାଚ, ଗୀତରେ ସଫଳତା ମିଳିବ। ଛାତ୍ରଛାତ୍ରୀ ପଢ଼ା ପ୍ରତି ଆଗ୍ରହ ପ୍ରକାଶ କରିବେ। ବିଦେଶ ଯାତ୍ରା ଯୋଗ ଅଛି। ଭଉଣୀଙ୍କ ସ୍ୱାସ୍ଥ୍ୟରେ ସୁଧାର ଆସିବ। ଦାମ୍ପତ୍ୟ ଜୀବନରେ ସମସ୍ୟା ଦେଖା ଦେବ।

**କୁମ୍ଭ:** ପ୍ରେମିକ ପ୍ରେମିକାଙ୍କ ଲାଗି ଦିନଟି ଭଲ। ଘର ପାଇଁ ନୂଆ ଜିନିଷ କିଣିବେ। ସନ୍ତାନଙ୍କ ସହ ସମୟ ଅତିବାହିତ କରିବେ। ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ମିଳିବ। ଛାତ୍ରଛାତ୍ରୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ।

**ମୀନ:** ବ୍ୟସ୍ତତା ଭିତରେ ନିଜ ପାଇଁ ସମୟ ବାହାର କରିବେ। ଧାର୍ମିକ କାର୍ଯ୍ୟରେ ନିୟୋଜିତ ହେବେ। ଶିକ୍ଷାରେ ସଫଳତା ମିଳିବ। ପୈତୃକ ସମ୍ପତ୍ତି ବିବାଦର ସମାଧାନ ହେବ। ବ୍ୟବସାୟରେ ପରିବର୍ତ୍ତନ ଆଣିବେ।

## ଆଜିର ଇତିହାସ

- ୧୮୩୨- ପୋଲାଣ୍ଡରୁ ସମ୍ବିଧାନକୁ ହଟେଇ ଦିଆଗଲା।
- ୧୮୮୭- ଭାରତର ପ୍ରଥମ ମହିଳା ଡାକ୍ତର ଆନନ୍ଦୀ ଗୋପାଳ ଯୋଶୀଙ୍କ ପରଲୋକ।
- ୧୯୬୬-ସ୍ୱାଧୀନତା ସଂଗ୍ରାମୀ ବିନାୟକ ଦାମୋଦର ସାବରକରଙ୍କ ପରଲୋକ।
- ୧୯୭୫- ଗୁଜରାଟରେ ଦେଶର ପ୍ରଥମ ତ୍ରିରଙ୍ଗା ସଂଗ୍ରହାଳୟ ସ୍ଥାପନ କରାଗଲା।

## ଧନୀ ବୋଲାଇବା ପାଇଁ ବଡିଗାର୍ଡ ନିଯୁକ୍ତ



ସାଧାରଣତଃ ଧନୀ ଲୋକଙ୍କର ଜୀବନଶୈଳୀ ପୂରାପୂରି ଅଲଗା ହୋଇଥାଏ। କେହି କେହି ଧନୀ ବ୍ୟକ୍ତି ନିଜର ବ୍ୟକ୍ତିଗତ ସୁରକ୍ଷାକର୍ମୀ ବା ବଡିଗାର୍ଡଙ୍କୁ ନିଯୁକ୍ତ କରିଥାନ୍ତି। ଏ ବାବଦରେ ବହୁ ଅର୍ଥ ମଧ୍ୟ ବ୍ୟୟ କରିଥାନ୍ତି। ଏହା କେତେ ଜଣଙ୍କ ଆବଶ୍ୟକତା ଥିବା ବେଳେ ଆଉ କେତେକଙ୍କ ଆଭିଜାତ୍ୟର ଅଂଶବିଶେଷ। ତେବେ କେହି କେବେ ଧନୀ ଦିଶିବା ତଥା ଅନ୍ୟକୁ ଆକର୍ଷିତ କରିବା ପାଇଁ ବଡିଗାର୍ଡଙ୍କ ଉପରେ ଟଙ୍କା ଖର୍ଚ୍ଚ କରୁ ନ ଥିବେ। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ଚୀନ୍‌ର ହେବେଇରେ ରହୁଥିବା ଶିଆଓରନ୍ ନାମକ ଜଣେ ଯୁବକଙ୍କ କ୍ଷେତ୍ରରେ। ସେ ପ୍ରତିଦିନ ୧୭ ହଜାର ଟଙ୍କା ଦେଇ ଜଣେ ବଡିଗାର୍ଡଙ୍କୁ ରଖିଛନ୍ତି। ସେ ବେଜିଂରେ କାମ କରନ୍ତି ଏବଂ ଘରକୁ ଯିବା ପୂର୍ବରୁ ସେ ନିଜ ପାଇଁ ବଡିଗାର୍ଡ ସାଙ୍ଗରେ ନେଇ ଯାଆନ୍ତି। ତାଙ୍କ ବଡିଗାର୍ଡର କାମ ହେଉଛି, ସେଲିବ୍ରିଟିଙ୍କ ବଡିଗାର୍ଡ ଭଳି ତାଙ୍କ ବ୍ୟାଗ୍ ଧରିବା ଏବଂ ସେ ଚାଲିବା ସମୟରେ ତାଙ୍କୁ ଛତା ଦେଖାଇବା। ତେବେ ଏଭଳି କରି ସେ ସମ୍ଭ୍ରାନ୍ତର ପରିଚୟ ଦେବାକୁ ଯାଇ ନିଜ ପାଇଁ ଭଲ ଜୀବନସାଥୀ ଖୋଜୁଥିବା କହିଛନ୍ତି। ବାହାଘର ପାଇଁ ଝିଅ ଦେଖିବାକୁ ଯିବା ସମୟରେ ତାଙ୍କ ବଡିଗାର୍ଡଙ୍କୁ ଦେଖି କନ୍ୟାପକ୍ଷ ଲୋକେ ତାଙ୍କୁ ଧନୀ ତଥା ଆଭିଜାତ୍ୟ ସମ୍ପନ୍ନ ଭାବିବେ ଓ ତାଙ୍କୁ ଝିଅ ମିଳିବା ସହଜ ହେବ ବୋଲି ସେ ଆଶା ରଖିଛନ୍ତି। ଅବଶ୍ୟ କେବଳ ଶିଆଓରନ୍ ନୁହଁନ୍ତି, ତାଙ୍କ ଭଳି ହଜାର ହଜାର ଚୀନା ଯୁବକ ଅନ୍ୟମାନଙ୍କୁ ଆକର୍ଷିତ କରିବା ପାଇଁ ବଡିଗାର୍ଡ ସେବାକୁ ଗ୍ରହଣ କରୁଛନ୍ତି। ଏହି ସେବା ପାଇଁ ଇଣ୍ଟରନେଟ୍‌ରେ ବିଭିନ୍ନ ପ୍ଲାଟଫର୍ମ ଉପଲବ୍ଧ ଥିବା ବେଳେ ବଜେଟ୍ ଅନୁସାରେ ମହିଳା ଓ ପୁରୁଷ ବଡିଗାର୍ଡ ମିଳିବା ସୁବିଧା ଅଛି। ତେବେ ରୋଚକପୂର୍ଣ୍ଣ କଥାଟି ହେଉଛି, ଏହି ବଡିଗାର୍ଡମାନେ କୌଣସି ଜୀବନରକ୍ଷାରେ ସାମିଲ ହୋଇ ନ ଥାନ୍ତି, ବରଂ କେବଳ ଆକର୍ଷଣୀୟ ଦିଶିବା କାମ କରନ୍ତି।

## ବକ୍ସିସ୍ ନେଲା ୱେଟର୍‌ଙ୍କ ଚାକିରି




ରେସ୍ତୋରାଁ ତଥା ହୋଟେଲର ସେବା ଭଲ ଲାଗିଲେ ଲୋକେ ଖାଦ୍ୟ ଖାଇବା ପରେ ଖୁସିରେ ୱେଟର୍‌ଙ୍କୁ କିଛି ବକ୍ସିସ୍ ଦେଇଥାନ୍ତି। ଅବଶ୍ୟ ୱେଟର୍‌ଙ୍କ ସେବାକୁ ଦେଖି ଲୋକେ ସେମାନଙ୍କ ହିସାବରେ ବକ୍ସିସ୍ ଦେବାକୁ ପସନ୍ଦ କରନ୍ତି। ଏହି କ୍ରମରେ ଏବେ ଜଣେ ବ୍ୟକ୍ତିଙ୍କ ବକ୍ସିସ୍ ଦେବା ୱେଟର୍‌ଙ୍କ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଛି। ଘଟଣାଟି ଏଇମିତି- ମିଚିଗନ୍ ସ୍ଥିତ ମାସନ ଜାର୍ କାଫେକୁ ମାର୍କ ନାମକ ଜଣେ ବ୍ୟକ୍ତି ଖାଇବାକୁ ଆସିଥିଲେ। ସେ ୨୬ ଶହ ଟଙ୍କା ଖାଦ୍ୟ ଖାଇ ୮ ଲକ୍ଷ ଟଙ୍କାର ବକ୍ସିସ୍ ଦେଇଥିଲେ। ତାଙ୍କର ଏଭଳି ବକ୍ସିସ୍‌ରେ ୱେଟର୍ ଜଣକୁ ଖୁସି ଦେବା ବଦଳରେ ଦୁଃଖ ଦେଇଛି। କାରଣ ଏଥିପାଇଁ ତାଙ୍କୁ ଚାକିରି ହରାଇବାକୁ ପଡ଼ିଛି। ୱେଟର୍ ଲିନ୍ସେ ବୟଡ୍ ଫେସ୍‌ବୁକ୍‌ରେ ସେ ତାଙ୍କର ଏହି ଘଟଣା ବାବଦରେ ସେୟାର୍ କରିଛନ୍ତି। ସେ ଏଥିରେ ଲେଖିଛନ୍ତି, ଜଣେ ମଧ୍ୟ ବୟସ୍କ ବ୍ୟକ୍ତି ରେସ୍ତୋରାଁକୁ ଆସି ଖାଦ୍ୟ ଅର୍ଡର ଦେଇଥିଲେ। ଯାହାର ବିଲ୍ ଥିଲା ୨୬ ଶହ ଟଙ୍କା। ତେବେ ସେ ଯିବା ସମୟରେ ୮ ଲକ୍ଷ ଟଙ୍କାର ବକ୍ସିସ୍ ଦେଇଥିଲେ। ଏତେ ଟଙ୍କା ବକ୍ସିସ୍ ଦେବାର କାରଣ ପଚାରିବାରୁ ସେ ଉତ୍ତରରେ କହିଥିଲେ, ତାଙ୍କର ଜଣେ ସାଙ୍ଗଙ୍କ ମୃତ୍ୟୁ ହୋଇଛି। ତାଙ୍କ ଅନ୍ତିମ ସଂସ୍କାରରେ ସେ ସାମିଲ ହୋଇଥିଲେ। ଯେଭଳି ତାଙ୍କ ବନ୍ଧୁଙ୍କ ଆତ୍ମାଙ୍କୁ ଶାନ୍ତି ମିଳିବ ଓ ଲୋକମାନେ ଖୁସି ହେବେ, ସେଥିପାଇଁ ମାର୍କ ତାଙ୍କ ନାଁରେ କିଛି କରିବାକୁ ଚାହୁଁଥିବା କହିଲେ। ସେଇଠୁ ବୟଡ୍‌ଙ୍କୁ ମିଳିଥିବା ବକ୍ସିସ୍ ସେ ତାଙ୍କ ସାଥୀ ୱେଟର୍‌ଙ୍କ ମଧ୍ୟରେ ବାଣ୍ଟି ଦେଇଥିଲେ। ବୟଡ୍‌ଙ୍କ ଏହି କାର୍ଯ୍ୟ ରେସ୍ତୋରାଁ ମ୍ୟାନେଜମେଣ୍ଟକୁ ପସନ୍ଦ ଆସିବ ବୋଲି ସେ ଭାବିଥିଲେ। ମାତ୍ର ସେଭଳି କିଛି ନ ଘଟି ତାଙ୍କୁ ଓଲଟା ଚାକିରିରୁ ବହିଷ୍କାର କରାଗଲା। ଅନ୍ୟପଟେ ଏହି କଥା ସାମାଜିକ ଗଣମାଧ୍ୟମରେ ସେୟାର୍ ହେବା ପରେ ସମସ୍ତଙ୍କ ନଜରକୁ ଆସିଛି।



## ପୁଣି ଥରେ ଆଦିତ୍ୟଙ୍କ ସହ କାମ କରିବେ ଶାହାରୁଖ୍

କିଙ୍ଗ୍ ଖାନ୍ ଶାହାରୁଖ୍ ଚାରିବର୍ଷର ବ୍ରେକ୍ ପରେ 'ପଠାନ୍' ଫିଲ୍ମ ମାଧ୍ୟମରେ ବଡ଼ ପରଦାକୁ ଫେରିଥିଲେ। ଏହି ଫିଲ୍ମ ବକ୍ସ ଅଫିସ୍‌ରେ ସୁପରହିଟ୍ ସାବ୍ୟସ୍ତ ହୋଇଥିଲା। ଏଥିରେ ଶାହାରୁଖ୍‌ଙ୍କ ସହ ଜନ୍ ଆବ୍ରାହମ୍ ଓ ଦୀପିକା ପାଦୁ୍ୟକୋନ୍ ମଧ୍ୟ ଲିଡ୍ ରୋଲରେ ଦେଖାଯାଇଥିଲେ। ଏହି ଫିଲ୍ମ ଦର୍ଶକଙ୍କୁ ଏତେ ପସନ୍ଦ ଆସିଛି ଯେ, ପ୍ରଯୋଜକ ଆଦିତ୍ୟ ଚୋପ୍ରା ଏହାର ଦ୍ୱିତୀୟ ପାର୍ଟ ବା ସିକ୍ୱେଲ ଆଣିବାକୁ ଚେଷ୍ଟା ଚଳାଇଛନ୍ତି। 'ପଠାନ୍'ରେ ଶାହାରୁଖ୍‌ଙ୍କ ଆକ୍ସନ୍ ଦର୍ଶକଙ୍କୁ ବେଶ୍ ପସନ୍ଦ ଆସିଥିଲା। ଦ୍ୱିତୀୟ ପାର୍ଟରେ ବି ଶାହାରୁଖ୍ ଏପରି ଦମ୍‌ଦାର୍ ଆକ୍ସନ୍ କରୁଥିବାର ଦେଖାଯିବେ। 'ପଠାନ୍-୨' ସ୍ପାଇ ୟୁନିଭର୍ସର ଅଷ୍ଟମ ଫିଲ୍ମ। ଏଥିରେ ପ୍ରଥମ ଭାଗ ଅପେକ୍ଷା ଦୁଇଗୁଣ ଆକ୍ସନ୍ ଓ ମନୋରଞ୍ଜନ ରହିବ। ତେବେ 'ପଠାନ୍-୨', 'ଟାଇଗର୍ ଭର୍ସେସ୍ ପଠାନ୍'ର ପୂର୍ବ କାହାଣୀ ହେବ। ଇତିମଧ୍ୟରେ ଆଦିତ୍ୟଙ୍କ ଟିମ୍ 'ପଠାନ୍-୨' ଉପରେ କାମ କରିବା ଆରମ୍ଭ କରି ଦେଇଛନ୍ତି। ଏହାର ସୁଟିଂ ଆସନ୍ତା ଡିସେମ୍ବରରୁ ଆରମ୍ଭ ହେବ। ତେବେ 'ଡଙ୍କି' ପରେ ଶାହାରୁଖ୍‌ଙ୍କ ପରବର୍ତ୍ତୀ ଫିଲ୍ମ 'ପଠାନ୍-୨' ହେବ ବୋଲି କୁହାଯାଉଛି।

## ଶାସ୍ତ୍ରରେ ବର୍ଣ୍ଣିତ ବିଭିନ୍ନ ହୋମ

**ବିଭିନ୍ନ ପୂଜାପର୍ବ ତଥା ଶୁଭ ମାଙ୍ଗଳିକ କାର୍ଯ୍ୟରେ ହୋମ ବା ହବନ କରାଯାଇଥାଏ। ସନାତନ ଧର୍ମରେ ଏହି ବୈଦିକ କର୍ମକାଣ୍ଡ କାହିଁ କେଉଁ କାଳରୁ ପ୍ରଚଳିତ ରହିଛି। ତେବେ ସିଦ୍ଧିପ୍ରାପ୍ତି ତଥା କଲ୍ୟାଣ ପାଇଁ ନିର୍ଦ୍ଦିଷ୍ଟ ହୋମର ଅନୁଷ୍ଠାନ କରିବା ନେଇ ଶାସ୍ତ୍ରରେ ବର୍ଣ୍ଣିତ ହୋଇଛି।**



- **ମୃତ୍ୟୁଞ୍ଜୟ ହୋମ:** ଦୀର୍ଘାୟୁ ପ୍ରାପ୍ତି ତଥା ବିପଦକୁ ଟାଳିବା ପାଇଁ ମୃତ୍ୟୁଞ୍ଜୟ ହୋମ କରିବାର ବିଧି ରହିଛି।
- **ଧନ୍ୱନ୍ତରୀ ହୋମ:** ଉତ୍ତମ ସ୍ୱାସ୍ଥ୍ୟ କାମନା ପାଇଁ ଏହି ହୋମ ଫଳପ୍ରଦ। ଏହାକୁ ଆୟୋଜନ କରିବା ଶୁଭଦାୟକ।
- **ଦୁର୍ଗା ହୋମ:** ନକାରାତ୍ମକ ଶକ୍ତିରୁ ମୁକ୍ତି ପାଇବା ତଥା ଆତ୍ମବିଶ୍ୱାସ ବୃଦ୍ଧି ପାଇଁ ଦୁର୍ଗା ହୋମ ଆୟୋଜନ ସର୍ବୋତ୍ତମ।
- **ଚଣ୍ଡି ହୋମ:** ସମସ୍ତ କାର୍ଯ୍ୟରେ ସଫଳତା ଅର୍ଜନ କରିବା ଉଦ୍ଦେଶ୍ୟରେ ସାଧକ ଚଣ୍ଡି ହୋମ କରିଥାନ୍ତି।
- **ଲକ୍ଷ୍ମୀ-କୁବେର ହୋମ:** ସମୃଦ୍ଧି ଓ ଭୌତିକ ସୁଖ ସୁବିଧାକୁ ପ୍ରାପ୍ତ କରିବା ପାଇଁ ଏହି ହୋମ କରିବାର ନିୟମ ଅଛି।
- **ନବଗ୍ରହ ହୋମ:** ନବଗ୍ରହଙ୍କୁ ପ୍ରସନ୍ନ ବା ଶାନ୍ତି କରିବା ଏବଂ କୁଦୃଷ୍ଟି ପ୍ରଭାବରୁ ନିଜକୁ ମୁକ୍ତ ରଖିବା ପାଇଁ ଏହି ହୋମ କରିବା ଆବଶ୍ୟକ।
- **ବାସ୍ତୁ ହୋମ:** ଘରୁ ନକାରାତ୍ମକ ଶକ୍ତି ଦୂର କରି ସକାରାତ୍ମକ ଶକ୍ତି ବୃଦ୍ଧି କରିବା ଉଦ୍ଦେଶ୍ୟରେ ଏହି ହୋମ କରିବା ଜରୁରି। ବାସ୍ତୁଦୋଷରୁ ମଧ୍ୟ ମୁକ୍ତି ମିଳେ।
- **ବିଶ୍ୱ ଶାନ୍ତି ହୋମ:** ବିଶ୍ୱ ଶାନ୍ତି ଓ ସୌହାର୍ଦ୍ଦ୍ୟ ବୃଦ୍ଧି ପାଇଁ ଏହି ହୋମ କରିବା ପାଇଁ ଶାସ୍ତ୍ରରେ କୁହାଯାଇଛି।

# ସ୍ୱସ୍ତି

## ଦୀପଶିଖାରୁ ଶୁଭାଶୁଭ ସଙ୍କେତ

**ଠାକୁରଙ୍କ ଉଦ୍ଦେଶ୍ୟରେ ଆମେ ଦୀପ ଜାଳିଥାଉ। ତେବେ ଜ୍ୟୋତିଷ ଶାସ୍ତ୍ର ଅନୁସାରେ ପ୍ରଜ୍ୱଳିତ ଦୀପରୁ ଅନେକ ସଙ୍କେତ ମିଳିଥାଏ। ଯେଉଁଥିରୁ ଶୁଭାଶୁଭ ନିର୍ଣ୍ଣୟ କରି ହୁଏ। ଏବେ ଜାଣିବା ଦୀପ ଶିଖା ଜୋର୍‌ରେ ଜଳିବା କେଉଁ ସଙ୍କେତ ଦେଇଥାଏ।**



ଦୀପ ଲିଭିବା ସମୟରେ ହିଁ ଏହାର ଶିଖା ପ୍ରଖର ଥାଏ। ଏଭଳି କ୍ଷେତ୍ରରେ ଶିଖା ଉପରକୁ ଉଠିବା ସାଧାରଣ କଥା। ଯଦି ଦୀପ ଶିଖା ଉପରୁ ଜୋରରେ ଜଳେ, ଏଥିରୁ ଜଣାପଡ଼େ ଏହା ଦ୍ୱାରା ଠାକୁର ପ୍ରସନ୍ନ ଅଛନ୍ତି ଓ ଦାତାଙ୍କ କୃପା ପ୍ରାପ୍ତି ହୁଏ। ଭଗବାନ ପୂଜା ସ୍ୱୀକାର କରିଛନ୍ତି ବୋଲି ବିଶ୍ୱାସ ଆସେ। ଏହାସହ ଘରର ନକାରାତ୍ମକ ଶକ୍ତି ଧୀରେ ଧୀରେ ଦୂର ହୋଇ ସକାରାତ୍ମକ ଶକ୍ତି ସଞ୍ଚାର ହୁଏ। ଏପରିକି ଘରେ କୌଣସି ବାସ୍ତୁ ଦୋଷ ନ ଥିବା ମଧ୍ୟ ଏଥିରୁ ସଙ୍କେତ ମିଳିଥାଏ।

## ଗୀତାବାଣୀ

ତଦ୍‌ବିଦ୍ଧି ପ୍ରଣିପାତେନ ପରିପ୍ରଶ୍ନେନ ସେବୟା।
ଉପଦେକ୍ଷ୍ୟନ୍ତି ତେ ଜ୍ଞାନଂ ଜ୍ଞାନିନସ୍ତତ୍ତ୍ୱଦର୍ଶିନଃ ॥୩୪॥



ତାହାକୁ (ତତ୍ତ୍ୱଜ୍ଞାନକୁ) ତୁମେ (ତତ୍ତ୍ୱଦର୍ଶୀ ଜ୍ଞାନୀ ମହାପୁରୁଷଙ୍କ ନିକଟକୁ ଯାଇ) ବୁଝ। ତାଙ୍କୁ ସାଷ୍ଟାଙ୍ଗ ପ୍ରଣାମ କଲେ, ତାଙ୍କର ସେବା କଲେ ଏବଂ ତାଙ୍କୁ ସରଳତାପୂର୍ବକ ପ୍ରଶ୍ନ କଲେ ସେହି ତତ୍ତ୍ୱଦର୍ଶୀ (ଅନୁଭବୀ) ଜ୍ଞାନୀ (ଶାସ୍ତ୍ରଜ୍ଞ) ମହାପୁରୁଷ ତୁମକୁ ସେହି ତତ୍ତ୍ୱଜ୍ଞାନର ଉପଦେଶ ଦେବେ।

(ଚତୁର୍ଥୋଽଧ୍ୟାୟଃ – ଶ୍ଳୋକ - ୩୪)

## ସୂର୍ଯ୍ୟ ଚାଳିଶା ପାଠର ଲାଭ



ରବିବାର ସୂର୍ଯ୍ୟଦେବଙ୍କୁ ସମର୍ପିତ। ଏହିଦିନ ସୂର୍ଯ୍ୟଙ୍କୁ ଆରାଧନା କରିବା ଦ୍ୱାରା ଜୀବନର ସମସ୍ତ କଷ୍ଟ ଦୂର ହୋଇଥାଏ। ତେବେ କୁଣ୍ଡଳୀରେ ସୂର୍ଯ୍ୟଙ୍କ ସ୍ଥିତି ଦୁର୍ବଳ ଥିଲେ, ନିୟମିତ ସୂର୍ଯ୍ୟଚାଳିଶା ପାଠ କରିବା ଉଚିତ। ରବିବାର ଜନ୍ମଗ୍ରହଣ କରିଥିବା ବ୍ୟକ୍ତିବିଶେଷ ସୂର୍ଯ୍ୟ ଚାଳିଶା ପାଠ ଆରମ୍ଭ କରିବା ଦରକାର। ଏଭଳି କରିବା ଦ୍ୱାରା ସମସ୍ତ ଶାରୀରିକ ଓ ମାନସିକ କଷ୍ଟ ଦୂର ହୋଇଥାଏ। ତା'ସହ ଦୀର୍ଘାୟୁ ପ୍ରାପ୍ତି ହୁଏ। ନିୟମିତ ସୂର୍ଯ୍ୟ ଚାଳିଶା ପାଠ କରିବା ଦ୍ୱାରା ଅକାଳ ମୃତ୍ୟୁର ଭୟ ରହେ ନାହିଁ। ତା'ସହ ଆରୋଗ୍ୟ ଜୀବନ ପ୍ରାପ୍ତ ହୋଇଥାଏ।

## ଫେଙ୍ଗ୍‌ସୁଇ ମୁଦ୍ରାପାତ୍ର



**ପ୍ରତ୍ୟେକ ବ୍ୟକ୍ତି ଧନ ଅର୍ଜନ କରିବାକୁ ଇଚ୍ଛା ରଖନ୍ତି। ଏଥିପାଇଁ ସେମାନେ ଦିନରାତି ପରିଶ୍ରମ ମଧ୍ୟ କରିଥାନ୍ତି। ବେଳେ ବେଳେ ବହୁ ପରିଶ୍ରମ ସତ୍ତ୍ୱେ ବି ଆର୍ଥିକ ସମସ୍ୟା ସାମ୍ନା କରିବାକୁ ପଡ଼ିଥାଏ। ତେବେ ଆର୍ଥିକ ଅନଟନ ଦୂର କରିବା ତଥା ଧନଲାଭ ପାଇଁ ଫେଙ୍ଗ୍‌ସୁଇରେ ଅନେକ ଉପାୟ ଅଛି। ସେଥିରୁ ଅନ୍ୟତମ ଫେଙ୍ଗ୍‌ସୁଇ ଟଙ୍କା ବା ମୁଦ୍ରାପାତ୍ର। ଏହାକୁ କିଭଳି ଓ କେଉଁଠି ରଖିବା ଦରକାର, ନିମ୍ନ ପ୍ରଦତ୍ତ ଟିପ୍ସରୁ ଜାଣନ୍ତୁ।**

- ଫେଙ୍ଗ୍‌ସୁଇ ମୁଦ୍ରାପାତ୍ର ଧନକୁ ଆକର୍ଷିତ କରିଥାଏ। ଏଣୁ ଏହାକୁ ଘରେ ରଖିବା ଶୁଭ।
- ବାଉଁଶ, ଧାତୁ, ଚିନା ମାଟି, ଗ୍ଲାସ୍ ଏବଂ କ୍ରିଷ୍ଟାଲରେ ତିଆରି ଫେଙ୍ଗ୍‌ସୁଇ ମୁଦ୍ରାପାତ୍ର ରହିଛି।
- ଘରେ ଗ୍ଲାସ୍ ଓ କ୍ରିଷ୍ଟାଲ ଫେଙ୍ଗ୍‌ସୁଇ ମୁଦ୍ରାପାତ୍ର ରଖିବା ଶୁଭ।
- ଏହାକୁ ଘରର ପ୍ରବେଶ ଦ୍ୱାର କିମ୍ବା ଲିଭିଂ ରୁମ୍‌ରେ ରଖିବା ଭଲ।
- ଫେଙ୍ଗ୍‌ସୁଇ ଟଙ୍କା ପାତ୍ରରେ କ୍ରିଷ୍ଟାଲ, କାଚ, ମୋତି ଏବଂ କଏନ୍ ରଖିବା ଜରୁରି।
- ଅଫିସ୍ ଡେସ୍କରେ ଫେଙ୍ଗ୍‌ସୁଇ ମୁଦ୍ରାପାତ୍ର ରଖିପାରିବେ।

## ଶୁକ୍ରବାର କ'ଣ କରିବେନି

**ଶୁକ୍ରବାର ମା' ବୈଭବ ଲକ୍ଷ୍ମୀଙ୍କୁ ସମର୍ପିତ। ଏହିଦିନ ମା' ଲକ୍ଷ୍ମୀଙ୍କୁ ପ୍ରସନ୍ନ କରିବା ପାଇଁ ବ୍ରତ ରଖାଯାଏ। ତେବେ କିଛି କାମ ଏଭଳି ରହିଛି, ଯାହାକୁ ଶୁକ୍ରବାର କରିବା ମନା। କ'ଣ ତାହା...**



- ରୁପା ଓ ଚିନି ଦାନ କରନ୍ତୁ ନାହିଁ।
- କାହାକୁ ଉଧାର ଦିଅନ୍ତୁ ନାହିଁ।
- ଆମିଷ ଓ ନିଶା ସେବନ କରିବା ଅନୁଚିତ।
- ଚିରାଫଟା ପୋଷାକ ଦାନ ଦେବାରୁ ଦୂରେଇ ରୁହନ୍ତୁ।

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 41 ♦ISSUE-242 ♦BHUBANESWAR ♦MONDAY ♦26 FEBRUARY 2024 ♦PAGE-12+8 ♦₹ 6.00

♦ବର୍ଷ-୪୧ ♦ସଂଖ୍ୟା-୨୪୨ ♦ଭୁବନେଶ୍ୱର ♦ସୋମବାର ♦୨୬ ଫେବୃଆରୀ ୨୦୨୪ ♦ପୃଷ୍ଠା-୧୨+୮ ♦ଟ.୬.୦୦

# ଅଧିକାଂଶ ସ୍ଥାନରେ ସ୍ୱଳ୍ପ ବର୍ଷା

■ **ଭୁବନେଶ୍ୱର, ୨୫ ।୨ (ସମିସ):** ରାଜ୍ୟର ଅଧିକାଂଶ ଅଞ୍ଚଳରେ ବର୍ଷା ସାଙ୍ଗକୁ ମେଘୁଆ ପାଗ ଲାଗି ରହିଛି । ପଶ୍ଚିମାଝଡ଼ ପ୍ରଭାବରେ ଟାଣ ଖରାରୁ ମୁକ୍ତି ମିଳିବା ସହ ପାଗରେ ପରିବର୍ତ୍ତନ ଆସିଛି । ଯାହାଦ୍ୱାରା ବର୍ଷା ଓ ମେଘୁଆ ପାଗ ଯୋଗୁଁ ତାପମାତ୍ରା ତଳମୁହାଁ ହୋଇଛି । ଏହି ସ୍ଥିତି ଆହୁରି ୩ ଦିନ ପର୍ଯ୍ୟନ୍ତ ଜାରି ରହିବ ସହ ଅନେକ ସ୍ଥାନରେ ମେଘୁଆ ପାଗ ସହ ହାଲୁକା ବର୍ଷା ଜାରି ରହିବାର ସମ୍ଭାବନା ରହିଛି । ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଗତ ୩୬ ଘଣ୍ଟା ମଧ୍ୟରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ରେକର୍ଡ କରାଯାଇଛି । ଦାରିଙ୍ଗବାଡ଼ିରେ ସର୍ବାଧିକ ୨୦ ମିମି ବର୍ଷା ହେବା ସହ ଟିଟଲାଗଡ଼ ୧୫, ହୀରାକୁଦ ୧୦, ଗୋପାଳପୁର ୧୦, ବାଲେଶ୍ୱର ୧୦, ଭୁବନେଶ୍ୱର ୯ ଓ ଭବାନୀପାଟଣାରେ ୭ ମିମି ବର୍ଷା ହୋଇଛି । ରବିବାର ଅନେକ ସ୍ଥାନରେ କୋହଲା ପାଗ ସହ କିଛି ସ୍ଥାନରେ ସ୍ୱଳ୍ପ ବର୍ଷା ହୋଇଛି । ସେହିପରି ସୋମବାର ନୂଆପଡ଼ା, ବରଗଡ଼, ଝାରସୁଗୁଡ଼ା, ବଲାଙ୍ଗିର, ସୋନପୁର, ଅନୁଗୁଳ, କଳାହାଣ୍ଡି, କନ୍ଧମାଳ, ବୌଦ୍ଧ, ସମ୍ବଲପୁର ଓ ଦେବଗଡ଼ ଆଦି ଜିଲ୍ଲାରେ ସ୍ୱଳ୍ପ ବର୍ଷା ଆଶଙ୍କା ରହିଛି । ସେହିପରି ୨୭ ଓ ୨୮ରେ କିଛି କିଛି ଜିଲ୍ଲାରେ ବର୍ଷା ହେବା ସହ ଏହା ପରେ ପାଗରେ ପରିବର୍ତ୍ତନ ଆସିବ । ସମ୍ଭବତଃ ୧ ତାରିଖଠାରୁ ପୁଣି ତାପମାତ୍ରା ବୃଦ୍ଧି ହେବ ।

**ବିଶ୍ୱ ପାରା ବ୍ୟାଡ୍‌ମିଣ୍ଟନ ଚାମ୍ପିଅନସିପ୍**

# ପ୍ରମୋଦଙ୍କୁ ରେକର୍ଡ ୫ମ ଟାଇଟଲ୍

■ **ଭୁବନେଶ୍ୱର, ୨୫ ।୨ (ସମିସ):** ପାରା ଅଲିମ୍ପିକ୍ ଚାମ୍ପିଅନ ଓଡ଼ିଶାର ପ୍ରମୋଦ ଭଗତ ଥାଇଲାଣ୍ଡର ପଟ୍ଟାୟାଠାରେ ଅନୁଷ୍ଠିତ ପାରା ବିଶ୍ୱ ବ୍ୟାଡ୍‌ମିଣ୍ଟନ ଚାମ୍ପିଅନସିପ୍‌ରେ ଚାମ୍ପିଅନ ହୋଇଛନ୍ତି । ଏସ୍‌ଏଲ୍-୩ ବର୍ଗରେ ପ୍ରତିନିଧିତ୍ୱ କରୁଥିବା ପ୍ରମୋଦ ରବିବାର ଅନୁଷ୍ଠିତ ଫାଇନାଲରେ ତାଙ୍କ ପାରମ୍ପରିକ ଇଂଲଣ୍ଡର ଡାନିଏଲ୍ ବେଥେଲ୍‌ଙ୍କୁ ପରାସ୍ତ କରି ଏହି ପ୍ରତିଯୋଗିତାରେ ରେକର୍ଡ ୫ମ ଟ୍ରଫି ଜିତିଛନ୍ତି । ଏଥିସହ ସେ ଲିନ୍ ଡାନ୍‌ଙ୍କ ବିଶ୍ୱ ରେକର୍ଡ ୫ମ ଟାଇଟଲ୍ ସହ ସମକକ୍ଷ ହୋଇଛନ୍ତି । ପୂର୍ବରୁ ପ୍ରମୋଦ ୨୦୦୯, ୨୦୧୫, ୨୦୧୯ ଓ ୨୦୨୨ରେ ପାରା ବିଶ୍ୱ ବ୍ୟାଡ୍‌ମିଣ୍ଟନ ଚାମ୍ପିଅନସିପ୍‌ରେ ▶ପୃଷ୍ଠା-୧୦



## ମୁଖ୍ୟମନ୍ତ୍ରୀଙ୍କ ଅଭିନନ୍ଦନ

ପାରା ବ୍ୟାଡ୍‌ମିଣ୍ଟନରେ ରେକର୍ଡ ସ୍ୱର୍ଣ୍ଣ ପଦକ ବିଜେତା ପ୍ରମୋଦ ଭଗତଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅଭିନନ୍ଦନ ଜଣାଇଛନ୍ତି । 'ପାରା ବିଶ୍ୱ ବ୍ୟାଡ୍‌ମିଣ୍ଟନ ଚାମ୍ପିଅନସିପ୍‌ରେ ସ୍ୱର୍ଣ୍ଣ ଜିତିଥିବାରୁ ଅଭିନନ୍ଦନ । ଏଭଳି ବିଜୟ ଧାରା ଜାରି ରଖି ଦେଶ ପାଇଁ ଆହୁରି ପଦକ ଆଣନ୍ତୁ' ବୋଲି ନବୀନ ତାଙ୍କ ଅଭିନନ୍ଦନ ବାର୍ତ୍ତାରେ ଉଲ୍ଲେଖ କରିଛନ୍ତି ।

**ପେଟେଣ୍ଟ କଲା ଆଇଆଇଟି ମାଡ୍ରାସ**

# କର୍କଟରୁ ମୁକ୍ତି ଦେବ ଭାରତୀୟ ମସଲା

**ଖୁବଶୀଘ୍ର ଆରମ୍ଭ ହେବ ଟ୍ରାଏଲ**

**୨୦୨୮ରୁ ମିଳିପାରେ ଔଷଧ**

■ **ଚେନ୍ନଇ, ୨୫।୨ (ଏଜେନ୍ସି):** ଭାରତୀୟ ମସଲାରେ ଥିବା ଔଷଧୀୟ ଗୁଣକୁ ନେଇ ସର୍ବଦା ଚର୍ଚ୍ଚା ହୋଇଥାଏ । ଏବେ ଏଭଳି ଏକ ରୋଚକ ଗବେଷଣା ଉପରେ ଇଣ୍ଡିଆନ ଇନଷ୍ଟିଚ୍ୟୁଟ ଅଫ ଟେକ୍ନୋଲୋଜି (ଆଇଆଇଟି) ମାଡ୍ରାସ ପେଟେଣ୍ଟ କରା ନେଇଛି । ଭାରତୀୟ ମସଲାରୁ କର୍କଟ ରୋଗକୁ ଠିକ୍ କରିପାରୁଥିବା ଔଷଧ ପ୍ରସ୍ତୁତ କରାଯାଇପାରିବ ବୋଲି ଦାବି କରାଯାଇଛି । ଖୁବଶୀଘ୍ର ଏହାର କ୍ଲିନିକାଲ ଟ୍ରାଏଲ ଆରମ୍ଭ ହେବ । ୨୦୨୮ ସୁଦ୍ଧା ଏହି ଔଷଧ ବଜାରରେ ଉପଲବ୍ଧ ହୋଇପାରେ । ଗବେଷକମାନେ ଦାବି କରିଛନ୍ତି ଯେ ଭାରତୀୟ ମସଲାରେ ଲଙ୍ଗ କ୍ୟାନସର ସେଲ୍, ବ୍ରେଷ୍ଟ, କୋଲନ, ସର୍ଭାଇକାଲ, ଓରାଲ ଏବଂ ଥାଇରଏଡ କ୍ୟାନସ ସେଲ୍‌ର ଆଣ୍ଟି କ୍ୟାନସର ଆକ୍ଟିଭିଟି (କର୍କଟ ନିରୋଧୀ ଉପାଦାନ) ରହିଛି । ଏହି ମସଲା ସାଧାରଣ ସେଲ୍‌ଠାରୁ ସୁରକ୍ଷିତ ରହିଥାଏ । ଏବେ ଗବେଷକ ଏହାର ମୂଲ୍ୟ ଏବଂ ସୁରକ୍ଷା ପ୍ରତି ଥିବା ଆହ୍ୱାନ ଦିଗରେ କାର୍ଯ୍ୟ କରୁଛନ୍ତି । ଆଇଆଇଟି ମାଡ୍ରାସ ଏଲୁମନାଇ ଏବଂ ପ୍ରତୀକ୍ଷା ଟ୍ରଷ୍ଟ ମାଧ୍ୟମରେ ଇନ୍‌ଫୋସିସର ସହ-ପ୍ରତିଷ୍ଠାତା ଗୋପାଳକୃଷ୍ଣନ ପାଣ୍ଠି ଯୋଗାଇ ଦେଉଥିବାରୁ ଏହି ଗବେଷଣା ଆଗେଇ ଚାଲିଛି ।

ଆଇଆଇଟି ମାଡ୍ରାସର ଚିଫ୍ ସାଇଣ୍ଟିଷ୍ଟ ଅଫିସର ଜାୟସ ନିର୍ମଳା କହିଛନ୍ତି ଯେ ଭାରତୀୟ ମସଲା ଦ୍ୱାରା ସାଧାରଣ କର୍କଟ ଭଲ ହୋଇଯିବ ▶ପୃଷ୍ଠା-୧୦

# ଧନୀ-ଗରିବ ବ୍ୟୟ ତାରତମ୍ୟ ଆକାଶପାତାଳ

**ଜାତୀୟ ନମୁନା ସର୍ଭେ ରିପୋର୍ଟ**

## ଗାଁରେ ଗରିବଙ୍କ ଦୈନିକ ଖର୍ଚ୍ଚ ୪୫ ଟଙ୍କାରୁ କମ୍

■ **ନୂଆଦିଲ୍ଲୀ, ୨୫।୨ (ଏଜେନ୍ସି):** ଦେଶରେ ଧନୀ ଓ ଗରିବ ଲୋକଙ୍କ ମଧ୍ୟରେ ଦିନକୁ ଦିନ ତାରତମ୍ୟ ବଢ଼ିବାରେ ଲାଗିଛି । ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ବସବାସ କରୁଥିବା ଗରିବ ଓ ଧନୀଙ୍କ ଦୈନିକ ମୁଣ୍ଡପିଛା ବ୍ୟୟ ମଧ୍ୟରେ ପାର୍ଥକ୍ୟ ୧୦ ଗୁଣ ଅତିକ୍ରମ କରିଛି । ଗ୍ରାମାଞ୍ଚଳରେ ଅତି ଗରିବ ଲୋକଟି ନିଜର ଗୁଜୁରାଣ ୪୫ ଟଙ୍କାରେ ମେଣ୍ଟାଉଥିବାବେଳେ ଧନୀ ଲୋକଙ୍କର ଦୈନିକ ହାରାହାରି ଖର୍ଚ୍ଚ ୮ଗୁଣ ବୃଦ୍ଧି ପାଇ ୩୫୦ ଟଙ୍କାରେ ପହଞ୍ଚିଛି । ସେହିପରି ସହରାଞ୍ଚଳରେ ମଧ୍ୟ ସ୍ଥିତି ଅନୁରୂପ ଉଦବେଗଜନକ ।

ସହରାଞ୍ଚଳରେ ସବୁଠୁ ଗରିବ ଲୋକଟିର ଦୈନିକ ବ୍ୟୟ ମାତ୍ର ୬୭ ଟଙ୍କା ମଧ୍ୟରେ ଥିବାବେଳେ ଧନୀ ଲୋକଙ୍କର ହାରାହାରି ମୁଣ୍ଡପିଛା ଦୈନିକ ଖର୍ଚ୍ଚ ପ୍ରାୟ ୧୦ଗୁଣ ଅଧିକ ଓ ୬୯୫ ଟଙ୍କା । ଜାତୀୟ ନମୁନା ସର୍ବେକ୍ଷଣ କାର୍ଯ୍ୟାଳୟ (ଏନ୍‌ଏସ୍‌ଏସ୍‌ଓ) ପକ୍ଷରୁ ନିକଟରେ ପ୍ରକାଶିତ ମାସିକ ମୁଣ୍ଡପିଛା ଉପଯୋଗିତା ବ୍ୟୟ (ଏମ୍‌ପିସିଇ) ତଥ୍ୟରେ ଏହା କୁହାଯାଇଛି । ଜାତୀୟ ନମୁନା ସର୍ବେକ୍ଷଣର ଏହି



**ସହରରେ ହାରାହାରି ମୁଣ୍ଡପିଛା ବ୍ୟୟ ଦିନକୁ ସର୍ବନିମ୍ନ ୬୭ ଟଙ୍କା**

**ଧନୀଙ୍କ ମୁଣ୍ଡପିଛା ବ୍ୟୟ ୩୫୦ରୁ ୬୯୫ ଟଙ୍କା**

ଆକଳନଗୁଡ଼ିକ ଘରୋଇ ବ୍ୟବହାର ଖର୍ଚ୍ଚ ସର୍ଭେ ୨୦୨୨-୨୩ (ଏଚ୍‌ସିଇଏସ୍) ଉପରେ ଆଧାରିତ । ଏହି ରିପୋର୍ଟ ଅନୁସାରେ ଦେଶର ଗାଁର ସବୁଠାରୁ ଗରିବ ୫ ପ୍ରତିଶତ ଜନସଂଖ୍ୟାର ମାସିକ ମୁଣ୍ଡପିଛା ଉପଭୋକ୍ତା ବ୍ୟୟ ମାତ୍ର ୧୩୭୩ ଟଙ୍କା । ଅର୍ଥାତ ଦୈନିକ ଖର୍ଚ୍ଚ ପ୍ରାୟ ୪୫ ଟଙ୍କା । ଅନୁରୂପ ଭାବରେ ସହରରେ ରହୁଥିବା ସବୁଠାରୁ ଗରିବ ୫ ପ୍ରତିଶତ ଜନସଂଖ୍ୟାର ହାରାହାରି ମୁଣ୍ଡପିଛା ମାସିକ ବ୍ୟୟ ମାତ୍ର ୨୦୦୧ ଟଙ୍କା ବା ଦୈନିକ ପ୍ରାୟ ୬୭ ଟଙ୍କା । ଏଚ୍‌ସିଇଏସ୍ ରିପୋର୍ଟ ଅନୁସାରେ ଦେଶର ଗାଁଗୁଡ଼ିକରେ ବସବାସ କରୁଥିବା ୫ ପ୍ରତିଶତ ସବୁଠାରୁ ଧନୀ ଲୋକଙ୍କ ମାସିକ ମୁଣ୍ଡପିଛା ଖର୍ଚ୍ଚ ୧୦,୫୦୧ ଟଙ୍କା(ଦୈନିକ ୩୫୦ ଟଙ୍କା) ରହିଥିବାବେଳେ ସହରାଞ୍ଚଳରେ ଏହା ୨୦,୮୨୪ ଟଙ୍କା (ଦୈନିକ ୬୯୫ ଟଙ୍କା) । ଦେଶରେ ୨୦୨୨-୨୩ ସୁଦ୍ଧା ମାସିକ ଉପଭୋକ୍ତା ଖର୍ଚ୍ଚ ୨୦୧୧-୧୨ ତୁଳନାରେ ପ୍ରାୟ ଦୁଇ ଗୁଣ ବୃଦ୍ଧି ପାଇଛି । ସହରାଞ୍ଚଳରେ ବର୍ତ୍ତମାନର ମୂଲ୍ୟରେ ଦେଶରେ ମୁଣ୍ଡପିଛା ହାରାହାରି ମାସିକ ଘରୋଇ ଖର୍ଚ୍ଚ ୨୦୨୨-୨୩ରେ ୬୪୫୯ ଟଙ୍କା ହେବ ବୋଲି ଆଶା କରାଯାଉଛି । ଯେତେବେଳେ କି ୨୦୧୧-୧୨ରେ ଏହା ୨୬୩୦ ଟଙ୍କା ରହିଥିଲା ।

ସେହିଭଳି ଗ୍ରାମାଞ୍ଚଳରେ ଏହା ୩୭୭୩ ଟଙ୍କାକୁ ବୃଦ୍ଧି ପାଇଛି, ଯାହାକି ଏକ ଦଶନ୍ଧି ପୂର୍ବରୁ ୧୪୩୦ ଟଙ୍କା ରହିଥିଲା । ଯଦି ଆମେ ଏହି ଅଭିବୃଦ୍ଧିକୁ ଦେଖିବା, ତେବେ ଗ୍ରାମାଞ୍ଚଳର ହାରାହାରି ମାସିକ ଘରୋଇ ଖର୍ଚ୍ଚରେ ୧୬୪ ପ୍ରତିଶତ ବୃଦ୍ଧି ଦେଖିବାକୁ ମିଳିଛି । ଅପରପକ୍ଷେ ସହରାଞ୍ଚଳରେ ଲୋକଙ୍କ ବ୍ୟୟରେ ୧୪୬ ପ୍ରତିଶତ ବୃଦ୍ଧି ପାଇଛି । ଏନ୍‌ଏସ୍‌ଏସ୍‌ଓ ସାଧାରଣତଃ ପ୍ରତି ୫ ବର୍ଷରେ ଏହି ସଂଖ୍ୟାଗୁଡ଼ିକୁ ପ୍ରକାଶ କରିଥାଏ ।

**ପଶ୍ଚିମବଙ୍ଗର ସନ୍ଦେଶଖାଲିରେ ଅଦ୍ଭୁତ ପରିସ୍ଥିତି**

# ପୂର୍ବତନ ମୁଖ୍ୟ ବିଚାରପତି, ଆଇପିଏସ୍‌ଙ୍କୁ ବାନ୍ଧିଲା ପୁଲିସ

■ **କୋଲକାତା, ୨୫।୨ (ଏଜେନ୍ସି):** ପଶ୍ଚିମବଙ୍ଗର ସନ୍ଦେଶଖାଲିରେ ସ୍ଥିତି ଅଶାନ୍ତ ରହିଥିବା ବେଳେ ରବିବାର ଏକ ଭିନ୍ନ ଘଟଣା ଦେଖିବାକୁ ମିଳିଛି । ଏଠାକାର ସ୍ଥିତି ପରଖିବା ପାଇଁ ଆସିଥିବା 'ଫାକ୍ଟ ଫାଇଣ୍ଡିଂ' ଟିମ୍‌ର ସଦସ୍ୟମାନଙ୍କୁ ପୁଲିସ ଗିରଫ କରିଛି । ଗିରଫ ହୋଇଥିବା ସଦସ୍ୟମାନଙ୍କ ମଧ୍ୟରେ ପାଟନା ହାଇକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ଜଷ୍ଟିସ୍ ଏଲ ନରସିଂହା ରେଡ୍ଡି, ପୂର୍ବତନ ଆଇପିଏସ୍ ରାଜପାଲ ସିଂ, ପୂର୍ବତନ ଜାତୀୟ ମହିଳା କମିସନ ସଦସ୍ୟ ଚାରୁୱାଲି ଖାନ୍ନା ଏବଂ ବରିଷ୍ଠ ଆଇନଜୀବୀ ଭାବନା ବଜାଜ ରହିଥିବା ଜଣାପଡ଼ିଛି । ଏହି ୪ ସଦସ୍ୟଙ୍କୁ ନେଇ ଗଠିତ ଫାକ୍ଟ ଫାଇଣ୍ଡିଂ ଟିମ୍ ରବିବାର ସକାଳେ ସନ୍ଦେଶଖାଲି ଅଞ୍ଚଳର ପୀଡିତାଙ୍କୁ ଭେଟିବାକୁ ଯାଇଥିବା ବେଳେ ପୁଲିସ ସେମାନଙ୍କୁ ଅଟକାଇଥିଲା । ଏଠାରେ ୧୪୪ ଧାରା ଲାଗୁ କରାଯାଇଥିବାରୁ ସେମାନଙ୍କୁ ସେଠାକୁ ଯିବାକୁ ଦିଆଯାଇପାରିବନି ବୋଲି ପୁଲିସ କହିଥିଲା । କିନ୍ତୁ ସମସ୍ତେ ଏକାଠି ନ ଯାଇ ଜଣ ଜଣ କରି ଯିବାକୁ ଉକ୍ତ ଟିମ୍ କହିଥିଲେ ହେଁ ପୁଲିସ ସେମାନଙ୍କ କଥା ଶୁଣି ନଥିଲା । ପୁଲିସର ଏଭଳି ଆଭିମୁଖ୍ୟକୁ ବିରୋଧ କରି ଟିମ୍ ସଦସ୍ୟମାନେ ରାସ୍ତାରେ ଧାରଣା ଦେଇଥିଲେ । ଏହାପରେ ସେଠାରେ ହଙ୍ଗାମା ହେବା ପରେ ପୁଲିସ ସମସ୍ତ ସଦସ୍ୟଙ୍କୁ ଗିରଫ କରିଥିବା ଜଣାପଡ଼ିଛି । ପୁଲିସ ଜାଣିଶୁଣି ଆମକୁ ଅଟକାଇ ସମସ୍ୟା ସୃଷ୍ଟି କରୁଛି ବୋଲି ଟିମ୍ ସଦସ୍ୟମାନେ କହିଛନ୍ତି । ପୁଲିସ କ'ଣ ପାଇଁ ଏଠାକାର ପୀଡିତାମାନଙ୍କୁ ଭେଟିବାକୁ ଦେଉ ନାହିଁ ବୋଲି ସେମାନେ ପ୍ରଶ୍ନ କରିବା ସହିତ ଏହାର ଉତ୍ତର ରଖିବା ଉଚିତ ବୋଲି ଟିମ୍ ସଦସ୍ୟମାନେ କହିଛନ୍ତି ।



# ଗୋଳାବାରୁଦ କାରଖାନାରେ ବିସ୍ଫୋରଣ

**୧୦ କିମି ଅଞ୍ଚଳରେ ଖେଳିଗଲା ଆଲୋକ; ଉଡ଼ିଗଲା ଗୋଦାମଘର ଛାତ**



■ **ବଲାଙ୍ଗିର/ସଇଁତଳା, ୨୫।୨ (ସମିସ):** ବଲାଙ୍ଗିର ଜିଲ୍ଲା ସଇଁତଳା ଅଧୀନ ବଡ଼ମାଲ ଗୋଳାବାରୁଦ କାରଖାନାରେ ଏକ ବଡ଼ ଧରଣର ବିସ୍ଫୋରଣ ଘଟିଛି । ବିସ୍ଫୋରଣଟି ଏତେ ଜୋର ଥିଲାଯେ ପ୍ରାୟ ୧୦ କିମି ଅଞ୍ଚଳରେ ଏହାର ଆଲୋକ ଦେଖିବାକୁ ମିଳିଥିଲା । ଆଖପାଖ ଗାଁରେ ଲୋକେ ବିସ୍ଫୋରଣର ଶବ୍ଦ ଶୁଣି ଭୟଭୀତ ହୋଇଯାଇଥିଲେ । ରବିବାର ସନ୍ଧ୍ୟାରେ ଏହି ଦୁର୍ଘଟଣା ଘଟିଛି । ଛୁଟିଦିନ ହୋଇଥିବାରୁ ବିସ୍ଫୋରଣର କାରଣ ଓ କ୍ଷୟକ୍ଷତି ସମ୍ପର୍କରେ ସୂଚନା ମିଳିପାରି ନାହିଁ । ଗୋଳାବାରୁଦ କାରଖାନାର ୧୭ ନମ୍ବର ୟୁନିଟର ୧୨ ନମ୍ବର ଗୋଦାମରେ ଏହି ବିସ୍ଫୋରଣ ଘଟିଛି । ସେଠାରେ ବିସ୍ଫୋରକ ସାମଗ୍ରୀ ରଖାଯାଇଥିବା ସୂଚନା ରହିଛି । ବିସ୍ଫୋରଣରେ ଗୋଦାମ ଘରର ଛାତ ଉଡ଼ିବା ସହିତ ଘରଟି ସମ୍ପୂର୍ଣ୍ଣ ଭାଙ୍ଗିଯାଇଥିବା ଜଣାପଡ଼ିଛି । ଖବର ଲେଖାହେବା ପର୍ଯ୍ୟନ୍ତ ଅଗ୍ନିକାଣ୍ଡ ଜାରି ରହିଥିବାବେଳେ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚିଛନ୍ତି । ଏ ସମ୍ପର୍କରେ ଗୋଳୋବାରୁଦ କାରଖାନା କର୍ତ୍ତୃପକ୍ଷଙ୍କ ଠାରୁ କୌଣସି ସୂଚନା ହସ୍ତଗତ ହୋଇ ନାହିଁ ।

# ବୀରମହାରାଜପୁରକୁ ଏନ୍‌ଏସି ମାନ୍ୟତା

■ **ଭୁବନେଶ୍ୱର, ୨୫ ।୨ (ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ସବ୍‌ଡିଭିଜନ ମୁଖ୍ୟାଳୟକୁ ମିଳିଛି ବିଜ୍ଞପିତ ଅଞ୍ଚଳ ପରିଷଦ (ଏନ୍‌ଏସି) ମାନ୍ୟତା । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ଏ ସଂକ୍ରାନ୍ତରେ ବିଧିବଦ୍ଧ ଘୋଷଣା କରିଛନ୍ତି । ଶନିବାର ରାଜ୍ୟର ୨୦ଟି ଜିଲ୍ଲାରେ ୩୪ଟି ନୂତନ ବିଜ୍ଞପିତ ଅଞ୍ଚଳ ପରିଷଦ ଗଠନ ଏବଂ ୪ଟି ଜିଲାର ୫ଟି ଏନଏସି ମ୍ୟୁନିସିପାଲିଟିକୁ ଉନ୍ନୀତ କରାଯିବା ନେଇ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ । ବୀରମହାରାଜପୁର ଏଥିରେ ସାମିଲ ହେବା ଦ୍ୱାରା ନୂଆ ଏନ୍‌ଏସି ସଂଖ୍ୟା ୩୫ରେ ପହଞ୍ଚିଛି । ରାଜ୍ୟରେ ପୂର୍ବରୁ ୪୮ଟି ମ୍ୟୁନିସିପାଲଟି ଏବଂ ୬୧ଟି ଏନଏସି ଥିଲା । ଶନିବାର ଏବଂ ଆଜିର ଘୋଷଣାକୁ ମିଶାଇଲେ ରାଜ୍ୟରେ ମ୍ୟୁନିସିପାଲିଟି ସଂଖ୍ୟା ୫୩ରେ ପହଞ୍ଚିଥିବା ବେଳେ ଏନଏସି ସଂଖ୍ୟା ୯୧ରେ ପହଞ୍ଚିଛି । ୫ଟି ମହାନଗର ନିଗମକୁ ମିଶାଇଲେ ରାଜ୍ୟରେ ମୋଟ ପୌରସଂସ୍ଥା ସଂଖ୍ୟା ୧୪୯ରେ ପହଞ୍ଚିଛି ।

# ବୟନଶିଳ୍ପରେ ବିପ୍ଳବ ଆଣିବ 'ୱେଲ୍‌ସ୍ପନ୍'




**• ସୃଷ୍ଟି ହେବ ୧୦ ହଜାରରୁ ଊର୍ଦ୍ଧ୍ୱ ପ୍ରତ୍ୟକ୍ଷ ନିଯୁକ୍ତି ସୁଯୋଗ**
**• ନିବେଶକଙ୍କୁ ଆକୃଷ୍ଟ କରୁଛି ଶିଳ୍ପ ଅନୁକୂଳ ପରିବେଶ**
**• ରାଜ୍ୟରେ ଶିଳ୍ପ ପ୍ରତିଷ୍ଠା ପାଇଁ ସରକାର ଦେଉଛନ୍ତି ପ୍ରୋତ୍ସାହନ**

■ **ଭୁବନେଶ୍ୱର, ୨୫ ।୨ (ସମିସ):** ଗତ ୧୭ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କଟକର ଚୌଦ୍ୱାରଠାରେ ବିଶ୍ୱ ପ୍ରସିଦ୍ଧ ବୟନଶିଳ୍ପ କମ୍ପାନୀ ୱେଲସ୍ପନର ଟେକ୍ସଟାଇଲ କମ୍ପ୍ଲେକ୍ସ ପାଇଁ ଭିତ୍ତି ପ୍ରସ୍ତର ସ୍ଥାପନ କରିଛନ୍ତି । ଏହି ପ୍ରକଳ୍ପରେ ମୋଟ ୩୦୫୦ କୋଟି ଟଙ୍କା ବିନିଯୋଗ ହେବ ଓ ୧୦ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି ହେବ । ଏହି ନିବେଶ ରାଜ୍ୟର ବୟନଶିଳ୍ପର ଭବିଷ୍ୟତକୁ ସମୃଦ୍ଧ କରିବ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି । ରାଜ୍ୟ ସରକାରଙ୍କ ସ୍ୱତନ୍ତ୍ର ଶିଳ୍ପ ତଥା ବୟନଶିଳ୍ପ ନୀତି ଏହି କ୍ଷେତ୍ରରେ ନିବେଶ ପାଇଁ ନିବେଶକଙ୍କୁ ଆକୃଷ୍ଟ କରୁଥିବା ବେଳେ ଆଗାମୀ ଦିନରେ ବୟନଶିଳ୍ପ କ୍ଷେତ୍ରରେ ଓଡ଼ିଶା ବେଶ୍ ସମୃଦ୍ଧ ହୋଇ ପାରିବ ବୋଲି ଆଶା ସଞ୍ଚାର ହୋଇଛି ।

ଚୌଦ୍ୱାରରେ ପୂର୍ବରୁ କାର୍ଯ୍ୟକ୍ଷମ ଓଡ଼ିଶା ଟେକ୍ସଟାଇଲ ମିଲ୍‌ର ସୁଖ୍ୟାତି ଶିଖର ଛୁଇଁଥିଲା । ଉତ୍ତମ ଉତ୍ପାଦ ପ୍ରସ୍ତୁତ କରିବାରେ ଓଡ଼ିଶାର ଇତିହାସ ରହିଛି । ସେହି ମାଟିରେ ଟେକ୍ସଟାଇଲ୍ କମ୍ପ୍ଲେକ୍ସ ସ୍ଥାପନ ଚୌଦ୍ୱାରର ହୃତ ଗୌରବ ଫେରାଇ ଅଣାଯିବା ସହ ବିପୁଳ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାକୁ ସରକାର ପ୍ରକ୍ରିୟା ଆରମ୍ଭ କରିଛନ୍ତି । ବୟନଶିଳ୍ପ କ୍ଷେତ୍ରରେ ଓଡ଼ିଶାରେ ପର୍ଯ୍ୟାପ୍ତ ସମ୍ଭାବନା ରହିଛି । ବିଶେଷକରି ରାଜ୍ୟ ସରକାରଙ୍କ ଟେକ୍ସଟାଇଲ ନୀତି ୨୦୨୨ ଏହି କ୍ଷେତ୍ରରେ ନିବେଶ ପାଇଁ ନିବେଶକଙ୍କୁ ଆକୃଷ୍ଟ କରିବାରେ ବହୁମାତ୍ରାରେ ସଫଳ ହୋଇଥିବା ଆଲୋଚନା ହେଉଛି । ଓଡ଼ିଶାର ବର୍ତ୍ତମାନ ହସ୍ତତନ୍ତ ଏବଂ ବୟନଶିଳ୍ପ ବଜାର ପ୍ରାୟ ୬୦୦ କୋଟି ଟଙ୍କାରୁ ଉଦ୍ଧ୍ୱର୍ ମୂଲ୍ୟର ହୋଇଥିବା ବେଳେ ପ୍ରାୟ ୨.୫ ଲକ୍ଷ କାରିଗର ଏହାସହ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବେ ଜଡ଼ିତ ଅଛନ୍ତି । ଉପରୋକ୍ତ ନୀତି ପ୍ରଣୟନ ପରେ ଓଡ଼ିଶାର ଏହି ବୟନଶିଳ୍ପ ବଜାରର ଆକାର ବହୁଗୁଣିତ ହେବା ସହ ରାଜ୍ୟ ବାହାରେ ଥିବା ଓଡ଼ିଆ ଶ୍ରମିକ ଘରକୁ ଫେରିଆସିବେ ବୋଲି ସାଧାରଣରେ ଆଶା ପ୍ରକାଶ ପାଇଛି । ଅନୁରୂପ ଭାବରେ ରାଜ୍ୟରେ ଉତ୍ପାଦିତ ହେଉଥିବା କପା ଓ ବୟନ ସାମଗ୍ରୀର ମଧ୍ୟ ଉପଯୁକ୍ତ ବିନିଯୋଗ ହୋଇପାରିବ । ନିକଟ ଅତୀତରେ ରାଜ୍ୟର ଶିଳ୍ପ ଅନୁକୂଳ ନୀତି, ଶୃଙ୍ଖଳିତ ଆଇନ ଶୃଙ୍ଖଳା ପରିସ୍ଥିତି, କଞ୍ଚାମାଲର ଉପଲବ୍ଧତା , ସିଙ୍ଗଲ ୱିଣ୍ଡୋ ବ୍ୟବସ୍ଥା ସର୍ବୋପରି ନିବେଶକଙ୍କୁ ଆକୃଷ୍ଟ କରିବା ପାଇଁ ସରକାରୀ ରିଆତି ଏବଂ ମେକ୍ ଇନ୍ ଓଡ଼ିଶା କାର୍ଯ୍ୟକ୍ରମ ଯୋଗୁଁ ଓଡ଼ିଶା ଏବେ ▶ପୃଷ୍ଠା-୧୦

## ଲୋକକଥା



ନୂଆ ମ୍ୟୁନିସିପାଲ୍ଟି, ଏନ୍‌ଏସି ହୋଇଲା
ଶାସନ ସରଳ କରିବା ପାଇଁ,
ଜନତାଏ ହରକତ ହେବେନାହିଁ
ଧାଇଁ ଧାଇଁ ଥକି ପଡ଼ିବେ ନାହିଁ !
ଲୋକଙ୍କୁ ସୁବିଧା ଯୋଗେଇ ଦେଇ,
ପ୍ରଗତିର ଗତି ତ୍ୱରାନ୍ୱିତ ହୁଏ
'ଶଙ୍ଖ' ସବୁ ଦୁଃଖ ନିଏ ହରେଇ !!

**ବିକାଶ ଓ ବିଶ୍ୱାସ**

# ୨୦୨୪ରେ ଐତିହାସିକ ବିଜୟ

■ **ଭୁବନେଶ୍ୱର, ୨୫ ।୨ (ସମିସ):** ରାଜ୍ୟରେ ରୂପାନ୍ତରଣ ପର୍ବ ଜାରି ରହିଥିବା ବେଳେ ଏକ ନୂଆ ଓଡ଼ିଶା ଗଠନ ପଥେ ଓଡ଼ିଶା ଅଗ୍ରସର ହେଉଛି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସୁଶାସନକୁ ସାଧାରଣ ଲୋକେ ବାରମ୍ବାର ସ୍ୱୀକୃତି ପ୍ରଦାନ କରି ଆସିଛନ୍ତି ଓ ଆସନ୍ତା ସାଧାରଣ ନିର୍ବାଚନରେ ଏହାର ପୁନରାବୃତ୍ତି ଘଟିବ ବୋଲି ବିଭିନ୍ନ ସର୍ଭେ ସଂସ୍ଥା ପକ୍ଷରୁ ଆକଳନ ପ୍ରକାଶ ପାଉଛି । ବିଜେଡି ପ୍ରତି ସାଧାରଣ ଲୋକଙ୍କ ଆକର୍ଷଣ ଏବଂ ସମର୍ଥନ ଆକାଶଛୁଆଁ ହୋଇଥିବା ବେଳେ ଦଳ ପକ୍ଷରୁ ନିର୍ବାଚନ ଲଢ଼ିବାକୁ ପ୍ରାୟ ୧୦ ହଜାର ବ୍ୟକ୍ତିବିଶେଷ ଆଗ୍ରହ ପ୍ରକାଶ କରି ଆବେଦନ କରିଛନ୍ତି । ଏହା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆକାଶଛୁଆଁ ଲୋକପ୍ରିୟତା ଏବଂ ସାଧାରଣ ଲୋକଙ୍କ ଭଲପାଇବାକୁ ପ୍ରମାଣିତ କରୁଛି । ଆସନ୍ତା ନିର୍ବାଚନରେ ସାଢ଼େ ୪ କୋଟି ଓଡ଼ିଶାବାସୀଙ୍କ ଆଶୀର୍ବାଦ ବଳରେ ବିଜୁ ଜନତା ଦଳ ଐତିହାସିକ ବିଜୟ ଲାଭ କରିବ ବୋଲି ମତବ୍ୟକ୍ତ କରିଛନ୍ତି ବିଜେଡି ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ । ରାଜ୍ୟର ବିକାଶ ଓ ମୁଖ୍ୟମନ୍ତ୍ରୀଙ୍କ ପ୍ରତି ରାଜ୍ୟବାସୀଙ୍କ ବିଶ୍ୱାସ ବିଜେଡିକୁ ବିପୁଳ ବିଜୟ ଦେବ ବୋଲି କହିଛନ୍ତି ପ୍ରଣବପ୍ରକାଶ ।

**ବିଜେଡି ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶଙ୍କ ଦୃଢ଼ୋକ୍ତି**



**ଦଳୀୟ ଟିକେଟ ପାଇଁ ଆବେଦନ କରିଛନ୍ତି ୧୦ ହଜାରରୁ ଅଧିକ**

**ମୁଖ୍ୟମନ୍ତ୍ରୀଙ୍କ ପ୍ରତି ବର୍ଦ୍ଧିତ ସମର୍ଥନ ଓ ଭଲପାଇବାର ପ୍ରମାଣ**

**ଆବେଦନକାରୀଙ୍କ ମଧ୍ୟରେ ଜାତୀୟ ଦଳର ନେତା ଓ ବହୁ ବୃତ୍ତିଧାରୀ**

ସାମାଜିକ ଗଣମାଧ୍ୟମରେ 'ଏକ୍ସ'ରେ ଶ୍ରୀ ଦାସ କହିଛନ୍ତି ଯେ ବିଗତ କିଛି ବର୍ଷ ଧରି ଜାତୀୟସ୍ତରର ସବୁ ସର୍ଭେ ରିପୋର୍ଟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଦେଶର ୧ନମ୍ବର ମୁଖ୍ୟମନ୍ତ୍ରୀର ମାନ୍ୟତା ଓ ଗୌରବ ପ୍ରଦାନ କରିଛି । ସେହିଭଳି ୨୦୨୨ ପଞ୍ଚାୟତ ନିର୍ବାଚନରେ ୫୨ ପ୍ରତିଶତରୁ ଅଧିକ ଭୋଟ ହାର ସାଙ୍ଗକୁ ୩୦ ରୁ ୩୦ ଜିଲ୍ଲା ପରିଷଦରେ ଜିତାଇ, ବିଜୁ ଜନତା ଦଳ ଯେ ଓଡ଼ିଶାର ୧ ନମ୍ବର ରାଜନୈତିକ ଦଳ ତାହା ଓଡ଼ିଶାବାସୀ ପ୍ରମାଣିତ କରିଛନ୍ତି । ଏହା ସାଢ଼େ ୪ କୋଟି ଓଡ଼ିଶାବାସୀଙ୍କ ବିଜୁ ଜନତା ଦଳ ଓ ମୁଖ୍ୟମନ୍ତ୍ରୀଙ୍କ ପ୍ରତି ଭଲପାଇବାକୁ ପ୍ରତିପାଦିତ କରୁଛି । ୨୦୨୪ ସାଧାରଣ ନିର୍ବାଚନରେ ଦଳୀୟ ଟିକେଟ ପାଇଁ ୧୦ ହଜାରରୁ ଅଧିକ ଆବେଦନ ଦଳ ନିକଟରେ ପହଞ୍ଚିଛି । ଅତ୍ୟନ୍ତ ଖୁସିର କଥା ଯେ ବହୁ ସଂଖ୍ୟକ ବୃତ୍ତିଧାରୀ ଏବଂ ଜାତୀୟ ରାଜନୈତିକ ଦଳମାନଙ୍କର ନେତାମାନେ ମଧ୍ୟ ବିଜେଡି ଟିକେଟ ପାଇଁ ଆବେଦନ କରୁଛନ୍ତି । ଆମର ▶ପୃଷ୍ଠା-୧୦

# ମିଲ୍‌ରେ ମୁଣ୍ଡ କଟି ମହିଳା ମୃତ



କ୍ଷତିପୂରଣ ଦାବିରେ ରାସ୍ତାରୋକ

■ **ସିନାପାଲି, ୨୫।୨ (ସମିସ):** ସିନାପାଲି ବ୍ଲକ ଅନ୍ତର୍ଗତ ଟିମନପୁର ଗ୍ରାମରେ ଏକ ଅଘଟଣ ଘଟି ଜଣେ ମହିଳାଙ୍କର ଚୂଡ଼ା ମିଲରେ ଶାଢ଼ୀ ଲାଗିଯାଇ ମୁଣ୍ଡ କଟି ମୃତ୍ୟୁ ହୋଇଛି । ମୃତ ମହିଳା ଜଣକ ହିରାପୁର ଗ୍ରାମର ତୁଳସା ବନ୍ଦିଚୋର (୩୫) ବୋଲି ଜଣାପଡିଛି । ପ୍ରକାଶ ଯେ ତୁଳସା ରବିବାର ସକାଳ ୧୦ଟା ସମୟରେ ଟିମନପୁର ଠାରେ ଥିବା ଏକ ମିଲ୍‌କୁ ଚୂଡ଼ା ଓ ଭୂଜା ପ୍ରସ୍ତୁତ କରିବା ପାଇଁ ଆସିଥିଲେ । ଘରେ ବିବାହ କାର୍ଯ୍ୟ ଥିବାରୁ ତୁଳସା ତାଙ୍କ ସ୍ୱାମୀଙ୍କୁ ଘରକୁ ଚାଲିଯିବାକୁ କହିଥିଲେ । ଉକ୍ତ ମହିଳା ମିଲ୍‌ରେ ଖାଦ୍ୟ ସାମଗ୍ରୀ ପ୍ରସ୍ତୁତ କରୁଥିବା ବେଳେ ଅସାବଧାନତା କାରଣରୁ ତାଙ୍କ ଶାଢ଼ୀ ମେସିନରେ ଲାଗି ଯିବାରୁ ସେ ଟାଣି ହୋଇଯାଇଥିଲେ । ଫଳରେ ମେସିନରେ ▶ପୃଷ୍ଠା-୧୦





## ବାରବାଟୀ ଷ୍ଟାଡିୟମ ନବକଳେବର ପ୍ରସଙ୍ଗ

# ଭିତ୍ତିହୀନ ତଥ୍ୟ ଦେଇ ଲୋକଙ୍କୁ ଭୁଆଁ ବୁଲାଯାଉଛି: ଆଶୀର୍ବାଦ

**କଟକ,୨୫।୨(ସମିସ):** କଟକକୁ ଶ୍ରୀହୀନ କରିବାକୁ ପୂର୍ବରୁ ଅନେକ ଉଦ୍ୟମ ହୋଇଥିଲା। ଯେଉଁ କେତେକ ଗୋଷ୍ଠୀ ଏହି ଉଦ୍ୟମ କରିଥିଲେ ସେମାନେ ସଫଳ ହୋଇନାହାନ୍ତି। ଆଉ ଏକ ଷ୍ଟାଡିୟମ ନିର୍ମାଣ କରିବାକୁ ଜମି ମାପଚୁପ କରିବାକୁ ଆଗଭର ହୋଇଥିଲେ। ଏବେ ବି କଟକକୁ ଶ୍ରୀହୀନ କରିବାକୁ ଚକ୍ରାନ୍ତ ଜାରି ରହିଛି। ରାଜ୍ୟ ସରକାର ବାରବାଟୀ ଷ୍ଟାଡିୟମର ନବୀକରଣ ନେଇ ଯେଉଁ ଯୋଜନା କରିଛନ୍ତି ତାହା ଉପରେ ଆଙ୍ଗୁଳି ଉଠାଉଛନ୍ତି। ଭିତ୍ତିହୀନ ତଥ୍ୟ ଦେଇ ଗୁଜବ ସୃଷ୍ଟି କରିବା ସହ ଲୋକଙ୍କୁ ଭୁଆଁ ବୁଲାଉଛନ୍ତି। ରବିବାର ଓସିଏ ସମ୍ମିଳନୀ କକ୍ଷରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଓଡ଼ିଶା ଆଥଲେଟିକ ସଂଘର ସମ୍ପାଦକ ତଥା ରାଜ୍ୟର ବରିଷ୍ଠ କ୍ରୀଡ଼ା ସଙ୍ଗଠକ ଆଶୀର୍ବାଦ ବେହେରା ଏଭଳି କଥା କହିଛନ୍ତି। ସିଧାସଳଖ ନହେଲେ ବି ଆଶୀର୍ବାଦ ପରୋକ୍ଷ ଭାବେ ବିରୋଧୀଙ୍କୁ ଟାର୍ଗେଟ କରିଛନ୍ତି। ବାରବାଟୀ-କଟକ ବିଧାୟକ ଇଂ ମହମ୍ମଦ ମୋକିମ୍ ଶନିବାର ଏକ ସାମ୍ବାଦିକ ସମ୍ମିଳନୀ ଡାକି ବାରବାଟୀ ଷ୍ଟାଡିୟମର ନବୀକରଣ ପ୍ରସଙ୍ଗରେ ବିଭିନ୍ନ ମନ୍ତବ୍ୟ ରଖିଥିଲେ। କିନ୍ତୁ ଆଶୀର୍ବାଦ ଆଜି ବାରବାଟୀ ଷ୍ଟାଡିୟମ ନବୀକରଣର ଆବଶ୍ୟକତା ଥିବା କହିଛନ୍ତି।

କ୍ରୀଡ଼ା ସଂଗଠନ କ୍ଷେତ୍ରରେ ଆଶୀର୍ବାଦ ବେହେରାଙ୍କର ଦୀର୍ଘବର୍ଷର ଅଭିଜ୍ଞତା ରହିଛି। ୧୯୮୮ ମସିହାରେ ଆଶୀର୍ବାଦ ରାଜ୍ୟ ଅଲିମ୍ପିକ




ସଂଘର ସମ୍ପାଦକ ପଦବୀରେ ଅବସ୍ଥାପିତ ହୋଇଥିଲେ। ୨୦୦୦ ମସିହାରେ ସେ ଓଡ଼ିଶା କ୍ରିକେଟ ସଂଘ ସମ୍ପାଦକ ଦାୟିତ୍ୱରେ ରହିଥିଲେ। ନିଜ ଅନୁଭୂତି ଓ ଅଭିଜ୍ଞତା ବର୍ଣ୍ଣନା କରି ଶ୍ରୀ ବେହେରା କହିଛନ୍ତି ଯେ ଭୈରବ ଚନ୍ଦ୍ର ମହାନ୍ତି ଓ ଡଃ ହରେକୃଷ୍ଣ ମହତାବଙ୍କ ଉଦ୍ୟମରେ ବାରବାଟୀ ରାଫେଲ୍ସ ନାମକ ଲଟେରୀ ମାଧ୍ୟମରେ କ୍ରୀଡ଼ାପ୍ରେମୀ ଜନସାଧାରଣଙ୍କ ସହାୟତାରେ ବାରବାଟୀ ଷ୍ଟାଡିୟମ ନିର୍ମାଣ ହୋଇଥିଲା। ସେତେବେଳେ ପ୍ରତ୍ୟେକଙ୍କ ଠାରୁ ୧ଟଙ୍କା ଲେଖାଏ ଆଦାୟ ହୋଇଥିଲା। ପ୍ରାଥମିକ ପର୍ଯ୍ୟାୟରେ ୬ଟି ଗ୍ୟାଲେରୀ, କ୍ଲବ ହାଉସ ଓ ଡର୍ମିଟୋରୀ ନିର୍ମିତ ହୋଇଥିଲା। ଡର୍ମିଟୋରୀ ଏବେ ସାଇ ହଷ୍ଟେଲ ଭାବେ ବ୍ୟବହାର କରାଯାଉଛି। ୧୯୮୫ ମସିହାରେ ସ୍ୱର୍ଗତଃ ବସନ୍ତ ବିଶ୍ୱାଳଙ୍କ ଉଦ୍ୟମରେ ଗ୍ୟାଲେରୀ ନଂ-୭ ନିର୍ମାଣ ହୋଇଥିଲା। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ସହାୟତାରେ ଓସିଏ ଅନ୍ୟ ବିକାଶମୂଳକ କାର୍ଯ୍ୟ କରିଛି। ତେବେ ଏହା ଭିତରୁ ଅନେକ କିଛି ବିପଦସଙ୍କୁଳ ଅବସ୍ଥାକୁ ଚାଲି ଆସିଲାଣି। ଗ୍ୟାଲେରୀ ନଂ-୭, ଯାହାକି ସାମୁଦ୍ରିକ ଝଡ଼ ଫନୀ ପ୍ରଭାବରେ କ୍ଷତିଗ୍ରସ୍ତ ହୋଇଥିଲା। ଏହା ବିପଦସଙ୍କୁଳ ଘୋଷିତ ହେବା ସହ କିଛି ବର୍ଷ ଏଠାକୁ ଦର୍ଶକଙ୍କୁ ପ୍ରବେଶ ଅନୁମତି ମିଳୁ ନ ଥିଲା। ଷ୍ଟାଡିୟମଟି ୬୦ବର୍ଷରୁ ଅଧିକ ପୁରୁଣା। ଆଗାମୀ ୫୦ବର୍ଷକୁ ଲକ୍ଷ୍ୟରେ ରଖି ଷ୍ଟାଡିୟମର ନବକଳେବର ପାଇଁ ରାଜ୍ୟ ସରକାର ଯୋଜନା କରୁଛନ୍ତି। ରାଜ୍ୟ ସରକାରଙ୍କ ନିଷ୍ପତ୍ତିକୁ ବିରୋଧ କରୁଥିବା ବ୍ୟକ୍ତିବିଶେଷ ଭାରତ ବର୍ଷରେ ରହିଥିବା ଅନ୍ୟ ଷ୍ଟାଡିୟମଗୁଡିକୁ ଦେଖନ୍ତୁ। ବିସିସିଆଇ, ରାଜ୍ୟ ସରକାର ଏବଂ ଓସିଏର ଉଦ୍ୟମରେ ବାରବାଟୀ ଷ୍ଟାଡିୟମର ଯେଉଁ ନବୀକରଣ କାର୍ଯ୍ୟ ହେବ, ତଦ୍ୱାରା ଷ୍ଟାଡିୟମର ରୂପରେଖ ବଦଳିବ। ସମଗ୍ର ବିଶ୍ୱରେ ଏହାର ପରିଚୟକୁ ଆହୁରି ସମୃଦ୍ଧ କରିବ। ଏଣୁ ରାଜ୍ୟ ସରକାରଙ୍କ ନିଷ୍ପତ୍ତିକୁ ସମସ୍ତେ ସମର୍ଥନ ଜଣାଇବା ଉଚିତ ବୋଲି ଆଶୀର୍ବାଦ କହିଛନ୍ତି। ଐତିହ୍ୟ ନାମରେ ପ୍ରକୃତ ତଥ୍ୟ ଓ ଉଦ୍ଦେଶ୍ୟକୁ ବୁଝି ନପାରି କିଛି ବ୍ୟକ୍ତିବିଶେଷ ମିଥ୍ୟା ଓ ମନଗଢ଼ା ମନ୍ତବ୍ୟ ଦେଉଛନ୍ତି ବୋଲି ସେ କହିଛନ୍ତି। ଏହି ପରିପ୍ରେକ୍ଷୀରେ ବାରବାଟୀର ନବକଳେବର ଯୋଜନା ନିମନ୍ତେ ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, '୫-ଟି' ଓ 'ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ, ଓସିଏ ସଭାପତି ପ୍ରଣବ ପ୍ରକାଶ ଦାସ, କ୍ରୀଡ଼ା ସଚିବ ଆର୍ ଭିନୀଲ କ୍ରିଷ୍ଣାଙ୍କୁ କୃତଜ୍ଞତା ଜଣାଇଛନ୍ତି।

- ରାଜ୍ୟ ସରକାରଙ୍କ ପଦକ୍ଷେପକୁ ସମର୍ଥନ ଜଣାଇବା ଉଚିତ୍
- କଟକକୁ ଶ୍ରୀହୀନ କରିବାକୁ ଚକ୍ରାନ୍ତ ହେଉଥିଲା, ଏବେବି ହେଉଛି

# ସବୁ ପଞ୍ଜିକୃତ ଡାକ୍ତରଖାନାର ଶଯ୍ୟା ମ୍ୟାପିଂ ଆରମ୍ଭ

- ମୁହୂର୍ତ୍ତକ ମଧ୍ୟରେ ଜଣାପଡ଼ିବ ଖାଲି ଶଯ୍ୟା ସମ୍ପର୍କିତ ସୂଚନା
- ମୋବାଇଲ ଆପ୍ ଜରିଆରେ ରୋଗୀ ଜାଣିପାରିବେ ତଥ୍ୟ

**ଭୁବନେଶ୍ୱର, ୨୫।୨(ସମିସ):** ଲୋକଙ୍କ ହିତ ଦୃଷ୍ଟିରୁ ସରକାର କେବଳ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ)ରେ ପର୍ଯ୍ୟାୟ କ୍ରମିକ ସମ୍ପ୍ରସାରଣ କରୁ ନାହାନ୍ତି ବରଂ ରୋଗୀଙ୍କ ସମସ୍ୟା ଦୂର ପାଇଁ ଗୋଟିଏ ପରେ ଗୋଟିଏ ପଦକ୍ଷେପ ନେଉଛନ୍ତି। ଏହି କ୍ରମରେ ରୋଗୀମାନଙ୍କର ଏକ ବଡ଼ ସମସ୍ୟା ଦୂର କରିବାକୁ ଯାଉଛନ୍ତି ରାଜ୍ୟ ସରକାର। ଏଣିକି ରୋଗୀ ବିଏସ୍‌କେୱାଇ ପଞ୍ଜିକୃତ ଡାକ୍ତରଖାନାରେ ଶଯ୍ୟା ଖୋଜି ଖୋଜି ନୟାନ୍ତ ହେବେ ନାହିଁ କିମ୍ବା ଚିକିତ୍ସା ବିଳମ୍ବିତ ହେବ ନାହିଁ। ରାଜ୍ୟ ତଥା ରାଜ୍ୟ ବାହାରେ ଥିବା ସମସ୍ତ ପଞ୍ଜିକୃତ ଡାକ୍ତରଖାନାର ଶଯ୍ୟାର ଅନ୍‌ଲାଇନ୍ ମ୍ୟାପିଂ କରାଯିବ। ଫଳରେ ମୋବାଇଲ୍‌ରେ ଆପ୍ ବ୍ୟବହାର କରି କେଉଁ ଡାକ୍ତରଖାନାରେ ଶଯ୍ୟା କିମ୍ବା ଆଇସିୟୁ ଖାଲି ଅଛି ତାହା ତୁରନ୍ତ ଜଣାପଡ଼ିବ। ଫଳରେ ରୋଗୀ ତୁରନ୍ତ ସେଠାରେ ପହଞ୍ଚିବେ ଆଉ ଶୀଘ୍ର ତାଙ୍କର ଚିକିତ୍ସା ଆରମ୍ଭ ହେବ।

ଗରିବ ଲୋକଙ୍କ ପାଇଁ ବିଏସ୍‌କେୱାଇ କୌଣସି ଆଶୀର୍ବାଦ ଠାରୁ କିଛି କମ୍ ନୁହେଁ। ବିଏସ୍‌କେୱାଇଁ ଜରିଆରେ ବଡ଼ ବଡ଼ ଡାକ୍ତରଖାନାରେ ଚିକିତ୍ସା ପାଇବା ପାଇଁ ଗରିବ ଲୋକଟିଏ ସାହସ ଜୁଟାଇପାରୁଛି। ଓଡ଼ିଶା ସମେତ ୧୭ଟି ରାଜ୍ୟରେ ୮୧୬ଟି ପଞ୍ଜିକୃତ ଘରୋଇ ଡାକ୍ତରଖାନାରେ ସରକାର ବିଏସ୍‌କେୱାଇ ହିତାଧିକାରୀଙ୍କ ଚିକିତ୍ସା ବ୍ୟବସ୍ଥା ହୋଇଛି। ରାଜ୍ୟର ୯୯.୩ ଲକ୍ଷ ଗରିବ ପରିବାରର ୩.୫୬ କୋଟି ସଦସ୍ୟଙ୍କୁ ବିଏସ୍‌କେୱାଇ କାର୍ଡ ଦିଆଯାଇଛି। ଆଗକୁ ନବୀନ କାର୍ଡ ଜରିଆରେ ୧ କୋଟିରୁ ଅଧିକ ଲୋକ ବିଏସକେୱାଇରେ ଯୋଡ଼ିହେବେ। ଆହୁରି ଘରୋଇ ଡାକ୍ତରଖାନା ସାମିଲ କରାଯିବ। ତେବେ ବିଏସ୍‌କେୱାଇ ହିତାଧିକାରୀଙ୍କର ବଡ଼ ସମସ୍ୟା ହେଉଛି ଡାକ୍ତରଖାନାରେ ଶଯ୍ୟା। ରୋଗୀଙ୍କ ସହିତ ଡାକ୍ତରଖାନା ସଂଖ୍ୟା ବଢୁଥିଲେ ସୁଦ୍ଧା ଶଯ୍ୟାର ଅଭାବ ଦେଖା ଦେଉଛି। ଫଳରେ ଲୋକେ ରୋଗୀଙ୍କୁ ଧରି ଗୋଟିଏ ଡାକ୍ତରଖାନାରୁ ଆଉ ଗୋଟିଏ ଡାକ୍ତରଖାନା ବୁଲୁଛନ୍ତି। କେଉଁଠି ଶଯ୍ୟା ଖାଲି ଅଛି ତାହା ସୁନିଶ୍ଚିତ କରିବା ସହଜ ନୁହେଁ। ଫଳରେ ସବୁ ବ୍ୟବସ୍ଥା ସତ୍ତ୍ୱେ ଅଧିକାଂଶ ରୋଗୀଙ୍କୁ ଠିକ୍ ସମୟରେ ଚିକିତ୍ସା ମିଳିପାରୁ ନାହିଁ। ଗୁରୁତର ରୋଗୀଙ୍କ କ୍ଷେତ୍ରରେ ପରିସ୍ଥିତି ଜଟିଳ ହୋଇପଡୁଛି। ଏହାର ସମାଧାନ ପାଇଁ ବିଭାଗ ଇତିମଧ୍ୟରେ କାମ ଆରମ୍ଭ କରିଛି। ସୂଚନା ଅନୁସାରେ ଗୋଟିଏ ଆପ୍ ମାଧ୍ୟମରେ କେଉଁ ଡାକ୍ତରଖାନାରେ ଶଯ୍ୟା ଖାଲି ଅଛି ତାହା ତୁରନ୍ତ ଜଣାପଡ଼ିବ। ସେଥିପାଇଁ ବିଭାଗ ସବୁ ଅନୁବନ୍ଧିତ ଡାକ୍ତରଖାନାର ଶଯ୍ୟାକୁ ମ୍ୟାପିଂ (ଅନ୍‌ଲାଇନରେ ତାଲିକା) କରୁଛନ୍ତି। କେତେ ଶଯ୍ୟା ଖାଲି ଅଛି ଓ କେତେ ଶଯ୍ୟାରେ ରୋଗୀ ଅଛନ୍ତି ତାହା ସମ୍ପୃକ୍ତ ଡାକ୍ତରଖାନା ଅପଡେଟ୍ କରିବେ। ଆପ୍‌ରେ ଏହା ଦେଖି ହେବ। ତେଣୁ ଡାକ୍ତରଖାନା ଯିବା ପୂର୍ବରୁ ରୋଗୀ ସମ୍ପର୍କୀୟ ଆପ୍ ମାଧ୍ୟମରେ ଶଯ୍ୟା ଉପଲବ୍ଧତା ସମ୍ପର୍କରେ ସୁନିଶ୍ଚିତ ହୋଇପାରିବେ। ଇ ଓ ଆଇଟି ବିଭାଗ ସହାୟତାରେ ଏପରି ବୈଷୟିକ ସୁବିଧା କରାଯାଉଥିବା ଜଣାପଡ଼ିଛି। ବିଏସ୍‌କେୱାଇ ପଞ୍ଜିକୃତ ରୋଗୀମାନେ ଘରୋଇ ଡାକ୍ତରଖାନା ବୁଲି ବୁଲି ନୟାନ୍ତ ହେଉଥିବା ସମ୍ପର୍କରେ ଅଭିଯୋଗ ଆସିବା ପରେ ସ୍ୱାସ୍ଥ୍ୟ ବିଭାଗ ଏହା ଉପରେ ପଦକ୍ଷେପ ନେବା ଆରମ୍ଭ କରିଛି।

## ■ ନିର୍ବାଚନ ପୂର୍ବରୁ ମାମଲା ଶେଷ କରିବା ଉପରେ ଗୁରୁତ୍ୱ

# ସଠିକ୍ ସମୟରେ ସିଡି, ଚାର୍ଜସିଟ୍ ଦାଖଲ ନିର୍ଦ୍ଦେଶ

**ଭୁବନେଶ୍ୱର,୨୫।୨(ସମିସ):** ଆଗକୁ ନିର୍ବାଚନ ଆସୁଥିବାରୁ ପୁଲିସ ଉପରେ କାର୍ଯ୍ୟ ଚାପ ପଡ଼ିବ। ତେଣୁ ଏହା ପୂର୍ବରୁ ମାମଲାର ତଦନ୍ତ ଶେଷ କରିବାକୁ ପୁଲିସ ଡିଜି ଅରୁଣ ଷଡ଼ଙ୍ଗୀ ସମସ୍ତ ଜିଲ୍ଲା ଏସ୍‌ପି, ଡିସିପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ସମସ୍ତ



ଥାନା ଅଧିକାରୀଙ୍କୁ ଡାକି ଏନେଇ ଆଲୋଚନା କରିବାକୁ ମଧ୍ୟ ସେ ପରାମର୍ଶ ଦେଇଛନ୍ତି। ନିର୍ବାଚନ ସମୟରେ ଆଇନଶୃଙ୍ଖଳା ବଜାୟ ରଖିବା ଓ ଅପରାଧୀମାନଙ୍କୁ ସାବାଡ଼ କରିବାକୁ ମଧ୍ୟ ସେ ଏସ୍‌ପିମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅନେକ ସମୟରେ ପୁଲିସ କୋର୍ଟରେ ସଠିକ୍ ସମୟରେ ସିଡି, ଚାର୍ଜସିଟ୍ ଦାଖଲ କରୁ ନ ଥିବାରୁ ମଧ୍ୟ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ ହୋଇଯାଉଛନ୍ତି। ତେଣୁ ନିର୍ଦ୍ଧାରିତ ସମୟ ମଧ୍ୟରେ ତଦନ୍ତ ଶେଷ କରି ଚାର୍ଜସିଟ୍ ଦାଖଲ କରିବାକୁ ଡିଜି ନିର୍ଦ୍ଦେଶ ଦେଇଛନ୍ତି।

ନ୍ୟାସନାଲ କ୍ରାଇମ୍ ରେକର୍ଡ ବ୍ୟୁରୋ (ଏନ୍‌ସିଆରବି)ର ତଥ୍ୟ ଅନୁସାରେ, ବିଭିନ୍ନ ମାମଲାରେ ୨୦୨୧ରେ ୫୯୨୨୯ ଜଣ ଗିରଫ ହୋଇଥିଲେ। ସେଥିରେ ୫୫୭୭୦ ଜଣ ପୁରୁଷ ରହିଥିବା ବେଳେ ସେଥିରେ ୩୪୫୯ ଜଣ ମହିଳା ରହିଥିଲେ। ସେହିପରି ୧୪୩୨୦୩ଜଣଙ୍କ ବିରୋଧରେ ପୁଲିସ ଚାର୍ଜସିଟ୍ ଦାଖଲ କରିଥିଲା। ୬୮୫ଜଣ ଅଭିଯୁକ୍ତ କୋର୍ଟରେ ଦଣ୍ଡିତ ହୋଇଥିଲେ। ସେଥିରେ ୬୭୯ଜଣ ପୁରୁଷ ରହିଥିବା ବେଳେ ୬ଜଣ ମହିଳା ରହିଛନ୍ତି।

ମିଳିଥିବା ତଥ୍ୟ ଅନୁସାରେ, ୨୦୦୭ରୁ ୨୦୨୦ ମଧ୍ୟରେ ରାଜଧାନୀରୁ ୧୮୦୦ଜଣ ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି। ୨୦୧୪ରେ ସର୍ବାଧିକ ୨୩୧ଜଣ ଏବଂ ୨୦୨୦ରେ ସର୍ବନିମ୍ନ୨୦ ଜଣ ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି। ଚୋରି ଘଟଣାରେ ୧୦୯, ହତ୍ୟାକାଣ୍ଡରେ ୨୮, ଡକାୟତିରେ ୧୦, ସିନ୍ଧିଚୋରିରେ ୭୦, ଲୁଟ୍ ମାମଲାରେ ୧୫୦, ଠକେଇରେ ୬୦, ଦଙ୍ଗା କରିବା ଘଟଣାରେ ୧୧, ଦୁଷ୍କର୍ମ ମାମଲାରେ ୬୦, ମୋଟରଯାନ ଅପରାଧରେ ୯୦ ଓ ମିସ୍‌ଲାନ୍ସ ମାମଲାରେ ସର୍ବାଧିକ ୧୨୦୦ଜଣ ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି।

ରାଜ୍ୟରେ ଦଣ୍ଡହାର କମିବାର କାରଣ ସମ୍ପର୍କରେ ଜଣେ ପୁଲିସ ଅଧିକାରୀ କହିଛନ୍ତି ଯେ, ଅଭିଯୁକ୍ତ କୋର୍ଟରୁ ନିର୍ଦ୍ଦୋଷରେ ଖଲାସ ହେବାର ଅନେକ କାରଣ ରହିଛି। ଅନେକ ସମୟରେ ସିଆରପିସି ଧାରା ୧୬୧ ଅନୁଯାୟୀ ପୁଲିସ ବୟାନ ରେକର୍ଡ କରିବା ସମୟରେ ପୀଡିତା ଯାହା କରିଥାନ୍ତି, କୋର୍ଟରେ ତାହାକୁ ବଦଳାଇ ଦେଉଛନ୍ତି। ଯେଉଁଥି ପାଇଁ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ ହୋଇଯାଉଛନ୍ତି। ସେହିପରି ଅନେକ ପୁଲିସ ଅଫିସରଙ୍କ ତଦନ୍ତ କରିବାରେ ତ୍ରୁଟି ରହିଯାଉଛି। ସେମାନେ କୋର୍ଟରେ ଦାଖଲ କରୁଥିବା ଚାର୍ଜସିଟ୍‌ରେ ଭୁଲ୍ କରୁଛନ୍ତି। ଯେଉଁଥି ପାଇଁ ଅଭିଯୁକ୍ତ ସହଜରେ ଜେଲ୍‌ରୁ ବାହାରି ଯାଉଛି।

- ସଜା ହାର ବୃଦ୍ଧି ଉପରେ ପୁଲିସ ଡିଜିଙ୍କ ଫୋକସ୍
- ୨୦୨୧ରେ ସଜା ପାଇଛନ୍ତି ୬୮୫ଜଣ ଅଭିଯୁକ୍ତ

# ପୁଣି ବାଲୁଖଣ୍ଡରେ ଦେଖାଯିବେ କୃଷ୍ଣସାର ମୃଗ

**ଭୁବନେଶ୍ୱର,୨୫।୨(ସମିସ):** ପୁଣି ବାଲୁଖଣ୍ଡ ଅଭୟାରଣ୍ୟକୁ ଫେରିବେ କୃଷ୍ଣସାର ମୃଗ। ଦିନେ ଏହି ବିରଳ ମୃଗଙ୍କ ଚରା ଭୁଇଁ ପାଲଟିଥିବା ପୁରୀର ବାଲୁଖଣ୍ଡ ଅଭୟାରଣ୍ୟ ପ୍ରାୟ ୧୨ ବର୍ଷ ହେବ କୃଷ୍ଣସାରମୃଗ ଶୂନ୍ୟ ହୋଇଯାଇଛି। ଏହି ଅଭୟାରଣ୍ୟରେ ପୁଣି



ଥରେ ଏହି ମୃଗଙ୍କ ସଂଖ୍ୟା ବୃଦ୍ଧି ପାଇଁ ରାଜ୍ୟ ବନ ବିଭାଗ ଯୋଜନା କରିଛି। ଏଥିପାଇଁ ଗଞ୍ଜାମରୁ ୮ ଟି କୃଷ୍ଣସାର ମୃଗ ଆଣି ବାଲୁଖଣ୍ଡରେ ଛଡ଼ାଯିବ ବୋଲି ଜଣାପଡ଼ିଛି। ରାଜ୍ୟ ବନ ବିଭାଗ ପକ୍ଷରୁ ହୋଇଥିବା ଯୋଜନା ଓ ଏଥିପାଇଁ ଆବଶ୍ୟକୀୟ ଅନୁମତି କେନ୍ଦ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟରୁ ମିଳିସାରିଛି। ଖୁବଶୀଘ୍ର ବନ ବିଭାଗ ମଗ ସ୍ଥାନାନ୍ତର ପ୍ରକ୍ରିୟା କରିବ ବୋଲି ବିଭାଗୀୟ ସୂତ୍ରରୁ ଖବର ମିଳିଛି।

ବନ ବିଭାଗ ପକ୍ଷରୁ ମିଳିଥିବା ଖବର ଅନୁଯାୟୀ ପୁରୀ ଅଣାଯିବା ମୃଗଙ୍କ ମଧ୍ୟରେ ୨ ଟି ଅଣ୍ଡିରା ଓ ୬ ଟି ମାଇ କୃଷ୍ଣସାର ମୃଗଙ୍କୁ ଏଠାକୁ ଅଣାଯିବ। ଗଞ୍ଜାମର ଭେଟନଇ ଅଞ୍ଚଳରେ ବହୁ ସଂଖ୍ୟକ କୃଷ୍ଣସାର ମୃଗ ରହିଛନ୍ତି। ୨୦୧୧ରେ ଏଠାରେ କୃଷ୍ଣସାର ମୃଗଙ୍କ ସଂଖ୍ୟା ୨୧୯୪ ରହିଥିବା ବେଳେ ୨୦୨୩ ସୁଦ୍ଧା ଏହା ବୃଦ୍ଧି ପାଇ୭ ହଜାର ୭୪୩କୁ ପହଞ୍ଚିଛି। ସ୍ଥାନୀୟ ଲୋକଙ୍କ ସହଯୋଗ ଓ ଗୋଷ୍ଠୀ ପରିଚାଳନା ଭିତ୍ତିରେ ଏହି ସିଡ୍ୟୁଲ୍-୧ ପ୍ରାଣୀର ସଂରକ୍ଷଣକୁ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। ଯାହାର ଫଳ ସ୍ୱରୂପ ଏଠାରେ ଏହି ବିରଳ ପ୍ରଜାତିର ପ୍ରାଣୀଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ୨୦୧୨ ପର୍ଯ୍ୟନ୍ତ ବାଲୁଖଣ୍ଡ-କୋଣାର୍କ ଅଭୟାରଣ୍ୟରେ କୃଷ୍ଣସାର ମୃଗ ଦେଖିବାକୁ ମିଳୁଥିଲେ। ମାତ୍ର ଏହାପରେ ଏହି ଏଠାରେ ଏହି ପ୍ରାଣୀଙ୍କ ସଂଖ୍ୟା କମିଥିଲା। ଯାହାକି ପରିବର୍ତ୍ତୀ ସମୟରେ ସମ୍ପୂର୍ଣ୍ଣ ଶୂନ୍ୟ ହୋଇଥିଲା। ମୁଖ୍ୟତ ବାସସ୍ଥାନ ନଷ୍ଟ ହେବା, ପ୍ରାକୃତିକ ବିପର୍ଯ୍ୟୟ ଏବଂ ଏହି ଅଞ୍ଚଳରେ ନିର୍ମାଣ କାର୍ଯ୍ୟ ବୃଦ୍ଧି ହେତୁ କୃଷ୍ଣସାର ମୃଗଙ୍କ ସଂଖ୍ୟା କମିଥିଲା।

ଅନ୍ୟପଟେ ୨୦୧୯ ରେ ଆସିଥିବା ଫନି ବାତ୍ୟା ପୁରୀର ବାଲୁଖଣ୍ଡଠାରେ ସ୍ଥଳଭାଗ ଅତିକ୍ରମ କରିଥିଲା। ଏହାଦ୍ୱାରା ବାଲୁଖଣ୍ଡର ସବୁଜବଳୟ ସମ୍ପୂର୍ଣ୍ଣ ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଥିଲା। ଏହାର ପୁନରୁଦ୍ଧାର କରି ବନ ବିଭାଗ ପୁଣିଥରେ ବାଲୁଖଣ୍ଡର ପୂର୍ବଗୌରବ ଫେରାଇବା ଆଣିବାକୁ ବ୍ୟାପକ ପଦକ୍ଷେପ ହାତକୁ ନେଇଛି। ଏହି କ୍ରମରେ ଏଠାରେ ପୁଣି ଥରେ କୃଷ୍ଣସାର ମୃଗ ଆଣି ଛାଡ଼ିବା ପାଇଁ ବନ ବିଭାଗ ଯୋଜନା କରିଛି।

- ଗଞ୍ଜାମରୁ ୮ କୃଷ୍ଣସାର ମୃଗ ଆଣିବ ବନ ବିଭାଗ
- ଡେବ୍ରିଗଡ଼ରୁ ଚନ୍ଦକା-ଡମପଡ଼ାକୁ ଆସିବ ଗୟଳ
- କେନ୍ଦ୍ର ଜଙ୍ଗଲ ବିଭାଗରୁ ମିଳିଲା ଅନୁମତି

ଅନ୍ୟପଟେ ରାଜ୍ୟର କେବଳ ଗଞ୍ଜାମରେ ହିଁ ଏହି ବିରଳ ପ୍ରଜାତିର ପ୍ରାଣୀ ରହୁଥିବା ବେଳେ ଗୋଟିଏ ସ୍ଥାନରେ ଏତେ ସଂଖ୍ୟାକ ମୃଗ ରହିବାର ବିପଦ ମଧ୍ୟ ରହିଛି। ତେଣୁ ରାଜ୍ୟର ଏକାଧିକ ସ୍ଥାନରେ ଏହି ପ୍ରାଣୀଙ୍କ ସଂଖ୍ୟା ରହିଲେ ସେମାନଙ୍କ ସଂରକ୍ଷଣ ଭଲଭାବେ ହୋଇପାରିବ ବୋଲି ବନ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ବାଲୁଖଣ୍ଡ ସହିତ ଡେବ୍ରିଗଡ଼ ବନ୍ୟଜନ୍ତୁ ଅଭୟାରଣ୍ୟରୁ ଚନ୍ଦାକା-ଡାମପଡ଼ାକୁ ଗୟଳ ସ୍ଥାନାନ୍ତର ପାଇଁ ମଧ୍ୟ ଅନୁମତି ମିଳିଛି। ଚନ୍ଦାକାକୁ ୧୫ ମାଇଁ ଏବଂ ୫ଟି ଅଣ୍ଡିରା ଗୟଳ ସ୍ଥାନାନ୍ତର ପାଇଁ ବିଭାଗ ଅନୁମତି ଦେଇଥିବା ଜଣାପଡ଼ିଛି। ଏହି ସ୍ଥାନାନ୍ତର ପ୍ରକ୍ରିୟା ପରେ ନିୟମିତ ତଦାରଖ ଏବଂ ତ୍ରୈମାସିକ ରିପୋର୍ଟ ଦାଖଲ କରିବାକୁ କେନ୍ଦ୍ର ମନ୍ତ୍ରଣାୟଳ ପକ୍ଷରୁ କୁହାଯାଇଛି।




# ଶ୍ରୀକ୍ଷେତ୍ର ସିଟି

୨୫/୨/୨୦୨୪ (ରବିବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ

ଟ. ୩,୩୭,୧୯୪/- ସୁନା: ୦୦.୦୦୦ ଗ୍ରାମ୍ ରୁପା: ୦୦.୦୦୦ ଗ୍ରାମ୍





ଶ୍ରୀଗୁଣ୍ଡିଚା ଆଧ୍ୟାତ୍ମିକ ଟ୍ରଷ୍ଟର ପ୍ରତିଷ୍ଠା ଦିବସ

## ଶ୍ରୀଜଗନ୍ନାଥ ହିଁ ସୂର୍ଯ୍ୟ ସ୍ୱରୂପ ପ୍ରଜ୍ଞାନ ବ୍ରହ୍ମ



ପୁରୀ, ୨୫।୨(ସମିସ): ଶ୍ରୀଗୁଣ୍ଡିଚା ଆଧ୍ୟାତ୍ମିକ ଟ୍ରଷ୍ଟର ବିଂଶତମ ପ୍ରତିଷ୍ଠା ଦିବସ ଅବସରରେ ଶ୍ରୀଗୁଣ୍ଡିଚା ଆଧ୍ୟାତ୍ମିକ ଟ୍ରଷ୍ଟ ଓ ଓଡ଼ିଶା ସାହିତ୍ୟ ଏକାଡେମୀର ମିଳିତ ଆନୁକୂଲ୍ୟରେ ରବିବାର ସଂସ୍କୃତି ଭବନ ପରିସରରେ ରାଜ୍ୟସ୍ତରୀୟ ଆଲୋଚନାଚକ୍ର 'ଶ୍ରୀଜଗନ୍ନାଥ ଚେତନା ଓ ସୂର୍ଯ୍ୟ ଉପାସନା' ଶୀର୍ଷକ ଅନୁଷ୍ଠିତ ହେଇଯାଇଛି। ଟ୍ରଷ୍ଟର ଉପାଧ୍ୟକ୍ଷ ବିନୋଦ କୁମାର ପଣ୍ଡା ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ବିଶିଷ୍ଟ ଭାଷାବିତ୍ ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ ଯୋଗଦେଇଥିଲେ। ସେ କହିଲେ, ଶ୍ରୀଜଗନ୍ନାଥ ହିଁ ସୂର୍ଯ୍ୟ ସ୍ୱରୂପ ପ୍ରଜ୍ଞାନ ବ୍ରହ୍ମ। ପ୍ରଭୁଙ୍କ ଦକ୍ଷିଣ ନେତ୍ର ସୂର୍ଯ୍ୟ ସ୍ୱରୂପ ଓ ବାମ ନେତ୍ର ଚନ୍ଦ୍ର ସ୍ୱରୂପ। ଶ୍ରୀମନ୍ଦିରରେ ନିତ୍ୟ ମଙ୍ଗଳ ଆରତୀ ପରେ ସୂର୍ଯ୍ୟ ଯନ୍ତ୍ର ସୂର୍ଯ୍ୟ ପୂଜା ହୋଇଥାଏ। ବ୍ରହ୍ମ ପୁରାଣ ଅନୁଯାୟୀ, କୋଣାର୍କର ସୂର୍ଯ୍ୟ ମନ୍ଦିର ଐଶାନ୍ୟ କୋଣ ମିତ୍ର ଖଣ୍ଡ ଚକଡ଼ାରେ ଅବସ୍ଥିତ। ସେହିପରି ଶ୍ରୀମନ୍ଦିର ବରୁଣ ଖଣ୍ଡ ଚକଡ଼ାରେ ଅବସ୍ଥିତ। ବୈଦିକ ଶ୍ରୁତିଶାସ୍ତ୍ର ଅନୁଯାୟୀ, ଦିନରେ ସୂର୍ଯ୍ୟ ମିତ୍ର ଓ ରାତିର ସୂର୍ଯ୍ୟ ବରୁଣ ଅଟନ୍ତି। ଅନ୍ୟତମ ଅତିଥି ଭାବେ ବରିଷ୍ଠ ଆଇନଜୀବୀ ପୁଷ୍କର ମହାପାତ୍ର, ପ୍ରାକ୍ତନ ମୁଖ୍ୟଯନ୍ତ୍ରୀ ବ୍ରଜକିଶୋର ପରିଡ଼ା, ଭଗବାନ ସୁଆର, ଡ. ରମାକାନ୍ତ କର, ଐତିହ୍ୟ ଗବେଷକ ମଦନମୋହନ ମହାପାତ୍ର, ଟ୍ରଷ୍ଟର ବରିଷ୍ଠ ସଦସ୍ୟା ପ୍ରତିଭା ତ୍ରିପାଠୀ, ଶାନ୍ତିଲତା ପ୍ରଧାନ, ବିଜୟଲକ୍ଷ୍ମୀ ଦାଶ, ସଂଯୋଜକ ଶିବ ସୁନ୍ଦର ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସମ୍ପାଦକ ଲକ୍ଷ୍ମୀନାରାୟଣ ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଐତିହ୍ୟ ଗବେଷକ ମଦନ ମୋହନ ମହାପାତ୍ର ପ୍ରସଙ୍ଗ ଭିତ୍ତିକ ସୂଚନା ପ୍ରଦାନ କରିଥିଲେ। ଆଲୋଚନାଚକ୍ରରେ ଡ. ପ୍ରମୋଦ କୁମାର ଦଳାଇ, ଦୟାନିଧି ତ୍ରିପାଠୀ, ଅଧ୍ୟାପକ ସର୍ବେଶ୍ୱର ଷଡ଼ଙ୍ଗୀ, ସତ୍ୟ ନାରାୟଣ ମିଶ୍ର, ଇଂ. କେଶବ ଚନ୍ଦ୍ର ପାତ୍ର, ଅଧ୍ୟାପିକା ଶୁଚିସ୍ମିତା ମହାନ୍ତି, ମାରୁତି ନନ୍ଦନ ମହାପାତ୍ର, ବସନ୍ତ କୁମାର ମିଶ୍ର, ଆଶାଲତା ପ୍ରଧାନ, ସୁଶ୍ରୀ କ୍ରିଷ୍ଣା ମହାପାତ୍ର, ଅଧ୍ୟାପକ ସହଦେବ ସାହୁ, ଦାଶରଥୀ ମହାପାତ୍ର ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ବହୁ ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଧନ୍ୟବାଦ ଅର୍ପଣ କରିଥିଲେ ଗୁରୁ ଚରଣ ଦାସ।

ପୁଲିସକୁ ମୂର୍ତ୍ତିଚୋରଙ୍କ ଚ୍ୟାଲେଞ୍ଜ

# ୧୩ ଦିନରେ ୩ ମନ୍ଦିରରୁ ଲୁଟିଲେଣି

ପୁରୀ, ୨୫।୨(ସମିସ)

ପୁଣି ପୁଲିସକୁ ଚ୍ୟାଲେଞ୍ଜ ଦେଇଛନ୍ତି ମୂର୍ତ୍ତି ଚୋର। ୧୩ ଦିନ ମଧ୍ୟରେ ପୁରୀ ସହର ମଧ୍ୟରୁ ତୃତୀୟ ମନ୍ଦିରରୁ କରିଛନ୍ତି ଲୁଟ୍। ଏଥର ବି ମୂର୍ତ୍ତି ଲୁଟେରାଙ୍କ ଟାର୍ଗେଟରେ ମହାଦେବ ମନ୍ଦିର। ପ୍ରଥମେ ମୁକ୍ତେଶ୍ୱର ମନ୍ଦିର ଦ୍ୱିତୀୟରେ କପାଳମୋଚନ ମନ୍ଦିର ପରେ ଶନିବାର ରାତିରେ ଗୁଣ୍ଡିଚା ବିହାରସ୍ଥିତ ଚନ୍ଦ୍ରଶେଖର ମନ୍ଦିରରୁ ଲୁଟ୍ କରିଛନ୍ତି ଦୁର୍ବୃତ୍ତ। ତେବେ ଗୋଟିଏ ଘଟଣାରେ ଯଦିଓ ପୁଲିସକୁ ସଫଳତା ମିଳିଛି ହେଲେ କାର୍ଯ୍ୟାନୁଷ୍ଠାନକୁ ଭୟ ନ କରି ପୁଣି ପୁଲିସକୁ ଚ୍ୟାଲେଞ୍ଜ ଦେଇଛନ୍ତି ଚୋର। ଦୀର୍ଘଦିନ ପରେ ସହରରେ ମୂର୍ତ୍ତି ଚୋର ସକ୍ରିୟ ହେବା ନେଇ ଏବେ ଚିନ୍ତାରେ ପଡ଼ିଛନ୍ତି ବିଭିନ୍ନ ମନ୍ଦିର ପରିଚାଳନା କମିଟି କର୍ମକର୍ତ୍ତା।

ଗୁଣ୍ଡିଚା ବିହାରସ୍ଥିତ ଗୁଣ୍ଡିଚା ବିହାର ଉନ୍ନୟନ ପରିଷଦ ସଭାଗୃହକୁ ଲାଗି ରହିଛି ଶ୍ରୀଚନ୍ଦ୍ରଶେଖର ମନ୍ଦିର। ଏହି ମନ୍ଦିରର ପୂଜକ ସନ୍ଧ୍ୟା ପ୍ରାୟ ୭ଟାରେ ପହୁଡ଼ ପରେ ତାଲା ପକାଇ ଯାଇଥିଲେ। ରବିବାର ସକାଳ ପ୍ରାୟ ୬ଟା ବେଳେ ପୂଜକ ଆସି ଦେଖିବାରୁ ମନ୍ଦିରର ଷ୍ଟୋରରୁମ୍ ଏବଂ ପରିଚାଳନା କମିଟି କାର୍ଯ୍ୟାଳୟ ତାଲା ଭଙ୍ଗା ଯାଇଥିବା ଦେଖିଥିଲେ। ହେଲେ ମୁଖ୍ୟ ମନ୍ଦିରର ତାଲା ଭାଙ୍ଗି ପାରି ନ ଥିଲେ। କିନ୍ତୁ ଷ୍ଟୋର ରୁମ୍‌ରୁ ଠାକୁରଙ୍କ ବାସନ, ଆସବାବ ଓ କିଛି ଟଙ୍କା ନେଇଯାଇଥିବା ପରିଷଦ ସମ୍ପାଦକ ଅଶୋକ କୁମାର ମହାପାତ୍ର ତାଳବଣିଆ ଥାନାରେ ଅଭିଯୋଗ କରିଛନ୍ତି। ପ୍ରଥମେ ପିସିଆର ଭ୍ୟାନ୍ ଏବଂ ପରେ ତାଳବଣିଆ ପୁଲିସ ଆସି ତଦନ୍ତ କରି ଫେରିଛି। ହେଲେ ଲୁଟେରାଙ୍କ ସମ୍ପର୍କରେ କୌଣସି ସୁରାକ୍ ମିଳିପାରି ନାହିଁ।

ସେହିପରି ଗତ ୧୨ ତାରିଖ ରାତିରେ ମୁକ୍ତେଶ୍ୱର ମନ୍ଦିରରୁ ଲୁଟ୍ କରିଥିଲେ ମୂର୍ତ୍ତି ଚୋର। ରାତିରେ ମନ୍ଦିରରେ ପହୁଡ଼ ପକାଇ ଘରକୁ ଯାଇଥିଲେ ପୂଜକ। ଏହା ପରଦିନ ଥିଲା ସଂକ୍ରାନ୍ତି। ଭୋରୁ ପୂଜକ ଶରତ କୁମାର ମହାପାତ୍ର ମନ୍ଦିରରେ ପହଞ୍ଚିଥିଲେ। ପହୁଡ଼ ଖୋଲିବାକୁ ଯିବାବେଳେ ମନ୍ଦିର ମୁଖ୍ୟ ଫାଟକ ତାଲା ଭାଙ୍ଗିଥିବା ଦେଖିଥିଲେ। ବାବା ମୁକ୍ତେଶ୍ୱର ଓ ମା' ପାର୍ବତୀଙ୍କ ସିଂହାସନରୁ ଉଠାଇ ନେଇଥିଲେ ଦୁର୍ବୃତ୍ତ। ସେହିପରି ମା' ପାର୍ବତୀଙ୍କ ସୁନା ମଙ୍ଗଳସୂତ୍ର, ରୁପା ପାଉଁଜି, ଚେନ୍, ଅଣ୍ଟାବିନ୍ଧା, ଖଡ୍ଡୁ, ମହାଦେବଙ୍କ ସୁନା ଲକେଟ୍ ଓ ଏକ ସାଉଣ୍ଡ ମେସିନ ଚୋରି କରିଥିଲେ ଲୁଟେରା। ଅଭିଯୋଗ ପରେ ଏହାକୁ ଗୁରୁତ୍ୱର ସହ ନେଇଥିଲେ ଏସ୍‌ପି ପିନାକ ମିଶ୍ର। ଏ ନେଇ ସିଟି ଡିଏସ୍‌ପି ପ୍ରଶାନ୍ତ କୁମାର ସାହୁଙ୍କ ନେତୃତ୍ୱରେ ତାଳବଣିଆ ଥାନା ପୁଲିସକୁ ନେଇ ଗଠିତ ସ୍ୱତନ୍ତ୍ର ଟିମ୍ ୩ ଜଣ ଲୁଟେରା ଏବଂ ୨ ଜଣ କ୍ରେତା (ଯେଉଁମାନେ ଚୋରି ସାମଗ୍ରୀ କିଣିଥିଲେ)ଙ୍କୁ ଗିରଫ କରିଥିଲା। ମୂର୍ତ୍ତି ଲୁଟେରାମାନେ ହେଲେ ଛଇତନାର ରଞ୍ଜନ କୁମାର ପ୍ରଧାନ ଓରଫ୍ କାଳିଆ, ରାମଚଣ୍ଡୀ ଥାନା କବିରାଜପୁରର ବିକାଶ ବେହେରା, ଛଇତନାର ସୁଶୀଳ ପ୍ରଧାନ ଓରଫ୍ ପୁନିଆ। ଏମାନଙ୍କଠାରୁ ଲୁଟ୍ ସାମଗ୍ରୀ କିଣିଥିବା ୨ ଜଣ ହେଲେ ବାଲିପୁଟର ଗୁଣମଣି ପ୍ରଧାନ ଓ ଛଇତନାର ଜିତେନ୍ଦ୍ର କାହାଳ। ସେମାନଙ୍କଠାରୁ ୧୮ କେଜି ଓଜନର ଶିବପାର୍ବତୀଙ୍କର ଦୁଇଟି ପିତ୍ତଳ ମୂର୍ତ୍ତି (ଉଚ୍ଚତା ୧୭ ଇଞ୍ଚ), ୪ଟି ସୁନା ଲକେଟ୍, ମଙ୍ଗଳସୂତ୍ର, ରୁପା ପାଉଁଜି, ଚେନ୍, ଅଣ୍ଟାବିନ୍ଧା, ଖଡ୍ଡୁ, ଏକ ସାଉଣ୍ଡ ମେସିନ ଜବତ କରିଥିଲା ପୁଲିସ।



**ଟାର୍ଗେଟ୍‌ରେ ମହାଦେବ ମନ୍ଦିର**

**ପୁଲିସକୁ ମିଳିଛି ଗୋଟିଏ ସଫଳତା**

ସେହିପରି ଗତ ୨୨ ତାରିଖ ରାତିରେ ଶ୍ରୀମନ୍ଦିର ଦକ୍ଷିଣ-ପଶ୍ଚିମ କୋଣ ଗାଣ୍ଡୁଆଚୌରା ଛକସ୍ଥିତ କପାଳମୋଚନ ମନ୍ଦିରରେ ପଶି ବହୁ ପୁରାତନ ପଥରର ନୃସିଂହ ମୂର୍ତ୍ତି ଚୋରି କରିଛନ୍ତି। ଏ ନେଇ ମନ୍ଦିରର ସେବକ ସିଂହଦ୍ୱାର ଥାନାରେ ଏତଲା ଦେବା ପରେ ପୁଲିସ ଏକ ମାମଲା ରୁଜୁ କରିଛି। ହେଲେ ଲୁଟେରାଙ୍କ ସମ୍ପର୍କରେ କିମ୍ବା ଲୁଟ୍ ମୂର୍ତ୍ତି ନେଇ କୌଣସି ସୁରାକ୍ ମିଳିପାରିନାହିଁ। ଏବେ ପୁଣି ଚନ୍ଦ୍ରଶେଖର ମନ୍ଦିରରୁ ଚୋରି ଚୋରି ହୋଇଥିବାବେଳେ ପୁଲିସର ସୁରକ୍ଷା ବ୍ୟବସ୍ଥାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅପରପକ୍ଷେ ଏସ୍‌ପି ପିନାକ ମିଶ୍ର କହିଥିଲେ ଯେ, ଜିଲ୍ଲାର ସବୁ ପ୍ରମୁଖ ମନ୍ଦିରରେ କମିଟି ପକ୍ଷରୁ ସିସିଟିଭି ଲଗାଯାଉ। ପୁଲିସ ମଧ୍ୟ ପାଟ୍ରୋଲିଂକୁ କଡ଼ାକଡ଼ି କରିବ। ହେଲେ ପୁଲିସକୁ ଚ୍ୟାଲେଞ୍ଜ ଦେବା ପରେ ପୁରୀ ସହର ମଧ୍ୟରେ ଥିବା ଆଉ ଏକ ମହାଦେବ ମନ୍ଦିରକୁ ଟାର୍ଗେଟ କରିଛନ୍ତି ମୂର୍ତ୍ତି ଚୋର। ଅନ୍ୟପକ୍ଷରେ ପୁରୀର ବିଭିନ୍ନ ମନ୍ଦିରରୁ ମୂର୍ତ୍ତି ଚୋରିକରି ତାହାକୁ ଅନ୍ୟ ରାଜ୍ୟର ଚୋରଙ୍କ ମାଧ୍ୟମରେ ବିଦେଶକୁ ଚଢା ଦରରେ ବିକ୍ରି କରାଯାଉଥିବା ଅଭିଯୋଗ କରିଛନ୍ତି ଶ୍ରୀଜଗନ୍ନାଥ ଧର୍ମ ସଂସ୍କୃତି ସୁରକ୍ଷା ସଂଗଠନର ରାଜ୍ୟ ସଭାପତି ବଦ୍ରି ମିଶ୍ର।

## ଶ୍ରୀକ୍ଷେତ୍ର ମହୋତ୍ସବ ସ୍ଥଗିତ

**ପୁରୀ, ୨୫।୨(ସମିସ):** ମାଟ୍ରିକ ଓ ଯୁକ୍ତ ୨ ପରୀକ୍ଷା ଚାଲିଥିବାରୁ ଶ୍ରୀକ୍ଷେତ୍ର ମହୋତ୍ସବକୁ ବର୍ତ୍ତମାନ ପାଇଁ ସ୍ଥଗିତ ରଖାଯାଇଛି। ଏ ନେଇ ଆଠ ସାହିର ମିଳିତ ବୈଠକରେ ନିଷ୍ପତ୍ତି ନିଆଯିବା ପରେ ଏହାକୁ ସ୍ଥଗିତ ରଖାଯାଇଥିବା ସୂଚନା ମିଳିଛି। ତେବେ ପରବର୍ତ୍ତୀ ସମୟରେ ନୂଆ ତାରିଖ ଧାର୍ଯ୍ୟ କରାଯିବ ବୋଲି ଯୁଗ୍ମ ସମ୍ପାଦକ ଚକ୍ରଧର ମହାପାତ୍ର ଓ ନରେନ୍ଦ୍ର ମହାନ୍ତି ସୂଚନା ଦେଇଛନ୍ତି।

## ମରଣାନ୍ତକ ଆକ୍ରମଣ; ଅଭିଯୁକ୍ତ ଗିରଫ

**ପୁରୀ, ୨୫।୨(ସମିସ):** ଜଣେ ବ୍ୟକ୍ତିଙ୍କୁ ମରଣାନ୍ତକ ଆକ୍ରମଣ କରିବା ଅଭିଯୋଗରେ ଟାଉନ ଥାନା ପୁଲିସ ଅଭିଯୁକ୍ତକୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତ ହେଲେ ମରିଚିକୋଟ ଲେନ୍ ଲବଣିଖିଆ ଛକର ପୂର୍ଣ୍ଣଚନ୍ଦ୍ର ଦାସ। ଅଭିଯୋଗ ଅନୁଯାୟୀ, ଗତମାସ ୩ ତାରିଖ ରାତି ପ୍ରାୟ ୮ଟା ୩୫ରେ ଗୋପ ଅଞ୍ଚଳର ସୟଦ ସାନୁଉଲ୍ଲାଙ୍କୁ ବିନା କାରଣରେ ସଦର ଥାନା ଛକରେ ଦୁଇ ଅଭିଯୁକ୍ତ ହେମନ୍ତ କୁମାର ସାହୁ ଏବଂ ପୂର୍ଣ୍ଣଚନ୍ଦ୍ର ଦାସ ଗାଳିଗୁଲଜ କରିଥିଲେ। ଏପରି କି ତାଙ୍କୁ ମାଡ଼ ମାରିବା ସହ ଅଟୋ ଚଢ଼ାଇ ମାରିଦେବାକୁ ଉଦ୍ୟମ କରିଥିଲେ। ଫଳରେ ତାଙ୍କ ବାମଗୋଡ଼ ଭାଙ୍ଗି ଯାଇଥିଲା। ଏ ନେଇ ତାଙ୍କ ପୁଅ ସୟଦ ସଫିଉଲ୍ଲା ଟାଉନ ଥାନରେ ଅଭିଯୋଗ କରିଥିଲେ। ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଥିବା ବେଳେ ପୂର୍ଣ୍ଣଚନ୍ଦ୍ରକୁ ଗିରଫ କରିଛି।

## ସାମ୍ବାଦିକଙ୍କୁ ଆକ୍ରମଣ ଅଭିଯୋଗରେ ୬ ଗିରଫ

**ପୁରୀ, ୨୫।୨(ସମିସ):** ସାମ୍ବାଦିକଙ୍କୁ ଆକ୍ରମଣ ଅଭିଯୋଗରେ ସମୁଦ୍ରକୂଳ ଥାନା ପୁଲିସ ୬ ଜଣଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ଚନ୍ଦନପୁର ଥାନା ଅନ୍ତର୍ଗତ ଉତ୍ତରହଣା ପ୍ରଧାନସାହିର ଦୀପେନ୍ଦ୍ର ବିଶ୍ୱାଳ, ସୁକଦେଶ ବିଶ୍ୱାଳ, ଉତ୍ତରହଣାର ଲାଲକୃଷ୍ଣ ବିଶ୍ୱାଳ, ଶିବସୁନ୍ଦର ଜେନା, ସୁଧାଂଶୁ ପ୍ରଧାନ ଏବଂ ମଠସାହିର କାଲୁ ନାୟକ। ସେମାନଙ୍କଠାରୁ ଗୋଟିଏ କାର୍, ରୁପାର ବ୍ରେସଲେଟ୍, ଗୋଟିଏ ଆଇଡେଣ୍ଟି କାର୍ଡ ଏବଂ ବାଇକ୍ ଚାବି ଜବତ କରିଛି ପୁଲିସ। ଅଭିଯୋଗ ଅନୁଯାୟୀ, ଶୁକ୍ରବାର ବିଳମ୍ବିତ ରାତିରେ ସାମ୍ବାଦିକ ବିକ୍ରମ ଆଚାର୍ଯ୍ୟ ଓ ପ୍ରଦୀପ କୁମାର ନାୟକ ଏକ ବାଇକ୍‌ରେ ବାଲିଘାଇ ପଟୁ ପୁରୀ ଫେରୁଥିଲେ। ସେମାନେ ତାଳବଣିଆ ରାସ୍ତା ଦେଇ ଆସୁଥିବା ବେଳେ ହେଲିପ୍ୟାଡ୍ ନିକଟରେ ୩ ଜଣ କିନ୍ନର ଏବଂ ୬ ଜଣ ଯୁବକଙ୍କ ମଧ୍ୟରେ ଟଣାଓଟରା ଚାଲିଥିଲା। ହୋ ହଲ୍ଲା ଶୁଣି ସେମାନେ ଗାଡ଼ି ଅଟକାଇବା ବେଳେ ଯୁବକମାନେ ଉଭୟଙ୍କୁ ଆକ୍ରମଣ କରିଥିଲେ। ଏପରି କି ବିକ୍ରମଙ୍କ ବ୍ୟାଗ୍, ଗାଡ଼ି ଚାବି, ରୁପାର ବ୍ରେସଲେଟ୍ ନେଇଯାଇଥିଲେ। ଏ ନେଇ ପ୍ରଦୀପ ଥାନାରେ ଅଭିଯୋଗ କରିବା ପରେ ଶନିବାର ସମୁଦ୍ରକୂଳ ଥାନା ପୁଲିସ ଉପରୋକ୍ତ ୬ ଜଣଙ୍କୁ ଗିରଫ କରିଥିଲା। ସେମାନଙ୍କ ବିରୋଧରେ ଥାନାରେ ଏକ ମାମଲା ରୁଜୁ କରି ରବିବାର କୋର୍ଟଚାଲାଣ କରାଯାଇଥିବା ଆଇଆଇସି ମାନସ ଚକ୍ର ସୂଚନା ଦେଇଛନ୍ତି।

# ଚିଲିକାରେ ଫସିଲା ଯାତ୍ରୀବାହୀ ଡଙ୍ଗା

ପୁରୀ, ୨୫।୨(ସମିସ)



**ଯାନ୍ତ୍ରିକ ତ୍ରୁଟି ଯୋଗୁ ଅଧା ବାଟରେ ଅଟକିଲା**

**୩୦ ଯାତ୍ରୀ ୧ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଜଳବନ୍ଦୀ**

ମଝି ଚିଲିକାରେ ଅଟକିଲା ଯାତ୍ରୀବାହୀ ଡଙ୍ଗା। ଯାନ୍ତ୍ରିକ ତ୍ରୁଟି ଯୋଗୁ ପ୍ରାୟ ୩୦ ଜଣ ଯାତ୍ରୀ ଘଣ୍ଟାଏରୁ ଊର୍ଦ୍ଧ୍ୱ ଚିଲିକା ଜଳ ରାଶିରେ ଫସିରହିଲେ। ଅନ୍ୟ ଏକ ଡଙ୍ଗା ଯାଇ ସେମାନଙ୍କୁ କୂଳକୁ ଆଣିଥିଲା। ଫଳରେ ସୁରକ୍ଷିତ ଭାବେ କୂଳରେ ପହଞ୍ଚିଥିଲେ ସମସ୍ତ ଯାତ୍ରୀ। ଚିଲିକାରେ ଯାତ୍ରୀବାହୀ ଡଙ୍ଗା କିମ୍ବା ଭସାପୋଲ ଅଟକିଯିବା ନୂଆ କଥା ନୁହେଁ। ଜୀବନ ପ୍ରତି ବିପଦ ଥିଲେ ବି ଲୋକେ ନିରୁପାୟ। ଗମନାଗମନର ମୁଖ୍ୟ ମାଧ୍ୟମ ଡଙ୍ଗା ଏବଂ ଭସାପୋଲ ହୋଇଥିବାରୁ ବିଭିନ୍ନ ସମୟରେ ପାଣି କମିଗଲେ କିମ୍ବା ଚ୍ୟାନେଲ ଟ୍ରାକ୍ ମିସ୍ ହେଲେ ଭସାପୋଲ ଅଟକୁଥିବା ବେଳେ ଯାନ୍ତ୍ରିକ ତ୍ରୁଟି ଯୋଗୁ ଡଙ୍ଗା ମଧ୍ୟ ଅଟକିଯାଇଥାଏ। ସାତପଡ଼ାରୁ ଜହ୍ନିକୁଦା ଏବଂ ଜହ୍ନିକୁଦାରୁ ସାତପଡ଼ା ଜଳପଥରେ ହିଁ ଲୋକେ ଯିବାଆସିବା କରିଥାନ୍ତି। ପ୍ରାୟ ୫ କିମି ଏହି ଜଳପଥରେ ଗମନାଗମନର ମୁଖ୍ୟ ମାଧ୍ୟମ ହେଉଛି ଡଙ୍ଗା ଏବଂ ଭସାପୋଲ। ତେବେ ରବିବାର ସକାଳ ପ୍ରାୟ ୯ଟା ୪୦ରେ ଏକ ଯାତ୍ରୀବାହୀ ଡଙ୍ଗା ଜହ୍ନିକୁଦା ଘାଟରୁ ୩୦ରୁ ଊର୍ଦ୍ଧ୍ୱ ଲୋକ ଏବଂ ୮ଟି ବାଇକ୍ ଧରି ଚିଲିକା ଦେଇ ସାତପଡ଼ା ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲେ। ମାତ୍ର କିଛିବାଟ ଆସିବା ପରେ ମେସିନ ଖରାପ ହୋଇଯିବାରୁ ଅଧାବାଟରେ ଚିଲିକା ମଝିରେ ଅଟକି ରହିଥିଲା। ଉଦ୍ଧାର କରିବା ପାଇଁ ସ୍ଥାନୀୟ ମତ୍ସ୍ୟଜୀବୀ ଉଦ୍ୟମ କରିଥିଲେ। ସାତପଡ଼ାରୁ ଅନ୍ୟ ଏକ ଡଙ୍ଗା ଯାଇ ସମସ୍ତଙ୍କୁ କୂଳକୁ ଆଣିଥିଲା। ଚିଲିକାରେ ଏକ ପୋଲ ନିର୍ମାଣ ପାଇଁ ଦୀର୍ଘଦିନ ହେବ ଅଞ୍ଚଳବାସୀ ଦାବି କରିଆସୁଛନ୍ତି।

ହେଲେ ଏ ପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଇ ନାହିଁ। ଚିଲିକାରେ ବ୍ରିଜ୍ କରାଗଲେ ଯାତ୍ରୀମାନେ ଭସାପୋଲ କିମ୍ବା ଡଙ୍ଗା ଉପରେ ନିର୍ଭର କରନ୍ତେ ନାହିଁ। ତେଣୁ ସମ୍ପୃକ୍ତ ଅଞ୍ଚଳର ବିକାଶ ଏବଂ ଜନସାଧାରଣଙ୍କ ସୁରକ୍ଷା ପାଇଁ ବ୍ରିଜ୍ କରାଯିବା ଦରକାର ବୋଲି ସ୍ଥାନୀୟ ଲୋକେ ଦାବି କରିଛନ୍ତି।

## ନିର୍ମାଣ ହେବ ରଘୁନନ୍ଦନ ଲାଇବ୍ରେରୀ; ଖନନ ଆରମ୍ଭ



ପୁରୀ, ୨୫।୨(ସମିସ): ପୂର୍ବରୁ ଏମାର ମଠ ଚକଡ଼ାରେ ଥିବା ରଘୁନନ୍ଦନ ଲାଇବ୍ରେରୀ ପାଇବ ନୂଆରୂପ। ନୂତନ ଭାବେ ଏହି ପାଠାଗାର ନିର୍ମାଣ ହେବ। ଏଥିସହ ଶ୍ରୀଜଗନ୍ନାଥ ଅଭ୍ୟର୍ଥନା କେନ୍ଦ୍ର (ଏସ୍‌ଜେଆର୍‌ସି) ମଧ୍ୟ ନିର୍ମାଣ କରାଯିବ। ଏଥିପାଇଁ ଆରମ୍ଭ ହୋଇଛି କାମ। ରବିବାର ଓବିସିସି ପକ୍ଷରୁ ଏମାର ମଠ ପଛ ପାର୍ଶ୍ୱ ସ୍ଥାନକୁ ଖନନ କରାଯାଇଛି। ଏହି ଜାଗାରେ ରଘୁନନ୍ଦନ ପାଠାଗାର ଏବଂ ଅଭ୍ୟର୍ଥନା କେନ୍ଦ୍ର ନିର୍ମାଣ ହେବ। ରଘୁନନ୍ଦନ ଲାଇବ୍ରେରୀ ଅତ୍ୟାଧୁନିକ ବ୍ୟବସ୍ଥା ସହ ଖୋଲାଯିବ। ପୂର୍ବରୁ ଏହି ପୁରାତନ ପାଠାଗାରରେ ଥିବା ତାଳପତ୍ର, ପୋଥି, ବିରଳ ପାଣ୍ଡୁଲିପି, ତାମ୍ର ଫଳକ, ପୁରାତନ ଧର୍ମ ପୁସ୍ତକଗୁଡ଼ିକର ଡିଜିଟାଇଜେସନ କରାଯାଇଛି। ଜଗନ୍ନାଥ ସଂସ୍କୃତି ସମ୍ପର୍କରେ ଥିବା ବହୁ ମୂଲ୍ୟବାନ ଏବଂ ଦୁଷ୍ପ୍ରାପ୍ୟ ଗ୍ରନ୍ଥ, ଦଲିଲ୍ ଏବଂ ନଥିପତ୍ରକୁ ଜିଲ୍ଲା ପ୍ରଶାସନ ପକ୍ଷରୁ କିପରି ଦୀର୍ଘସ୍ଥାୟୀ ଏବଂ ପଠନଯୋଗ୍ୟ ହେବ ତା'ର ବ୍ୟବସ୍ଥା କରାଯାଇ ସାଇତି ରଖାଯାଇଛି। ପରିକ୍ରମା ପ୍ରକଳ୍ପ ପାଇଁ ଏହି ପୁରାତନ ଲାଇବ୍ରେରୀକୁ ଉଚ୍ଛେଦ ବେଳେ ଏଥିରେ ଥିବା ବହିଗୁଡ଼ିକର ସଂରକ୍ଷଣ କରାଯାଇଛି। ସେହିପରି ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସୁଥିବା ଶ୍ରଦ୍ଧାଳୁଙ୍କ ସୁବିଧା ନିମନ୍ତେ ତିଆରି ହେବ ଅଭ୍ୟର୍ଥନା କେନ୍ଦ୍ର। ଏଥିପାଇଁ ଆରମ୍ଭ ହୋଇଛି ପ୍ରକ୍ରିୟା।

## ଭୌତିକ ଚିକିତ୍ସା ସମ୍ମିଳନୀ ଉଦ୍‌ଯାପିତ

**ପୁରୀ, ୨୫।୨(ସମିସ):** ସ୍ଥାନୀୟ ଟାଉନ ହଲ୍‌ରେ ଚାଲିଥିବା ଦୁଇ ଦିନିଆ ଜାତୀୟସ୍ତରୀୟ ଭୌତିକ ଚିକିତ୍ସା ସମ୍ମିଳନୀ ରବିବାର ଉଦ୍‌ଯାପିତ ହୋଇଯାଇଛି। ଦ୍ୱିତୀୟ ଦିବସରେ ପିଠି, କାନ୍ଧ, ମେରୁଦଣ୍ଡ, ଜଂଘରେ ଯନ୍ତ୍ରଣା, ଆଧୁନିକ ଏସ୍‌ଆଇ ଥେରାପି, ଫିଜିଓଥେରାପି କ୍ଷେତ୍ରରେ ଅତ୍ୟାଧୁନିକ ବାୟୋ ମେଡିକାଲ ଅଗ୍ରଗତି ସହ ଗର୍ଭାଶୟ ଜନିତ ସମସ୍ୟା ଓ ଏହାର ସମାଧାନ ଏବଂ ଫିଜିଓଥେରାପିର ଆବଶ୍ୟକତା ସମ୍ପର୍କରେ ରାଜ୍ୟ ତଥା ରାଜ୍ୟ ବାହାରରୁ ଆସିଥିବା ଅଭିଜ୍ଞ ଚିକିତ୍ସକ ଓ ଫିଜିଓଥେରାପିଷ୍ଟ ବୁଝାଇଥିଲେ। ନିଖିଳ ଓଡ଼ିଶା ଭୌତିକ ଚିକିତ୍ସକ ସଙ୍ଗଠନ ପକ୍ଷରୁ ଆୟୋଜିତ ଏହି ସମ୍ମିଳନୀ ସଫଳତାର ସହ ଶେଷ ହୋଇଛି। ଓଲଟପୁରସ୍ଥିତ ନିର୍ତାରର ନିର୍ଦ୍ଦେଶକ ଡା. ପତିତପାବନ ମହାନ୍ତି, ଡା. ଉମାଶଙ୍କର ମହାନ୍ତି, ଏନ୍‌ସିଡି ଅତିରିକ୍ତ ନିର୍ଦ୍ଦେଶକ ଡା. ସୁକାନ୍ତ କୁମାର ସ୍ୱାଇଁ, ଡା. ପି.ସି. ଦେ, ଡା. ଦୀପେଶ ଶର୍ମା, ଡା. ଦୂର୍ଗା ମିଶ୍ର, ଡା. ସୁଜାତା ମହାରଥୀ, ଡା. ଲିପିକା ବୋରୁହାଁ ପ୍ରମୁଖ ଯୋଗଦେଇ ସ୍ନାୟୁ, ମେରୁଦଣ୍ଡ, ଅସ୍ଥି, ମସ୍ତିଷ୍କ ଘାତଜନିତ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଓ ଏହାର ସମାଧାନ ଦିଗରେ ଫିଜିଓଥେରାପିର ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ବିସ୍ତୃତ ଭାବେ ଆଲୋକପାତ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କୁ ଲାଇଭ ଡେମୋନେଷ୍ଟ୍ରେସନ ଦେଖାଯାଇଥିଲା। ଏହି ସମ୍ମିଳନୀରେ ରାଜ୍ୟର ୩୦୦ରୁ ଊର୍ଦ୍ଧ୍ୱ ଭୌତିକ ଚିକିତ୍ସା ବିଭାଗର ଛାତ୍ରଛାତ୍ରୀ ଏବଂ ୨୦୦ରୁ ଅଧିକ ଭୌତିକ ବିଭାଗର ଡାକ୍ତର ଭାଗ ନେଇଥିଲେ। କର୍ମଶାଳାକୁ ଅନୁଷ୍ଠାନର ସଂଯୋଜକ ଡା. ସିଦ୍ଧାର୍ଥ ଶେଖର ପାତ୍ର, ସଭାପତି ତଥା ଭୌତିକ ବିଭାଗର ଡାକ୍ତର ଶଶାଙ୍କ ଶେଖର ପରିଡ଼ା ଏବଂ ଡା. ସରୋଜ କୁମାର ମହାପାତ୍ର ପରିଚାଳନା କରିଥିଲେ।

## ନିଖିଳ ଉତ୍କଳ ପାଟରା ସମିତି ବୈଠକ

**ପୁରୀ, ୨୫।୨(ସମିସ):** ପୁରୀ ପାଟରା ମଠରେ ରବିବାର ନିଖିଳ ଉତ୍କଳ ପାଟରା ସମିତିର ପଦାଧିକାରୀ ବୈଠକ ସଭାପତି ଡ. ରୁଦ୍ରନାରାୟଣ ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସାଧାରଣ ସମ୍ପାଦକ ମଧ୍ୱ କୁମାର ପାତ୍ର ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଆସନ୍ତା ଏପ୍ରିଲ ୬ ତାରିଖ ସନ୍ଧ୍ୟାରୁ ଆରମ୍ଭ ହୋଇ ୭ ତାରିଖ ପୂର୍ବାହ୍ନ ୧୦ଟାରେ ମଠ ପରିସରରେ ୨୨୫ଟି ଥାନାର ଥାନପତି ଓ ବଡ଼ଥାନ ପତିଙ୍କ ସମାବେଶ ଓ ପ୍ରଶିକ୍ଷଣ ଆୟୋଜିତ ହେବ। ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଥିବା ପାଟରା ଭକ୍ତ ନିବାସ ନିର୍ମାଣ ସାରିବା, ଡିସେମ୍ବର ମାସରେ ହେବାକୁ ଥିବା ମହାସଭା, ତା'ପୂର୍ବରୁ କୁଞ୍ଜବିହାରୀ ମଠର ସନନ୍ଦ ବୈଠକ ଇତ୍ୟାଦି ସମ୍ପର୍କରେ ଆଲୋଚନା ହୋଇଥିଲା। ଚଉଦ ଗୋଟି ଚକଲାର ସାଂଗଠନିକ ସ୍ଥିତି ଓ କେବେ କାହାର ପରିଚାଳନା କମିଟି କାର୍ଯ୍ୟକାଳ ସରି ନୂତନ କମିଟି ଗଠିତ ହେବ ସେ ନେଇ ଚର୍ଚ୍ଚା ଆଲୋଚନା ହୋଇଥିଲା। ଏଥିରେ କାର୍ଯ୍ୟକାରୀ ସଭାପତି ନାଥ ଖୁଣ୍ଟିଆ, ଉପସଭାପତି ମନୋଜ କୁମାର ସାହୁ, ରବୀନ୍ଦ୍ରନାଥ ସେନାପତି, କୃଷ୍ଣଚନ୍ଦ୍ର ପାତ୍ର, ଆଲୋକ କୁମାର ସାହୁ, ଉପଦେଷ୍ଟା ନାରାୟଣ ପାତ୍ର, କରୁଣାକର ଲେଙ୍କା, ଲକ୍ଷ୍ମୀଧର ପୃଷ୍ଟି ଓ ସମ୍ପାଦକ ଦିବାକର ସାହୁ, ଆର୍ତ୍ତତ୍ରାଣ ପାତ୍ର ପ୍ରମୁଖ ଅଂଶଗ୍ରହଣ କରିଥିବା ବେଳେ ଅନ୍ୟତମ ସମ୍ପାଦକ ବଲ୍ଲଭ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

ହୋପ୍ ଇଜ୍ ଲାଇଫ୍‌ର ବାର୍ଷିକ ଉତ୍ସବ

# 'ସେବାକୁ ବ୍ରତ ଭାବିଲେ ଫଳ ନିଶ୍ଚିତ'

ପୁରୀ, ୨୫।୨(ସମିସ)




ଯେଉଁ ବ୍ୟକ୍ତି ସେବାକୁ ବ୍ରତ ରୂପେ ଗ୍ରହଣ କରି ସେବା କରିଚାଲିଥାଏ ତାକୁ ଫଳ ନିଶ୍ଚୟ ମିଳିବ। ସ୍ଥାନୀୟ ସଂସ୍କୃତି ଭବନରେ ହୋପ୍ ଇଜ ଲାଇଫ ଚାରିଟେବୁଲ ଟ୍ରଷ୍ଟର ଚତୁର୍ଥ ବାର୍ଷିକ ଉତ୍ସବରେ ଯୋଗଦେଇ ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ ଏହା କହିଛନ୍ତି। ହୋପ୍ ଇଜ୍ ଲାଇଫ ଅନୁଷ୍ଠାନ ଯେଉଁ ସେବା ମନୋଭାବ ନେଇ ବିଭିନ୍ନ ପ୍ରକାର ସାମାଜିକ କାମରେ ମନୋନିବେଶ କରିବା ସହିତ ବୃଦ୍ଧାଶ୍ରମ କରି ବୃଦ୍ଧ ବ୍ୟକ୍ତିଙ୍କୁ ସେବା ଯୋଗାଇ ଦେଇଆସୁଛି ତାହା ନିଶ୍ଚୟ ପକ୍ଷେ ସ୍ୱାଗତଯୋଗ୍ୟ। ଏଥିପାଇଁ ସମସ୍ତେ ମିଶି ଆଗାମୀ ଦିନରେ ଅନୁଷ୍ଠାନର ଉନ୍ନତିର ସାଥୀ ହୋଇ ସହଯୋଗ କରିବା ଦରକାର ବୋଲି ଶ୍ରୀ ଖୁଣ୍ଟିଆ କହିଥିଲେ। ବିଧାୟକ ଜୟନ୍ତ ଷଡ଼ଙ୍ଗୀ କାର୍ଯ୍ୟକ୍ରମରେ ଯୋଗଦେଇ କହିଥିଲେ ଯେ, ହୋପ୍ ଇଜ୍ ଲାଇଫ ଆରମ୍ଭ ହେବା ଦିନଠାରୁ ମୁଁ ଏ ଅନୁଷ୍ଠାନ ସହିତ ଜଡ଼ିତ। ଏ ଗୋଟିଏ ସାଧାରଣ ଅନୁଷ୍ଠାନ ନୁହଁ ଏ ଗୋଟିଏ ପରିବାର, ଯାହାର ମୂଳ ଲକ୍ଷ୍ୟ ହେଉଛି ସେବା ହିଁ ସେବା। ବିଭିନ୍ନ ସମୟରେ ଅନୁଷ୍ଠାନକୁ ସହଯୋଗର ହାତ ବଢ଼ାଇଛି ଏବଂ ଆଗାମୀ ଦିନରେ ଅନୁଷ୍ଠାନର କିଭଳି ଆହୁରି ଆଗକୁ ବଢ଼ିପାରିବ ସେଥିପାଇଁ ସହଯୋଗ ନିଶ୍ଚୟ କରିବି। କାର୍ଯ୍ୟକ୍ରମରେ ଶ୍ୟାମପ୍ରକାଶ ସେନାପତି ମଞ୍ଚ ପରିଚାଳନା କରିଥିବା ବେଳେ ପୁରୀ ସଦର ବ୍ଲକ ଅଧ୍ୟକ୍ଷ ଦିବାକର ପାତ୍ର, ବିଶିଷ୍ଟ ଅର୍ଥନୀତିଜ୍ଞ ରାଜୀବ ଶେଖର ସାହୁ, ଓଡ଼ିଶା ବରିଷ୍ଠ ନାଗରିକ ମହାସଂଘ ସଭାପତି ଡ. ପ୍ରସନ୍ନ କୁମାର ଦାସ, ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାର ଉପଦେଷ୍ଟା ଦୁର୍ଗା ପ୍ରସାଦ ସାମନ୍ତରାୟ, ଇ-୨୪ ହସ୍ପିଟାଲର ନିର୍ଦ୍ଦେଶକ ରାଜେଶ ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ହୋପ୍ ଇଜ୍ ଲାଇଫର ସଭାପତି ସୁରେଶ କୁମାର ନନ୍ଦ ଅନୁଷ୍ଠାନର ସଂଘର୍ଷ ଏବଂ ବୃଦ୍ଧାଶ୍ରମ କରିବାର ସଂକଳ୍ପକୁ କିଭଳି ଭାବେ ସାକାର କଲେ ସେ କାର୍ଯ୍ୟକ୍ରମରେ ତାହା ପ୍ରତିପାଦନ କରିଥିଲେ। ଅନୁଷ୍ଠାନ ସମ୍ପାଦକ ଗଦାଧର ସାହୁ ମଧ୍ୟ କାର୍ଯ୍ୟକ୍ରମରେ ଯୋଗଦେଇ ସ୍ୱାଗତ ଭାଷଣ ରଖିଥିଲେ। ଏହି ଅବସରରେ ସ୍ୱେଚ୍ଛାସେବୀ ଓ ସାମାଜିକ ସଙ୍ଗଠନମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସ୍ୱସ୍ତିଶ୍ରୀ ଗୋଟିପୁଅ ନୃତ୍ୟ ପରିଷଦ ରଘୁରାଜପୁରର କଳାକାରମାନେ ଗୁରୁ ଗଙ୍ଗାଧର ନାୟକଙ୍କ ନିର୍ଦ୍ଦେଶନାରେ ଗୋଟିପୁଅ ନୃତ୍ୟ ପରିବେଷଣ କରିଥିଲେ।

## ମନମୋହିଲା ନାଟକ 'ମା କିଏ'

**ପୁରୀ, ୨୫।୨(ସମିସ):** ଅନୁଷ୍ଠାନ ଆମର ପକ୍ଷରୁ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ଚାଲିଛି ୧୬ତମ ରାଜ୍ୟସ୍ତରୀୟ ମଞ୍ଚ ନାଟକ ମହୋତ୍ସବ। ରବିବାର ସନ୍ଧ୍ୟାରେ ନାଟ୍ୟଶ୍ରୀ ଅନୁଷ୍ଠାନ ବ୍ରହ୍ମପୁର ପକ୍ଷରୁ ନାଟକ 'ମା କିଏ' ପରିବେଷଣ କରାଯାଇଥିଲା। ଏହି ନାଟକରେ ଦର୍ଶାଯାଇଛି ମା' ହେଲେ ନାରୀର ରୂପ, ଯୌବନ, ସୌନ୍ଦର୍ଯ୍ୟ ନଷ୍ଟ ହୁଏନା। ବରଂ ମା' ହେବାର ଗୌରବରେ ସେ ଏକ ଭିନ୍ନ ସୌନ୍ଦର୍ଯ୍ୟରେ ମଣ୍ଡିତା ହୁଏ। ଗୋଟିଏ ଫଳ ପୁଷ୍ପଭରା ଗଛ ପାଖରେ ଆଉ ଗୋଟିଏ ଅଫଳନ୍ତି ଗଛର ସବୁଜିମା ନିଜକୁ ତୁଚ୍ଛ ମନେକରି ଯେପରି ପ୍ରତୀୟମାନ ହୁଏ। ଆଜିର ବଦଳି ଯାଉଥିବା ଦୁନିଆରେ ବହୁ ଦକ୍ଷତା ଓ ପ୍ରତିଭାର ଅଧିକାରିଣୀ ନାରୀ ପାଇଁ ମା' ହେବା ଏକାନ୍ତ କାମ୍ୟ ନୁହେଁ ସତ କିନ୍ତୁ ପ୍ରକୃତିର ନିୟମ ଅନୁସାରେ ଜଣେ ବିବାହିତା ନାରୀ ମା' ହେବା ଏକାନ୍ତ ପ୍ରୟୋଜନ। ଏହା ସ୍ରଷ୍ଟାର ନିର୍ଦ୍ଦେଶ। ଏହି ଚିରନ୍ତନ ସତ୍ୟକୁ ଉଲ୍ଲଂଘନ କରି ଜଣେ ଆଧୁନିକ ରୁଚି ସମ୍ପନ୍ନା ନାରୀ ଯଦି ତା'ର ଗର୍ଭରୁ ଆଉ ଜଣେ ଅସହାୟ ନାରୀର ଗର୍ଭରେ ବିକଶିତ କରେ ତେବେ ତାକୁ କଣ ମା'ର ଆଖ୍ୟା ଦିଆଯିବ? ସତରେ ମା'ର ସଂଜ୍ଞା କଣ? ଯିଏ ପ୍ରକୃତରେ ଗର୍ଭଧାରିଣୀ ସିଏ 'ମା' ନା ଯିଏ ଗର୍ଭଧାରିଣୀ ମା'ର ଅଭିନୟ କରିଛି ସେ 'ମା'? ଏହା ହେଉଛି ନାଟକ 'ମା କିଏ' ର ମୌଳିକ ପ୍ରଶ୍ନ ଓ ପ୍ରସଙ୍ଗ। ନାଟକକୁ ସମ୍ପୂର୍ଣ୍ଣ ଦେଖିସାରି ଶେଷରେ ମୂଲ୍ୟାଙ୍କନ କରିଛନ୍ତି ବରିଷ୍ଠ କଳାକାର ରବି ତ୍ରିପାଠୀ, ଲକ୍ଷ୍ମୀ ନାରାୟଣ ପୂଜାପଣ୍ଡା ଏବଂ ଦୟାନିଧି ତ୍ରିପାଠୀ। ତେବେ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଜିଲ୍ଲା ସଂସ୍କୃତି ଅଧିକାରୀ ପ୍ରଫୁଲ୍ଲ କୁମାର ସାମନ୍ତରା, ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ୍ କୃଷ୍ଣଚନ୍ଦ୍ର ସାହୁ, ଓଡ଼ିଶା ହାଇକୋର୍ଟର ଅଧିବକ୍ତା ଦୀପକ କୁମାର ପଣ୍ଡା, ଅଭିନେତା କେଦାର ମିଶ୍ର, ସୌମ୍ୟରଞ୍ଜନ ମିଶ୍ର, ସମୀର ଶତପଥୀ. ଓଡ଼ିଶା ଖୋ ଖୋ ସଂଘର ସାଧାରଣ ସମ୍ପାଦକ ପ୍ରଦ୍ୟୁମ୍ନ କୁମାର ମିଶ୍ର, ଅନୁଷ୍ଠାନର ସାଧାରଣ ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ମହାନ୍ତି ଏବଂ ସଭାପତି ଭରତ କୁମାର ନାୟକ ଯୋଗଦେଇଥିଲେ।

# ନୂତନ ବିଗ୍ରହ ପ୍ରତିଷ୍ଠା ଓ ମହାଯଜ୍ଞ



ନୟାହାଟ, ୨୫।୨(ସମିସ): ପୁରୀ ଜିଲ୍ଲା ଚାରିଛକ ଥାନା ଅନ୍ତର୍ଗତ କଳାପାଞ୍ଚଣ ପଞ୍ଚାୟତ ଗଡ଼ଇଟାପୋଖରୀ ଗ୍ରାମରେ ମା' ଜାଡ଼ମଲ୍ଲିଙ୍କ ନୂତନ ବିଗ୍ରହ ପ୍ରତିଷ୍ଠା ଓ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏହି ବିଗ୍ରହ ପ୍ରତିଷ୍ଠା ଓ ମହାଯଜ୍ଞ ପାଇଁ ନିକଟସ୍ଥ ପ୍ରାଚୀ ନଦୀରୁ କର୍ତ୍ତା ଜୟୀରାମ ପାତ୍ରଙ୍କ ସହ ଗ୍ରାମର ପୁରୁଷ ମହିଳାମାନେ କଳସ ଆଣି ଯଜ୍ଞ ମଣ୍ଡପରେ ସ୍ଥାପନ କରିଥିଲେ। ଏହି ମହାଯଜ୍ଞର ତୃତୀୟ ଦିନରେ ନୂତନ ଭାବେ ନିର୍ମାଣ ହୋଇଥିବା ମା' ଜାଡ଼ମଲ୍ଲିଙ୍କୁ ପ୍ରାଣ ପ୍ରତିଷ୍ଠା କରିବା ପରେ ସ୍ୱତନ୍ତ୍ର ରଥରେ ବସାଇ ଗ୍ରାମ ପରିକ୍ରମା କରାଯାଇଥିଲା। ୪ର୍ଥ ଦିନ ସକାଳେ ସୂର୍ଯ୍ୟପୂଜା କରାଯାଇ ମହାଯଜ୍ଞ ଆରମ୍ଭ ହୋଇ ସନ୍ଧ୍ୟାରେ ପୂର୍ଣ୍ଣାହୁତି ହୋଇଥିଲା। ବିଭିନ୍ନ ଅଞ୍ଚଳରୁ ଶତାଧିକ ଶ୍ରଦ୍ଧାଳୁ ଏଥିରେ ସାମିଲ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ଗ୍ରାମବାସୀ ସହଯୋଗ କରିଥିଲେ।

# ସରିଲାଣି ଅବଧି; ସରୁନି ସେତୁ ନିର୍ମାଣ

ଡେଲାଙ୍ଗ, ୨୫।୨(ସମିସ):



**ପାଇଲିଂ କୂପରେ ପକାଇଲେ ମାଟି; ଗ୍ରାମବାସୀଙ୍କ ବିରୋଧ**

ଡେଲାଙ୍ଗ ବ୍ଲକ ଡାକପଡ଼ା ଗ୍ରାମ ସନ୍ନିକଟ ଲୁଣାନଦୀ ଉପରେ ନିର୍ମାଣାଧୀନ ସେତୁ ସମ୍ପୂର୍ଣ୍ଣ ହେଲେ ଏହା ଡେଲାଙ୍ଗ-କଣାସ ରାସ୍ତାର ଡାକପଡ଼ା ଛକଠାରୁ ମୋହନପୁର ଗ୍ରାମକୁ ସଂଯୋଗ କରିବ। ହେଲେ ୨୦୨୦ ମସିହାରେ ଆରମ୍ଭ କରାଯାଇଥିବା ଏହି କାର୍ଯ୍ୟ ଅଦ୍ୟାବଧି ସମାପ୍ତ ହେଉନଥିବା ଓ ନିର୍ମାଣ କାର୍ଯ୍ୟରେ ନିମ୍ନମାନର ସାମଗ୍ରୀ ବ୍ୟବହାର କରାଯାଉଥିବା ସାଧାରଣରେ ଅଭିଯୋଗ ହୋଇଛି। ଉକ୍ତ ସେତୁ ନିର୍ମାଣ ନିମନ୍ତେ ୨୦୧୯ ମସିହାରେ ଭୂମିପୂଜା କରାଯାଇ ୨୦୨୦ ମସିହା ଡିସେମ୍ବର ୧୪ ତାରିଖରେ ଶିଳାନ୍ୟାସ କରାଯାଇଥିଲା। ୫ କୋଟି ୯୦ ଲକ୍ଷ ୪୭ ହଜାର ୮୫୩ ଟଙ୍କା ବ୍ୟୟ ବରାଦରେ କରାଯାଉଥିବା ଏହି ସେତୁର ଅବଧି ୨୦୨୨ ମସିହା ଜୁନ ୧୩ ତାରିଖରେ ସମାପ୍ତ ହୋଇଥିବା ବେଳେ ଅଦ୍ୟାବଧି ଏହାର କାର୍ଯ୍ୟସମାପ୍ତ ନହେବା ଅଞ୍ଚଳବାସୀଙ୍କ ଅସନ୍ତୋଷର କେନ୍ଦ୍ରବିନ୍ଦୁ ପାଲଟିଛି। ତେବେ ୨୦୨୩ ମସିହା ସେପ୍ଟେମ୍ବର ମାସରେ ସେତୁ ନିର୍ମାଣରେ ବ୍ୟବହୃତ ସାମଗ୍ରୀ ନିମ୍ନମାନର ହୋଇଥିବା ଓ ପାଇଲିଂ କୂପରେ ବାଲି ପରିବର୍ତ୍ତେ ମାଟି ପଡ଼ିବା ଆଦି ଅଭିଯୋଗ ଗ୍ରାମବାସୀମାନେ କରିବା ପରେ ବ୍ଲକ ଅଧକ୍ଷ ଘଟଣାସ୍ଥଳରେ ପହଞ୍ଚି ଉତ୍ତମମାନର ସାମଗ୍ରୀ ବ୍ୟବହାର କରିବା ଓ ପାଇଲିଂ କୂପରେ ବାଲି ପକାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଆଜି ପର୍ଯ୍ୟନ୍ତ ସରିନଥିବା ଏହି ସେତୁ କାମ ପାଇଁ ନଦୀ ଭିତରେ ମୋଟ ୪ଟି ପିଲର ନିମନ୍ତେ ପାଇଲିଂ କୂପ ମଧ୍ୟରୁ ୩ଟି ସରିଥିବା ବେଳେ ବଳକା ଗୋଟିଏ କୂପରେ ବାଲି ପରିବର୍ତ୍ତେ ମାଟି ପକାଯାଉଥିବା ଗ୍ରାମବାସୀ ଅଭିଯୋଗ ଆଣିବା ସହିତ ହୋହଲ୍ଲା କରିଥିଲେ। ଏନେଇ ଆଜି ଗ୍ରାମ୍ୟ ନିର୍ମାଣ ବିଭାଗ ପୁରୀର କନିଷ୍ଠ ଯନ୍ତ୍ରୀ ସରୋଜ କୁମାର ପଣ୍ଡା ଘଟଣାସ୍ଥଳରେ ପହଞ୍ଚି ଲୋକମାନଙ୍କୁ ବୁଝାସୁଝା କରିବା ସହିତ ପାଇଲିଂ କୂପରେ ପୋତା ବାଲି ପକାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହା ସହିତ ନିର୍ମାଣ କାର୍ଯ୍ୟ ଆସନ୍ତା ଜୁନ ମାସ ସୁଦ୍ଧା ସମାପ୍ତ ହେବ ବୋଲି ଶ୍ରୀ ପଣ୍ଡା ସୂଚନା ଦେଇଛନ୍ତି।

# ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ



କାକଟପୁର, ୨୫।୨(ସମିସ): କାକଟପୁରସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ୨୪ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଚାରିଛକ ମହିଳା ମହାବିଦ୍ୟାଳୟର ଅଧ୍ୟାପକ ଅଶୋକ କୁମାର ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଆହୁତ ସଭାରେ ମୁଖ୍ୟ ଅତିଥିଭାବେ ରତନପୁର ଯୁକ୍ତ ୨ ମହାବିଦ୍ୟାଳୟର ଅଧ୍ୟକ୍ଷ ଚିତ୍ତରଞ୍ଜନ ପରିଡ଼ା, ମୁଖ୍ୟ ବକ୍ତା ଭାବେ ମୟୂରଭଞ୍ଜ ଜିଲ୍ଲାର ଡେପୁଟି କଲେକ୍ଟର ପ୍ରଭାତ କୁମାର ତରାଇ, ସମ୍ମାନିତ ଅତିଥି ଭାବେ କାକଟପୁର ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ପ୍ରିୟ ରଞ୍ଜନ ବେହେରା, ମଙ୍ଗଳା ଟ୍ରଷ୍ଟ ବୋର୍ଡର କାର୍ଯ୍ୟନିର୍ବାହୀ ଅଧିକାରୀ କୈଳାସ ଚନ୍ଦ୍ର ଦାଶ, ନୟାହାଟ ହାଇସ୍କୁଲର ବରିଷ୍ଠ ଶିକ୍ଷକ ପ୍ରଫୁଲ୍ଲ ଚନ୍ଦ୍ର ମିଶ୍ର ଯୋଗଦେଇ ଛାତ୍ରଛାତ୍ରୀମାନେ ବିବେକାନନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ କହିଥିଲେ। ବିଦ୍ୟାଳୟରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିବା ବେଳେ ଆଦର୍ଶ ଶିକ୍ଷୟିତ୍ରୀ ଭାବେ ପ୍ରମିଳା ସେଠୀ ଓ ସମାଜସେବୀ ନିରଦ ବରନ ମହାନ୍ତିଙ୍କୁ ମାନପତ୍ର ସହ ଉପଢୌକନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷାକେନ୍ଦ୍ରର ଅଧ୍ୟକ୍ଷା ତୃପ୍ତିମୟୀ ରଥ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଉପାଧ୍ୟକ୍ଷା ରୀତା କୁମାରୀ ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ପ୍ରଭାତୀ ବେହେରା, ସଙ୍ଗୀତା ବଳିୟାରସିଂ, କବିତା ସେଠୀ, ମିତାଲି ମହାରଣା, ରୋଜାଲିନ ବାରିକ ପ୍ରମୁଖ ସହଯୋଗ କରିଥିଲେ। ସଭା ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ଶିକ୍ଷାକେନ୍ଦ୍ରର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା କୁନି କୁନି ତାରା ପରିବେଷଣ କରାଯାଇଥିଲା। ଶିକ୍ଷାକେନ୍ଦ୍ରର ସଭାପତି ଭଗବାନ ମହାନ୍ତି, ଉପସଭାପତି କ୍ଷେତ୍ରମୋହନ ସାହୁ, ସମ୍ପାଦକ ପ୍ରଭାତ କୁମାର ବଳିୟାରସିଂ, ଏସ୍କେ ସଫିକଙ୍କ ସମେତ ସମସ୍ତ ଅଭିଭାବକ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ମାର୍ଚ୍ଚ ୧୭ରେ ବକୁଳବନ ମହୋତ୍ସବ



ସାକ୍ଷୀଗୋପାଳ, ୨୫।୨(ସମିସ): ସତ୍ୟବାଦୀରେ ୧୯ତମ ବକୁଳବନ ମହୋତ୍ସବ ମାର୍ଚ୍ଚ ୧୭ ତାରିଖରେ କରାଯିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏହି ଅବସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠିତ ବୈଠକରେ ବକୁଳବନ ମହୋତ୍ସବ କମିଟିର ଉପଦେଷ୍ଟା ସଚ୍ଚିକାନ୍ତ ବିଶ୍ୱାଳ ଅଧ୍ୟକ୍ଷତା କରିଥିଲେ। ବୈଠକରେ ଅନୁଷ୍ଠାନର ସମ୍ପାଦକ ଯଯାତି କେଶରୀ ରାୟ ମହୋତ୍ସବ ପାଇଁ ଏକ ଖସଡ଼ା ପ୍ରସ୍ତୁତ କରିଥିଲେ। ଏ ବର୍ଷ ମହୋତ୍ସବକୁ ସରସ ସୁନ୍ଦର କରିବା ପାଇଁ ଉପସ୍ଥିତ ଥିବା ସଦସ୍ୟମାନଙ୍କ ଠାରୁ ମତାମତ ସଂଗ୍ରହ କରାଯାଇଥିଲା। ମହୋତ୍ସବ କମିଟିର ସଭାପତି ସାଧୁଚରଣ ବେହେରା, ଉପସଭାପତି ଲକ୍ଷ୍ମୀ ପ୍ରସାଦ ପାଣି, ସୁଜାତା ଦେବୀ, କୃପାନିଧି ପ୍ରଧାନ, ଧୀରଞ୍ଜନ ବିଶ୍ୱାଳ, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ମଦନ ମୋହନ ପରିଡ଼ା, ପବିତ୍ର କୁମାର ପରିଡ଼ା, ବିଶାଖା ଦେବୀ, ଉପେନ୍ଦ୍ର ବିଶ୍ୱାଳ ଓ ଧନେଶ୍ୱର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ଜରାଜୀର୍ଣ୍ଣ ଅବସ୍ଥାରେ ପ୍ରାଚୀ ଗବେଷଣା କେନ୍ଦ୍ର



ନିମାପଡ଼ା, ୨୫।୨(ସମିସ): ନିମାପଡ଼ା ବ୍ଲକ ଅନ୍ତର୍ଗତ ତୁଳସୀପୁର ପଞ୍ଚାୟତ ଅମରେଶ୍ୱର ନିକଟରେ ଥିବା ପ୍ରାଚୀ ଗବେଷଣା କେନ୍ଦ୍ରଟି ବର୍ତ୍ତମାନ ଅବହେଳିତ ଅବସ୍ଥାରେ ପଡ଼ିରହିଛି। ୧୫ ବର୍ଷ ତଳେ ତତ୍କାଳୀନ ଜଗତସିଂହପୁର ସାଂସଦ ସ୍ୱର୍ଗତ ତ୍ରିଲୋଚନ କାନୁନଗୋଙ୍କ ସାଂସଦ ପାଣ୍ଠିରୁ ଅର୍ଥ ବିନିଯୋଗ ହୋଇ ଏହି ଗବେଷଣା କେନ୍ଦ୍ରଟି ନିର୍ମାଣ କରାଯାଇଥିଲା। ମାତ୍ର ରକ୍ଷଣାବେକ୍ଷଣ ଅଭାବରୁ ତାହା ବର୍ତ୍ତମାନ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ି ରହିଥିବା ଦେଖିବାକୁ ମିଳିଛି। ବର୍ତ୍ତମାନ ଏହି ଗବେଷଣା କେନ୍ଦ୍ରଟି ଭାଙ୍ଗିରୁଜି ଯାଇଥିବାବେଳେ ତାହାର ରକ୍ଷଣାବେକ୍ଷଣ କରାଯାଉ ନାହିଁ। ସେଠାରେ କାହାରିକୁ ନିଯୁକ୍ତ କରାଯାଇନଥିବା ଜଣାପଡ଼ିଛି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଦ୍ୟଲୀଳାକ୍ଷେତ୍ର ପବିତ୍ର ପ୍ରାଚୀତଟରେ କବି ଜୟଦେବଙ୍କ ସ୍ମୃତିରେ ଏକ ପାଣ୍ଡୁଲିପି ସଂଗ୍ରହାଳୟ ହେବା ପାଇଁ ତତ୍କାଳୀନ ମୁଖ୍ୟ ଶାସନ ସଚିବ ଅଜିତ କୁମାର ତ୍ରିପାଠୀ ଏକ ପ୍ରସ୍ତାବ ରଖିଥିଲେ। ପ୍ରାଚୀତଟ ଅମରେଶ୍ୱର ମନ୍ଦିର ନିକଟରେ ଏହି ଗବେଷଣା କେନ୍ଦ୍ରଟି ୧୫ ବର୍ଷ ତଳେ ନିର୍ମାଣ କରାଯାଇଥିଲା। ଏହି ଗବେଷଣା କେନ୍ଦ୍ରରେ ପ୍ରାଚୀ ତଟର ବିଭିନ୍ନ ପୁରାତନ ପଥରରେ କାରୁକାର୍ଯ୍ୟ ମୂର୍ତ୍ତି, ତମ୍ବା ପୋଥି, ତାଳପତ୍ର ପୋଥି, ତମ୍ବା ଓ ପିତ୍ତଳ ଆଦି ମୂର୍ତ୍ତିର ଗବେଷଣା କରାଯାଇ ସେହି ସଂଗ୍ରହାଳୟରେ ରଖାଯିବା ପାଇଁ ସ୍ଥିର କରାଯାଇଥିଲା। ତୁରନ୍ତ ଏହାକୁ କାର୍ଯ୍ୟକାରୀ କରିବାକୁ ବରିଷ୍ଠ ପ୍ରାଚୀ ଗବେଷକ ପଣ୍ଡିତ ତ୍ରିଲୋଚନ ମିଶ୍ର, ଐତିହାସିକ ଡଃ. ସନ୍ତୋଷ କୁମାର ମିତ୍ର, ପ୍ରଫେସର ଗୋପୀନାଥ କର, କୃଷକ ନେତା କୃଷ୍ଣଚନ୍ଦ୍ର ରାଉତ, ସନାତନ ପାତ୍ର, ବରିଷ୍ଠ ନାଗରିକ ମଞ୍ଚର ସମ୍ପାଦକ କାହ୍ନୁଚରଣ ବେହେରାଙ୍କ ସମେତ ସ୍ଥାନୀୟ ଅଞ୍ଚଳର ବହୁ ବୁଦ୍ଧିଜୀବୀ, ଶିକ୍ଷାବିତ୍, ସମାଜସେବୀ ଓ ସଚେତନ ନାଗରିକମାନେ ଦାବି କରିଛନ୍ତି।

# ଶନିଦେବଙ୍କ ବାର୍ଷିକ ଉତ୍ସବ

କୃଷ୍ଣପ୍ରସାଦ, ୨୫।୨(ସମିସ): କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ବଜ୍ରକୋଟ ପଞ୍ଚାୟତ ରସଦିଗାଁରେ ଥିବା ଆରାଧ୍ୟ ଦେବ ଶ୍ରୀ ଶ୍ରୀ ଶନିଦେବଙ୍କ ପୀଠରେ ଦଶମ ପଞ୍ଚବାର୍ଷିକ ପୂର୍ଣ୍ଣାହୁତି ମେଳା ଓ ଅଷ୍ଟପ୍ରହରୀ ନାମଯଜ୍ଞ ପାଳିତ ହୋଇଯାଇଛି। ଶନିବାର ପ୍ରାତଃ ସମୟରୁ ଧ୍ୱଜା ପରିକ୍ରମା ସାରି ଅଷ୍ଟପ୍ରହରୀ ନାମଯଜ୍ଞ ଆରମ୍ଭ କରାଯାଇଥିଲା। ଦିନ ୯ଟାରେ ଠାକୁରଙ୍କୁ ବିମାନରେ ବିରାଜମାନ କରାଯାଇ ଗ୍ରାମ ପରିକ୍ରମା ସହିତ ଭୋଗ ଖିଆ କାର୍ଯ୍ୟ ସମ୍ପନ୍ନ କରାଯାଇଥିଲା। ପରିକ୍ରମା ସମୟରେ ନାମ ସଂକୀର୍ତ୍ତନ, ଡିଜେ, ସାମରିକ ପାଇକ ଆଖଡ଼ା ଖେଳ ସହ ହୁଳହୁଳି ହରିବୋଲରେ ଗାଁ ଦାଣ୍ଡ ପ୍ରକମ୍ପିତ ହୋଇ ଉଠିଥିଲା। ଦିନତମାମ ମେଳାର ଆୟୋଜନ କରାଯାଇ ୨୫ ତାରିଖ ରବିବାର ପୂର୍ଣ୍ଣାହୁତି କରାଯାଇଥିଲା। ଉତ୍ସବ ଉପଲକ୍ଷେ ସନ୍ଧ୍ୟାରେ ମନୋରଞ୍ଜନ କାର୍ଯ୍ୟକ୍ରମ ନାଟ୍ୟ ନିର୍ଦ୍ଦେଶକ ବ୍ରଜକିଶୋର ଗୌଡଙ୍କ ଦ୍ୱାରା ନିର୍ଦ୍ଦେଶିତ ଗୀତିନାଟ୍ୟ ଶ୍ରୀ ଶନି ମହିମା ନାଟକ ମଞ୍ଚସ୍ଥ ହୋଇଥିଲା। ରାତିରେ ନିର୍ଦ୍ଦେଶକ ବିକ୍ରମ ବିଶ୍ୱାଳ ଓ ଯୋଗେନ୍ଦ୍ର ପଲେଇଙ୍କ ଦ୍ୱାରା ନିର୍ଦ୍ଦେଶିତ ସାମାଜିକ ନାଟକ ଅସତି ତୁଳସୀ ସତୀ ଚଉରା ନାଟକ ଗ୍ରାମର କଳାକାରମାନଙ୍କୁ ନେଇ ମଞ୍ଚସ୍ଥ କରାଯାଇଥିଲା। ଗ୍ରାମ୍ୟ କମିଟି ସଭାପତି ଗୁରୁଚରଣ ବିଶ୍ୱାଳ,



ସମ୍ପାଦକ ଦଇତାରୀ ବିଶ୍ୱାଳ ପରିଚାଳନା କରୁଥିବା ବେଳେ ଗ୍ରାମର ଶୃଙ୍ଖଳା କମିଟି ଓ ଶ୍ରୀଶନିଶ୍ଚର ଟେମ୍ପୁଲ ଟ୍ରଷ୍ଟ ସଭାପତି ବୁଲାମଣି ତରେଇ, ସମ୍ପାଦକ ବୁଲୁ ବିଶ୍ୱାଳ, ଉପସଭାପତି ଶେଷଦେବ ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟ ସମାପନ ହୋଇଥିଲା। ରବୀନ୍ଦ୍ର ନାଥ ବିଶ୍ୱାଳ, ପ୍ରାଣନାଥ ବଳିୟାରସିଂ, ସୋମନାଥ ବିଶ୍ୱାଳ, ବିଦେଶୀ ବିଶ୍ୱାଳ, ସୁକାନ୍ତ ବିଶ୍ୱାଳ ଓ ଗ୍ରାମବାସୀ ସହଯୋଗ କରିଥିଲେ।

# ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କଲେ ବିଧାୟକ



ଗୋପ, ୨୫।୨(ସମିସ): ରବିବାର ଗୋପ ବ୍ଲକ ଅଧୀନ ବିଭିନ୍ନ ସ୍ଥାନରେ ନିମାପଡ଼ା ବିଧାୟକ ସମୀର ରଞ୍ଜନ ଦାଶଙ୍କ ଦ୍ୱାରା ଶିଳାନ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ପାଟେଲିଆ ଭାୟା ସାଇଁସାଇଁ, ଡିହସାହି, ଆଖଣ୍ଡଳପୁର, ନାଗସାହି, ଜେନାସାହି, ରୋଡ୍ କାର୍ଯ୍ୟ ଲାଗି ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୫ କୋଟି ୮୫ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଥିବାବେଳେ ଏହି କାର୍ଯ୍ୟକୁ ବିଧାୟକ ଶ୍ରୀ ଦାଶ ଶିଳାନ୍ୟାସ କରିଥିଲେ। ସେହିପରି ପୟରା ଠାରୁ କଣ୍ଟି ରୋଡ୍ ଲାଗି ୧ କୋଟି ୭୫ ଲକ୍ଷ ଟଙ୍କା ରାସ୍ତାର ଶିଳାନ୍ୟାସ କରିଛନ୍ତି। ଅନୁରୂପ ଭାବେ ମାଧବ-ବାଲିଘାଇ ରୋଡ୍ଠାରୁ ବନ୍ତଳୀଗ୍ରାମ ପର୍ଯ୍ୟନ୍ତ ରାସ୍ତାକୁ ୬ କୋଟି ୪୪ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିବାବେଳେ ଏହି ରାସ୍ତାକୁ ବିଧାୟକ ଶ୍ରୀ ଦାଶ ଶିଳାନ୍ୟାସ କରିଛନ୍ତି। ସେହିପରି ଶଙ୍ଖତିରା ଡଭାର ରାସ୍ତାର ଉନ୍ନତିକରଣ ଲାଗି ୧୧ କୋଟି ୭୭ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିବାବେଳେ ଏହି ରାସ୍ତାର ଉନ୍ନତିକରଣ ଲାଗି ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଖଣ୍ଡାସାହିରୁ ଆଢ଼େଣା ରାସ୍ତା ଲାଗି ୯ କୋଟି ୨୩ ଲକ୍ଷ, କୁଶଭଦ୍ରା ବ୍ରିଜ୍ ଲାଗି ୭ କୋଟି ୮୦ ଲକ୍ଷ ଓ ସୁଦୁଖଣ୍ଡି ମହାପୁରଠାରେ ବ୍ରିଜ୍ ନିର୍ମାଣ ଲାଗି ୧୮ କୋଟି ଟଙ୍କାର କାର୍ଯ୍ୟକୁ ବିଧାୟକ ଶ୍ରୀ ଦାଶ ଶିଳାନ୍ୟାସ କରିଛନ୍ତି।

## ବିଜେଡିର ସାଂଗଠନିକ ବୈଠକ

କଣାସ, ୨୫।୨(ସମିସ): କଣାସ ବ୍ଲକ ୪ନଂ ଜୋନ୍‌ର ବିଜୁ ଜନତା ଦଳ ଯୁବ କର୍ମୀମାନଙ୍କର ଆଜି ଏକ ବୈଠକ ପାଣ୍ଡିଆକେରା ପଞ୍ଚାୟତ ମଶାଣ୍ୱରୀଙ୍କ ପୀଠରେ ଅନୁଷ୍ଠିତ ହୋଇଯାଇଛି। ବିଜୁ ଜନତା ଦଳର ଯୁବନେତା ବିଶ୍ୱରଞ୍ଜନ ପାତଳସିଂହଙ୍କ ଆହ୍ୱାନକ୍ରମେ ଆଜି ୫ ଶହରୁ ଊର୍ଦ୍ଧ୍ୱ କର୍ମୀ ବୈଠକରେ ଯୋଗ ଦେଇଥିଲେ। ଏହି ସଭାରେ ବିଶ୍ୱରଞ୍ଜନ ପାତଳସିଂହ, କଣାସ ପଞ୍ଚାୟତ ବିଜେଡି ଯୁବସଭାପତି ହରିହର ଭୋଳ, ସତ୍ୟବାଦୀର ମହେଶ୍ୱର ପଟ୍ଟନାୟକ, ଦିନବନ୍ଧୁ ପ୍ରଧାନ, ସୁକାନ୍ତ ଦଳସିଂହ, ବାବୁଲି ଜେନା, ସନ୍ତୋଷ ଜେନା ପ୍ରମୁଖ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିଭିନ୍ନ ଜନହିତକର ଯୋଜନା ଦ୍ୱାରା ଏହି ଗ୍ରାମପଞ୍ଚାୟତର ଉନ୍ନତି ହୋଇଥିବା କହିଥିଲେ।



# ଜଳିଗଲା ଲକ୍ଷାଧିକ ଟଙ୍କାର ମାଛଧରା ଜାଲ

କଣାସ, ୨୫।୨(ସମିସ): କଣାସ ବ୍ଲକ ଗୋପୀନାଥପୁର ପଞ୍ଚାୟତର ଜାଗୁଳେଇପଦର ଗ୍ରାମରେ ଗତକାଲି ରାତିରେ ରମେଶ ବେହେରାଙ୍କ ଘରେ ଅଗ୍ନିକାଣ୍ଡ ଘଟି ୩ ବଖରା ଘର ଜଳିଯିବା ସହ ଘରେ ଭିତରେ ଥିବା ସମସ୍ତ ଆସବାବପତ୍ର ଓ ଚିଲିକାରୁ ମାଛ ମାରିବା ପାଇଁ ରଖାଯାଇଥିବା ଲକ୍ଷାଧିକ ଟଙ୍କାର ବିଭିନ୍ନ ମାଛମରା ଜାଲ ପୋଡ଼ି ପାଉଁଶ ହୋଇଯାଇଛି। ଖବର ପାଇ କଣାସ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। କଣାସ ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ କଳାପଦର ରାଜସ୍ୱ ନିରୀକ୍ଷକ ଦେବଦତ୍ତ ସ୍ୱାଇଁଙ୍କୁ ଘଟଣାସ୍ଥଳକୁ ଯାଇ କ୍ଷୟକ୍ଷତିକୁ ଆକଳନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ପରେ ରାଜସ୍ୱ ନିରୀକ୍ଷକ ଶ୍ରୀ ସ୍ୱାଇଁ ଅଗ୍ନିବିପନ୍ନ ପରିବାରଙ୍କ ପାଖକୁ ଯାଇ କ୍ଷୟକ୍ଷତି ଆକଳନ କରି ତହସିଲଦାରଙ୍କୁ ରିପୋର୍ଟ ଦେଇଛନ୍ତି। ତହସିଲଦାର ଅଗ୍ନିବିପନ୍ନ ପରିବାରଙ୍କୁ ୩ଟି ପଲିଥିନ ପ୍ରଦାନ କରିଥିଲେ। ତୁରନ୍ତ ରମେଶଙ୍କୁ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

# କ୍ରିକେଟ ଟୁର୍ଣ୍ଣାମେଣ୍ଟ: ମା' ହରଚଣ୍ଡୀ କ୍ଲବ୍ ଚାମ୍ପିଅନ



ଚାରିଛକ, ୨୫।୨(ସମିସ): ଚାରିଛକ ନିକଟସ୍ଥ ବିଶିମାତ୍ରୀଠାରେ ମା' ହରଚଣ୍ଡୀ ଟିମ୍ ତରଫରୁ ଆୟୋଜିତ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଆଜି ଆଶୁ ୱାରିୟର୍ସ କ୍ରିକେଟ ଟିମ୍, ଛଣିଜଙ୍ଗ ଓ ମା' ହରଚଣ୍ଡୀ କ୍ରିକେଟ କ୍ଲବ, ବିଶିମାତ୍ରୀ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ମା' ହରଚଣ୍ଡୀ କ୍ରିକେଟ କ୍ଲବ ପ୍ରଥମେ ଟସ୍ ଜିତି ବ୍ୟାଟିଂ କରିବା ସହ ୧୦ ଓଭର୍‌ରେ ୧୪୦ ରନ୍ ସଂଗ୍ରହ କରିଥିଲା। ଜବାବରେ ଆଶୁ ୱାରିୟର୍ସ ଟିମ୍ ସମସ୍ତ ୱିକେଟ ହରାଇ ୧୦୦ ରନ୍ ସଂଗ୍ରହ କରିବା ସହ ପରାଜିତ ହୋଇଥିଲା। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ନନ୍ଦିଘୋଷ ଫାଉଣ୍ଡେସନ ଟ୍ରଷ୍ଟର ଅଧ୍ୟକ୍ଷା ରୋଜାଲିନ ନାୟକ ଯୋଗଦେଇ ଚାମ୍ପିଅନ ଦଳକୁ ଟ୍ରଫି ସହ ୧୦ ହଜାର ଟଙ୍କା ଓ ରନର୍ସ ଅପ୍ ଦଳକୁ ଟ୍ରଫି ସହ ୭ ହଜାର ଟଙ୍କା ପ୍ରଦାନ କରିଥିଲେ। ଏଥିରେ ୧୦ଟି ଦଳ ଭାଗ ନେଇଥିଲେ। ସିଲୁ ପ୍ରଧାନ ମ୍ୟାନ୍ ଅଫ୍ ଦି ସିରିଜ୍ ଓ ସୁରମଣୀ ନାୟକ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଓମ୍ପେୟାର ଭାବେ ପ୍ରୀତମ ନାୟକ ଓ ମୃତ୍ୟୁଞ୍ଜୟ ପଣ୍ଡା ମ୍ୟାଚ୍ ପରିଚାଳନା କରିଥିଲେ। ସୁବ୍ରତ ନାୟକ, ସୁରମଣୀ ନାୟକ, ପ୍ରଜ୍ଞାଜିତ ଦାଶ, ସମ୍ବିତ ମହାନ୍ତି, ସୁପ୍ରଭା ରାଉତ ପ୍ରମୁଖ ସହଯୋଗ କରିଥିଲେ।

## ବନ୍ଦନା ଭାଷା ସାହିତ୍ୟ, କଳା ଓ ସଂସ୍କୃତି ପରିଷଦର ବାର୍ଷିକ ଉତ୍ସବ

# 'ଓଡ଼ିଆ ଭାଷାର ବିକାଶ କରୁଛି ସାହିତ୍ୟ ଆସର'

ସାକ୍ଷୀଗୋପାଳ, ୨୫।୨(ସମିସ):



ସାକ୍ଷୀଗୋପାଳ ଅଳଗୁମ ରାସ୍ତାରା ଦାମଦର ମଣ୍ଡପ ପରିସରରେ ବନ୍ଦନା ଭାଷା ସାହିତ୍ୟ, କଳା ଓ ସଂସ୍କୃତି ପରିଷଦର ୯ମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ କବିତା ପାଠ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ଅଞ୍ଚଳରୁ ପ୍ରାୟ ୭୦ ଜଣ କବି ଓ କବୟିତ୍ରୀ ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ସଭାରେ ଅଧ୍ୟାପିକା ପ୍ରିୟମ୍ବଦା ଦାଶ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରବା ସହ ଆମ ଓଡ଼ିଆ ଭାଷାକୁ ଆଗେଇ ନେବାକୁ ଏବେ ସମୟ ଆସିଛି। ସମସ୍ତେ ମିଳିମିଶି ଭାଷା ପ୍ରତି ସଜାଗ ରହି ସାହିତ୍ୟ ଆସର କରିବାକୁ ସେ ମତ ପ୍ରକାଶ କରିଥିଲେ। ବନ୍ଦନା ଭାଷା ସାହିତ୍ୟ କଳା ଓ ସଂସ୍କୃତି ପରିଷଦର ସମ୍ପାଦକ ରବୀନ୍ଦ୍ର ନାଥ ଷଡ଼ଙ୍ଗୀ ଅନୁଷ୍ଠାନର ବାର୍ଷିକ ବିବରଣୀ ପାଠ କରିଥିଲେ। ଅତିଥି ଭାବେ ପ୍ରଫେସର ବସନ୍ତ କୁମାର ରଥ, ଶିକ୍ଷାବିତ୍‌ଉଶସଧର ପଣ୍ଡା, ବ୍ୟଙ୍ଗକବି ସମ୍ପଦ କୁମାର ରଥ, ଶିକ୍ଷୟିତ୍ରୀ ବନ୍ଦନା ମହାପାତ୍ର ପ୍ରମୁଖ ଯୋଗଦେଇ ସାହିତ୍ୟ ଆସର ସହିତ ବିଭିନ୍ନ ପୁସ୍ତକ ପ୍ରକାଶନ କରିବା ପାଇଁ ମତ ପ୍ରକାଶ କରିଥିଲେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ବନ୍ଦନା ଓ ରବୀନ୍ଦ୍ର ନାଥ ଷଡ଼ଙ୍ଗୀଙ୍କ ଦ୍ୱାରା ରଚିତ ନାଟକ ପୁସ୍ତକ ପ୍ରଜା ମଣ୍ଡଳର ଜୟ ପୁସ୍ତକ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଅନୁଷ୍ଠାନ ପକ୍ଷରୁ ଛଅଜଣ କବି ଓ କବୟିତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟର ଯୁକ୍ତ ଦୁଇ କଳା ବିଭାଗରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ର ମିଥୁନ ଦାଶଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ର. ବୃନ୍ଦାବନ ଚନ୍ଦ୍ର ରଥ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଶିକ୍ଷୟିତ୍ରୀ ସୁଜାତା ଦେବୀ ଓ ସ୍ୱଗାତିକା ସୁନ୍ଦରାୟ। ଧନ୍ୟବାଦ ଦେଇଥିଲେ କବି ସୁଦର୍ଶନ ପ୍ରଧାନ। ମାନସ ରଞ୍ଜନ ପଟ୍ଟନାୟକ, ଦିଗମ୍ବର ରଥ, ପ୍ରଦ୍ୟୁମ୍ନ ପରିଡ଼ା, ବାସନ୍ତୀ ସାହୁ, ଶରତ ମହାପାତ୍ର, ପ୍ରମିଳା ପଟ୍ଟନାୟକ, ଅଧିକାରୀ ସ୍ୱାଇଁ, ଲକ୍ଷ୍ମୀଧର ପାଣି, ପ୍ରଭାସ ଚନ୍ଦ୍ର ମଙ୍ଗରାଜ, ସରୋଜିନୀ ମିଶ୍ର, ରାଜ କିଶୋର ପତି, ଜୟନ୍ତୀ ନନ୍ଦ, ନିରଞ୍ଜନ ବରାଳ ପ୍ରମୁଖ କବି କବୟିତ୍ରୀମାନେ ସ୍ୱରଚିତ କବିତା ପାଠ କରିଥିଲେ।



### ଉଚ୍ଚଶିକ୍ଷା ଭିତ୍ତିଭୂମି ସୁଦୃଢ଼ରେ '୫-ଟି' ଛାପ

# ୬ କୋଟି ବ୍ୟୟରେ ଚାଲିଛି ୧୦ ଶିକ୍ଷାନୁଷ୍ଠାନର ରୂପାନ୍ତରଣ

ନୟାଗଡ଼, ୨୫।୨(ସମିସ): ବିଦ୍ୟାଳୟ ଭିତ୍ତିଭୂମି ରୂପାନ୍ତରଣ ପରେ ଉଚ୍ଚଶିକ୍ଷା ଭିତ୍ତିଭୂମି ରୂପାନ୍ତରଣକୁ ରାଜ୍ୟ ସରକାର ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁତ୍ୱ ଦେଇଛନ୍ତି। ନୟାଗଡ଼ ଜିଲ୍ଲାକୁ ଗସ୍ତ କରି '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଏନେଇ ଘୋଷଣା କରିଥିଲେ। ପ୍ରତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟ ରୂପାନ୍ତରଣ ପାଇଁ ଅନୁଦାନ ମଧ୍ୟ ପ୍ରଦାନ ହୋଇଛି। ନୟାଗଡ଼ ଜିଲ୍ଲା ସଦର ବ୍ଲକ ଅଧୀନରେ ରହିଥିବା ୧୦ଟି ଶିକ୍ଷାନୁଷ୍ଠାନର ରୂପାନ୍ତରଣ କାର୍ଯ୍ୟ ଚାଲିଛି। ରାଜ୍ୟ ସରକାର ଏହି ୧୦ଟି ଶିକ୍ଷାନୁଷ୍ଠାନ ପାଇଁ ୬ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ନୟାଗଡ଼ ବ୍ଲକ ଅଧୀନସ୍ଥ ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟ ରୂପାନ୍ତରଣ ପାଇଁ ୧ କୋଟି ୨୫ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ସେହିଭଳି ଭାବେ ବଉଳିସାହି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପାଇଁ ୫୦ ଲକ୍ଷ, ବଉଳିସାହି ପଣ୍ଡିକେଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପାଇଁ ୨୫ ଲକ୍ଷ, ଇଟାମାଟି ଶିକ୍ଷା ଓ ବୈଷୟିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପାଇଁ ୧ କୋଟି, ଇଟାମାଟି ବଂଶୀଧର ଡିଗ୍ରୀ ମହାବିଦ୍ୟାଳୟ ପାଇଁ ୫୦ ଲକ୍ଷ, କେନ୍ଦୁଢିପି ନବଚୌଧୁରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପାଇଁ ୫୦ ଲକ୍ଷ, କେନ୍ଦୁଢିପି ଶୁକ୍ର ବେହେରା ଡିଗ୍ରୀ କଲେଜ ପାଇଁ ୫୦ ଲକ୍ଷ, ନୟାଗଡ଼ ପ୍ରଜା ମଣ୍ଡଳ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପାଇଁ ୫୦ ଲକ୍ଷ, ନୟାଗଡ଼ ପ୍ରଜାମଣ୍ଡଳ ମହିଳା ମହାବିଦ୍ୟାଳୟ ପାଇଁ ୫୦ ଲକ୍ଷ, ମଡେଲ ଡିଗ୍ରୀ କଲେଜ ଲାଠିପଡ଼ା ପାଇଁ ୫୦ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି। ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ ଉଚ୍ଚଶିକ୍ଷା ରୂପାନ୍ତରଣକୁ ଗୁରୁତ୍ୱ ଦେଉଛନ୍ତି। ବିଭିନ୍ନ ମହାବିଦ୍ୟାଳୟକୁ ଗସ୍ତ କରି ଏହାକୁ ତଦାରଖ କରୁଛନ୍ତି। ନୟାଗଡ଼ ପଞ୍ଚାୟତ ସମିତି ଅଧୀନରେ ୬ କୋଟି ଟଙ୍କା ମୂଲ୍ୟର ରୂପାନ୍ତରଣ କାର୍ଯ୍ୟ ଚାଲୁ ରହିଥିବା ଜଣାଯାଇଛି। ଶିକ୍ଷାନୁଷ୍ଠାନ ଗୁଡ଼ିକ ପ୍ରତି ଛାତ୍ରଛାତ୍ରୀଙ୍କ ଭାବାବେଗ ବୃଦ୍ଧି ତଥା ଶିକ୍ଷା ଭିତ୍ତିଭୂମିକୁ ସୁଦୃଢ଼ କରିବାକୁ ନିଆଯାଇଥିବା ପଦକ୍ଷେପକୁ ବିଭିନ୍ନ ମହଲରୁ ପ୍ରଶଂସା କରାଯାଉଛି।






# ଖଣି କାରବାରରେ ପାରିବାରିକ ବିବାଦ; ରାତିରେ ପୁଲିସ ଚଢ଼ଉ

- କିଏ ସେ ଜେଲର୍; ସନ୍ଦେହରେ ଭୂମିକା
- ଅଭିଯୋଗ କରିଥିଲେ ଭ୍ରମରବରପ୍ରସାଦ ଗ୍ରାମବାସୀ
- ମାମଲା ଚାପିବାକୁ ଉଦ୍ୟମ; ଖଣି ବନ୍ଦ ଦାବି

ଖଣ୍ଡପଡ଼ା, ୨୫।୨(ସମିସ): ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ତହସିଲ ଅଧୀନସ୍ଥ ରାଜକିଆରି ଛକକୁ ଲାଗି ରହିଥିବା ବରଗୁଡ଼ି ପାହାଡ଼ରେ ଚାଲିଥିବା ପଥର ଖଣିକୁ ସ୍ଥାନୀୟ ଲୋକ ବିରୋଧ କରିଥିବା ବେଳେ ଏହା ମଧ୍ୟରେ ପାରିବାରିକ ବିବାଦ ଉଗ୍ର ରୂପ ନେଇଛି। ଖଣି ନିଲାମ ନେଇଥିବା ପରିବାର ମଧ୍ୟରେ ବିବାଦ ଉପୁଜିଥିବା କାରଣକୁ ନେଇ ଏକ ବଡ଼ଧରଣର ଅପରାଧିକ ମାମଲା ଘଟିବାକୁ ଯାଉଥିବା ବେଳେ ଶନିବାର ରାତିରେ ଖଣ୍ଡପଡ଼ା ପୁଲିସ ତାର ବଳ ଦେଖାଇଛି। ପୁଲିସ ସଦଳବଳେ ରାଜକିଆରିଠାରେ ଖଣି କାରବାରରେ ସମ୍ପୃକ୍ତ ବ୍ୟକ୍ତିଙ୍କ ଭଡ଼ା ଘରେ ଚଢ଼ଉ କରିଥିଲା। ଚଢ଼ଉ ସମୟରେ ଉକ୍ତ ଭଡ଼ା ଘରୁ ପୁଲିସ ଏକାଧିକ ବନ୍ଧୁକ ଓ ଗୁଳିଗୋଳା ସହିତ ବୋମା ଏବଂ ଅନ୍ୟାନ୍ୟ ମାରଣାସ୍ତ୍ର ଜବତ କରିଥିବା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି। ଏହା ସହିତ ଖଣି ଖନନରେ ବ୍ୟବହାର ହେଉଥିବା ୩ଟି ମେସିନକୁ ଜବତ କରାଯାଇ ରାଜକିଆରି ପେଟ୍ରୋଲ ପମ୍ପଠାରେ ଅଟକ ରଖାଯାଇଛି। ଆଜି ଦିନତମାମ ପୁଲିସ ଉକ୍ତ ମେସିନକୁ ଜଗି ରହିଥିବା ଦେଖାଯାଇଛି। ରାତିରେ ପୁଲିସ ଚଢ଼ଉ ସମୟରେ ଗଞ୍ଜାମ ଏବଂ ବ୍ରହ୍ମପୁର ଅଞ୍ଚଳର କିଛି ଗୁଣ୍ଡାକୁ ମଧ୍ୟ ଧରିଥିବା ଆଲୋଚନା ହେଉଛି। ଏହି ଖଣି ଲିଜ୍‌ଧାରୀଙ୍କ ପରିବାର ମଧ୍ୟରେ ଖଣିକୁ ନେଇ ବିବାଦରୁ ଘଟଣା ଉଗ୍ରରୂପ ଧାରଣା କରିଛି। ଏହା ପଛରେ ଜଣେ ଜେଲରଙ୍କ ଭୂମିକା ରହିଥିବା ଚର୍ଚ୍ଚା ହେଉଛି। ସେ ଜେଲର କିଏ? ତାଙ୍କର ଏହି ଖଣି କାରବାର ସହ କଣ ଲିଙ୍କ ରହିଛି, ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଜେଲରଙ୍କ ସ୍ୱାମୀ ଏବଂ ଥାନାରେ ଅଟକ ରହିଥିବା ଖଣି କାରବାରରେ ସମ୍ପୃକ୍ତ ବ୍ୟକ୍ତିଙ୍କ ମଧ୍ୟରେ ବିବାଦରୁ ଏସବୁ କାଣ୍ଡ ହୋଇଥିବା ଆଲୋଚନା ହେଉଛି। ପୁଲିସ ଆଜି ଦିନତମାମ୍ ଘଟଣାର ଛାନଭିନ୍ ଚଳାଇଥିବା ବେଳେ ମୁହଁ ଖୋଲି ନାହିଁ। ଏହା ପଛରେ ରହିଥିବା ବଡ଼ ଅପରାଧିକ କାର୍ଯ୍ୟକଳାପକୁ ଖଣ୍ଡପଡ଼ା ପୁଲିସ ରୋକିବାରେ ସଫଳ ହୋଇଥିବା ବେଳେ ଅସଲ ରହସ୍ୟ ଖୋଲିବାକୁ କୁଣ୍ଠକୁଣ୍ଠ ହେଉଛନ୍ତି। ଖଣି କାରବାର ପାଇଁ ଗଞ୍ଜାମ ଏବଂ ଖୋର୍ଦ୍ଧା ଜିଲ୍ଲାର ଗୁଣ୍ଡାଙ୍କୁ ସୁପାରି ଦିଆଯାଇଥିବା ବେଳେ କିଏ ଟାର୍ଗେଟରେ ରହିଥିଲା ତାକୁ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କେତେ ମାରଣାସ୍ତ୍ର ଜବତ ହୋଇଛି; କାହାକୁ ପୁଲିସ ଅଟକ ରଖିଛି, ସେ ସମ୍ପର୍କରେ କୌଣସି ସୂଚନା ପ୍ରଦାନ କରାଯାଇନାହିଁ। ଏହା ପଛରେ ରହିଥିବା ରହସ୍ୟକୁ ସାର୍ବଜନୀନ କରାଯିବା ସହ ଖଣି କାରବାରକୁ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ଦାବି ହେଉଛି।

# ଗଣିଆରେ ବିଜେଡିର ବିକାଶ ସମାବେଶ

### ୯୦ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ




ଗଣିଆ, ୨୫।୨(ସମିସ): ଗଣିଆ ବ୍ଲକ ବିଜୁ ଜନତା ଦଳ ତରଫରୁ ରବିବାର ବିଜେଡି ବିକାଶ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରାଙ୍କ ନେତୃତ୍ୱରେ ଗଣିଆ ବୁଢ଼ାବୁଢ଼ି ଠାକୁରାଣୀଙ୍କଠାରୁ ଏକ ବିଶାଳ ଶୋଭାଯାତ୍ରାରେ ବାହରି ଗଣିଆ ବଜାର ଦେଇ ତହସିଲ କାର୍ଯ୍ୟାଳୟ ସମ୍ମୁଖ ଚଉବଙ୍ଗ ତୋଟାଠାରେ ପହଞ୍ଚିଥିଲା। ଆୟୋଜିତ ବିଜେଡି ବିକାଶ ସମାବେଶ ସଭାରେ କନ୍ଧମାଳ ସାଂସଦ ଡ. ଅଚ୍ୟୁତ ସାମନ୍ତ ଓ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ, ନୟାଗଡ଼ ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷା ଜାନକୀ ଦେହୁରୀ, ଗଣିଆ ବ୍ଲକ ଅଧ୍ୟକ୍ଷା ଝୁନା ଜେନା, ଦଶପଲ୍ଲା ବ୍ଲକ ଅଧ୍ୟକ୍ଷା ସୁନନ୍ଦା ସାହୁ, ନୂଆଗାଁ ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ବେହେରା, ଗଣିଆ ଜିଲ୍ଲା ପରିଷଦ ସଭ୍ୟ ନରେଶ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ଉପସ୍ଥିତ ନେତୃବୃନ୍ଦ ଲୋକଙ୍କୁ ବୁଝାଇବା ସହ ନବୀନ ପଟ୍ଟନାୟକଙ୍କୁ ଷଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ କରିବା ନିମନ୍ତେ ଲୋକଙ୍କୁ ଆହ୍ୱାନ ଦେଇଥିଲେ। ଏହା ପରେ ଗଣିଆ ବ୍ଲକର ବିଭିନ୍ନ ସ୍ଥାନରେ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ୯୦ କୋଟି ଟଙ୍କାର ପ୍ରକଳ୍ପ ଶିଳାନ୍ୟାସ କରିଥିଲେ। ଏହି ପ୍ରକଳ୍ପଗୁଡ଼ିକ ମଧ୍ୟରେ ଗଣିଆ ବ୍ଲକର ଈଶ୍ୱରପୁରଠାରୁ ଦଶପଲ୍ଲା ବ୍ଲକର ୪୨ କୋଟି ବ୍ୟୟରେ ଅନ୍ଧାରକୋଟ ପର୍ଯ୍ୟନ୍ତ ପିଡବ୍ଲ୍ୟୁଡି ରାସ୍ତା, ଆଡ଼କଟାଠାରୁ ମହିତମା ପର୍ଯ୍ୟନ୍ତ ରାସ୍ତାର ଉନ୍ନତିକରଣ ପାଇଁ ୧୬ କୋଟି ୨୫ ଲକ୍ଷ, ଏରୁଣ୍ଡିପଥର ରାସ୍ତା ନିର୍ମାଣ ପାଇଁ ୧ କୋଟି, ବସନ୍ତପୁର ଓସ୍ତିଆ ଛକଠାରୁ ପୂର୍ତ୍ତ ରାସ୍ତା ନିର୍ମାଣ ୨ କୋଟି ୮୧ ଲକ୍ଷ, କାକୁଡିଖୋଲଠାରେ ଥିବା ଆଦର୍ଶ ବିଦ୍ୟାଳୟ ୪ କୋଟି ୭୦ ଲକ୍ଷ ବ୍ୟୟରେ ୧୦୦ ଶଯ୍ୟା ବିଶିଷ୍ଟ ଛାତ୍ରାବାସ, ନାବାର୍ଡ ସହାୟତାରେ ମହାନଦୀର ଦକ୍ଷିଣପାର୍ଶ୍ୱ ବଡ଼ମୂଳ ଓ ରାଉତପଡ଼ା ଗ୍ରାମରେ ୩ ଗୋଟି ବ୍ରିଜ୍ ନିର୍ମାଣ ପାଇଁ ୮ କୋଟି ୨୩ ଲକ୍ଷ, ବଡଶିଲିଙ୍ଗା ପଞ୍ଚାୟତ ବସାଗଣ୍ଡ ନାଳରେ ବିଜୁ ସେତୁ ନିର୍ମାଣ ପାଇଁ ୫ କୋଟି ୭୬ ଲକ୍ଷ ଓ ସିଲଟି ନାଳରେ ସେତୁ ନିର୍ମାଣ ପାଇଁ ୪ କୋଟି ୪୮ ଲକ୍ଷ ଟଙ୍କାର ପ୍ରକଳ୍ପର ଶିଳାନ୍ୟାସ ହୋଇଥିଲା। ଏହି ସମାବେଶରେ ଗଣିଆ ବ୍ଲକର ଦଶ ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କ ସମାଗମ ହୋଇଥିଲା।

## 'ଶିକ୍ଷା ଓ ସ୍ୱାସ୍ଥ୍ୟସେବା ପାଇଁ ମୁଖ୍ୟମନ୍ତ୍ରୀ ସଂକଳ୍ପବଦ୍ଧ'

ଗଣିଆ: ରାଜ୍ୟ ସରକାର ଜନସାଧାରଣଙ୍କ ପାଇଁ ବିଭିନ୍ନ ଜନହିତକର ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଗ୍ରାମାଞ୍ଚଳରେ ବସବାସ କରୁଥିବା ଜନସାଧାରଣ କିମ୍ବା ଛାତ୍ରଛାତ୍ରୀ କିଭଳି ଭାବେ ଉନ୍ନତମାନର ଶିକ୍ଷା ଓ ସ୍ୱାସ୍ଥ୍ୟ ସେବା ପାଇପାରିବେ ସେ ନେଇ ମୁଖ୍ୟମନ୍ତ୍ରୀ ସର୍ବଦା ଚେଷ୍ଟିତ। ଓଡ଼ିଶାବାସୀଙ୍କୁ 'ମୋ ପରିବାର' ବୋଲି ଭାବି ସାଧାରଣ ଲୋକଙ୍କ ପାଇଁ କାର୍ଯ୍ୟକରି ଆସୁଥିବା ମୁଖ୍ୟମନ୍ତ୍ରୀଙ୍କୁ ଆପଣଙ୍କ ଆଶୀର୍ବାଦ ସବୁବେଳେ ରହିଥାଉ ବୋଲି ଗଣିଆ ବ୍ଲକ ରାସଙ୍ଗ ପଞ୍ଚାୟତ ରାସଙ୍ଗ ଗ୍ରାମରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ କହିଛନ୍ତି। ଏହି ଅବସରରେ ରାସଙ୍ଗଠାରେ ନବନିର୍ମିତ ୟୁପି ବିଦ୍ୟାଳୟ, ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ଓ ପ୍ରାଣବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟର ଦ୍ୱିତଳ ପ୍ରସାଦ କୋଠାଘରକୁ ମୁଖ୍ୟ ଅତିଥି ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ଓ ଗଣିଆ ବ୍ଲକ ଅଧ୍ୟକ୍ଷା ଝୁନା ଜେନା ଯୋଗ ଦେଇଥିଲେ।




## ପଠାଣି ସାମନ୍ତ କପ୍ ଫୁଟବଲ୍: ଇଟାମାଟି ଚାମ୍ପିଅନ



ଖଣ୍ଡପଡ଼ା, ୨୫।୨(ସମିସ): ଖଣ୍ଡପଡ଼ା ଏନ୍‌ଏସି ଅଧୀନ ମଧୁବନ କ୍ରୀଡ଼ାଙ୍ଗନରେ ପଠାଣି ସାମନ୍ତ କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଆଜି ଅପରାହ୍ନରେ ଖଣ୍ଡପଡ଼ା ଯୁବକ ସଂଘ ଦ୍ୱାରା ଆୟୋଜିତ ଜିଲ୍ଲାସ୍ତରୀୟ ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍‌ରେ ଖଣ୍ଡପଡ଼ା ଫୁଟବଲ କ୍ଲବ ଏବଂ ଇଟାମାଟି ଫୁଟବଲ କ୍ଲବ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ମ୍ୟାଚର ପ୍ରଥମାର୍ଦ୍ଧ ଗୋଲଶୂନ୍ୟ ରହିଥିବା ବେଳେ ଦ୍ୱିତୀୟାର୍ଦ୍ଧରେ ଇଟାମାଟି ଟିମ୍‌ର ଶେଖ ଜୁନେଦଙ୍କ ଆକର୍ଷଣୀୟ ଗୋଲ ଯୋଗୁଁ ଦଳ ୩-୧ରେ ବିଜୟୀ ହୋଇ ଚାମ୍ପିଅନ ହୋଇଥିଲା। ଖେଳକୁ ସମୀର ଖୁଣ୍ଟିଆ ପରିଚାଳନା କରିଥିବା ବେଳେ ଲାଇନରେ ଜଗନ୍ନାଥ ପରିଡ଼ା, ସୂର୍ଯ୍ୟକାନ୍ତ ଦଳବେହେରା ଏବଂ ତପନ ସାହୁ ଚତୁର୍ଥ ରେଫରୀ ଦାୟିତ୍ୱ ତୁଲାଇଥିଲେ। ଆଜିର ଖେଳରେ ମୁଖ୍ୟ ଅତିଥି ଭାବେ ଯୁବ ସମାଜସେବୀ ବିଧାନ ଚନ୍ଦ୍ର ପ୍ରଧାନ ଯୋଗଦେବା ସହିତ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ଡଃ. ଗୋପବନ୍ଧୁ ମିଶ୍ର ଯୋଗଦେଇ ଥିଲେ। ବିଜୟୀ ଦଳର ଶେଖ ଜୁନେଦ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଚାମ୍ପିଅନ ଇଟାମାଟି ଦଳକୁ ଟ୍ରଫି ପ୍ରଦାନ କରାଯାଇଥିବା ବେଳେ ରନର୍ସଅପ୍ ଖଣ୍ଡପଡ଼ା ଦଳକୁ ମଧ୍ୟ ଟ୍ରଫି ପ୍ରଦାନ କରାଯାଇଥିଲା। ଖଣ୍ଡପଡ଼ା ଯୁବକ ସଂଘ ସଭାପତି ସୁଶାନ୍ତ କୁମାର ମହାରଣାଙ୍କ ସଂଯୋଜନାରେ ଆୟୋଜିତ ଟୁର୍ଣ୍ଣାମେଣ୍ଟରେ ସମାଜସେବୀ ମହେନ୍ଦ୍ର କୁମାର ବାରିକ, କ୍ରୀଡ଼ାବିତ୍ ଭିକାରୀ ଖଣ୍ଡାୟତଙ୍କ ସମେତ ଅନୁଷ୍ଠାନର ବହୁ ସଦସ୍ୟ ସକ୍ରିୟ ସହଯୋଗ କରିଥିଲେ।

### କଣ୍ଟିଲୋ ମାଘମେଳାର ତୃତୀୟ ସନ୍ଧ୍ୟା

# ବିଭୋର କଲା ସମ୍ବଲପୁରୀ ନୃତ୍ୟ

ଖଣ୍ଡପଡ଼ା/କଣ୍ଟିଲୋ, ୨୫।୨(ସମିସ): ନୟାଗଡ଼ ଜିଲ୍ଲାର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ଖଣ୍ଡପଡ଼ା ବ୍ଲକ ଅଧୀନ କଣ୍ଟିଲୋ ପଲଟନ ପଡ଼ିଆରେ କଣ୍ଟିଲୋ ଗ୍ରାମ ପଞ୍ଚାୟତ ଓ ଦେବୋତ୍ତର ବିଭାଗ ଆନୁକୂଲ୍ୟରେ ଆୟୋଜିତ ପ୍ରସିଦ୍ଧ ଦ୍ୱିତୀୟ ବାର୍ଷିକ ମାଘମେଳା ମହୋତ୍ସବ-୨୦୨୪ ରବିବାର ତୃତୀୟ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। ତୃତୀୟ ସନ୍ଧ୍ୟାର ପ୍ରଥମ ପର୍ଯ୍ୟାୟରେ କଣ୍ଟିଲୋ ଅଞ୍ଚଳର କଳାକାରମାନଙ୍କ ଦ୍ୱାରା ସମ୍ବଲପୁରୀ ଓ ଓଡ଼ିଶୀ ନୃତ୍ୟ ପରିବେଷଣ ଉପସ୍ଥିତ ଦର୍ଶକଙ୍କୁ ବିଭୋର କରିଥିଲା। ମହୋତ୍ସବ କାର୍ଯ୍ୟକାରୀ ସଭାପତି ବରିଷ୍ଠ ସାମ୍ବାଦିକ ପ୍ରଭାକର ଶିରୋମଣିଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ସମାଜସେବୀ ଦୁଷ୍ମନ୍ତ କୁମାର ସ୍ୱାଇଁ ଯୋଗଦେଇ ମହୋତ୍ସବର କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଦସ୍ୟା ଉଜଳ ମହାରଣା, ଗୋଷ୍ଠୀ ଶିକ୍ଷା ଅଧିକାରୀ କାଳନ୍ଦୀ ମହାରଣା, ନାଏବ ସରପଞ୍ଚ ପ୍ରଭାତ କୁମାର ସାହୁ ଯୋଗଦେଇ ମହୋତ୍ସବର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। କଟକ ଲୋକଶାସ୍ତ୍ର କଳା ପରିଷଦର ସମ୍ବଲପୁରୀ ନୃତ୍ୟ ପରିବେଷଣ ସହ ଭୁବନେଶ୍ୱରରୁ ଆସିଥିବା ମେଲୋଡି କାର୍ଯ୍ୟକ୍ରମ ଦର୍ଶକଙ୍କୁ ଆକୃଷ୍ଟ କରିଥିଲା। ମହୋତ୍ସବ ଉପଲକ୍ଷେ ଆସିଥିବା ବିଭିନ୍ନ ଦୋକାନ ବଜାରକୁ ବିଦ୍ୟୁତ୍ ସଂଯୋଗ ଠିକ ଭାବରେ ହୋଇନଥିବାରୁ ସ୍ଥାନୀୟ ଦୋକାନୀ ଅସନ୍ତୋଷ ପ୍ରକାଶ କରିଥିଲେ। ଏନେଇ ଦେବୋତ୍ତର ବିଭାଗ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।




# କଳ୍ପନା ଗୋପାଳ ସମାଜର ପୁନର୍ଗଠନ

ଓଡ଼ଗାଁ, ୨୫।୨(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ ଅନ୍ତର୍ଗତ ଗୌଡ଼ପୁଟଠାରେ ୪ ରାଜ୍ୟର କାର୍ଯ୍ୟକର୍ତ୍ତାମାନଙ୍କୁ ନେଇ କଳ୍ପନା ଗୋପାଳ ସମାଜ ପୁନର୍ଗଠନ ନିମନ୍ତେ ରବିବାର ଏକ ସାଧାରଣ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ତ୍ରିନାଥ ପ୍ରଧାନ, ଜୟକୃଷ୍ଣ ବାରିକଙ୍କ ଆବାହକତ୍ୱରେ ନୟାଗଡ଼ ସଭାପତି ହାଡିବନ୍ଧୁ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସାଧାରଣ ଅଧିବେଶନରେ ଘୁମୁସର ରାଜ୍ୟ ସଭାପତି ଚକ୍ରପାଣି ବାରିକ, ସମ୍ପାଦକ ଦିଲ୍ଲୀପ ଉଦଣ୍ଡରା, ଜଗନ୍ନାଥ ପ୍ରସାଦ(ଗଞ୍ଜାମ) ରାଜ୍ୟ ସଭାପତି ରମେଶ ବାରିକ, ଦଶପଲ୍ଲା(ନୟାଗଡ଼) ରାଜ୍ୟ ସଭାପତି ଅଭିମନ୍ୟୁ ଖିଲାର ଏବଂ ନୟାଗଡ଼ ରାଜ୍ୟ ସମ୍ପାଦକ ରବିନାରାୟଣ ସାମନ୍ତରାୟ, ସଙ୍ଗଠନ ସମ୍ପାଦକ ପ୍ରହଲ୍ଲାଦ ପ୍ରଧାନ, କୋଷାଧ୍ୟକ୍ଷ ପ୍ରହ୍ଲାଦ ବାରିକ ପ୍ରମୁଖଙ୍କ ସହିତ ବିଭିନ୍ନ ଅଞ୍ଚଳର ଗୋପାଳ ସମାଜର ପ୍ରାୟ ଅଢ଼େଇ ହଜାର ଲୋକଙ୍କ ସମାଗମ ହୋଇଥିଲା। ସମାଜ ସମ୍ପର୍କିତ ବହୁ ଗୁରୁତ୍ୱପୂର୍ଣ୍ଣ ବିଷୟ ଆଲୋଚନା କରଯାଇ ନିର୍ଦ୍ଧାରଣ କରାଯାଇଥିବା ନିୟମକୁ ସମସ୍ତେ ପାଳନ କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ଆଜିର ବୈଠକରେ କୁଳାଧିପତି ପଦବି ପାଇଁ ପ୍ରାର୍ଥୀ ଚୟନ ହୋଇପାରି ନଥିବା ବେଳେ ଏହା ପରବର୍ତ୍ତୀ ଅଧିବେଶନ ପର୍ଯ୍ୟନ୍ତ ସ୍ଥଗିତ ରହିଲା। ନୟାଗଡ଼ରୁ ପ୍ରହ୍ଲାଦ ପ୍ରଧାନ, ଜଗନ୍ନାଥ ବାରିକ, ଆଇନଜୀବୀ ନିକୋଞ୍ଜଳ ଖିଲାର ପ୍ରମୁଖଙ୍କ ଉଦ୍ୟମ ଫଳରେ ଆଜିର ସାଧାରଣ ଅଧିବେଶନ ସଫଳ ହୋଇଥିଲା।



# ଆଇନ ସଚେତନତା ଶିବିର




ଓଡ଼ଗାଁ, ୨୫।୨(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ଏନ୍‌ଏସି କୁମ୍ଭୀଆପଲ୍ଲୀଠାରେ ଥିବା ପିମିଟ ସ୍ନାତକ ମହାବିଦ୍ୟାଳୟ ଠାରେ ଓଡ଼ଗାଁ ଅଦାଲତର ତାଲୁକ ଆଇନ ସେବା କମିଟି ଆନୁକୂଲ୍ୟରେ ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ ମାନସ ରଞ୍ଜନ ରଥଙ୍କ ଅଧ୍ୟକ୍ଷତାରେ ଆଇନ ସଚେତନତା ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ଦେୱାନୀ ବିଚାରପତି ତଥା ପ୍ରଥମଶ୍ରେଣୀ ବିଚାରବିଭାଗୀୟ ଅଧିକାରୀ ଓଡ଼ଗାଁ ହରମୋହନ ଦାସ, ନ୍ୟାୟାଧିକାରୀ ଗ୍ରାମ ନ୍ୟାୟାଳୟ ଓଡ଼ଗାଁ ମିସ ସୌମ୍ୟାଶ୍ରୀ ମହାପାତ୍ର କାର୍ଯ୍ୟକ୍ରମରେ ଯୋଗ ଦେଇଥିବାବେଳେ ଆଡିସିନାଲ ପି.ପି ଇନ୍ଦୁଭୂଷଣ ମିଶ୍ର, ଆଡଭୋକେଟ ଗୋବିନ୍ଦଚନ୍ଦ୍ର ସାହୁ, ସୁବାସ ଚନ୍ଦ୍ର ପାତ୍ର, ରାଧାକୃଷ୍ଣ ମହାପାତ୍ର, ଓଡ଼ଗାଁ ସାମ୍ବାଦିକ ସଂଘ ସଭାପତି ଅଶୋକ କୁମାର ମହାପାତ୍ର, ପିମିଟ କଲେଜ ଅଧ୍ୟକ୍ଷ ସୁନୀଲ କୁମାର ମହାପାତ୍ର ଏବଂ ଯୁକ୍ତ ୨ ଅଧ୍ୟକ୍ଷ ସୁରେଶ ପ୍ରଧାନ ପ୍ରମୁଖ ଯୋଗଦେଇ ସଡ଼କ ସୁରକ୍ଷା, ମୋଟରଯାନ ଆଇନ, ମୋଟରଯାନ ଜନିତ ଦୁର୍ଘଟଣା, କ୍ଷତିପୂରଣ ପାଇଁ ଟ୍ରିବୁନାଲ ସମ୍ପର୍କରେ ବିଷଦ ଭାବରେ ଆଲୋଚନା କରିଥିଲେ। ଗାଡ଼ିଚାଳନା ସମୟରେ ଗାଡିର ଫିଟନେସ ପ୍ରମାଣପାତ୍ର ସହିତ ଡ୍ରାଇଭିଂ ଲାଇସେନ୍ସ, ଇନ୍ସୁରାନ୍ସ, ପଲ୍ୟୁସନ ସାର୍ଟିଫିକେଟ ଏବଂ ସମସ୍ତ ଗାଡ଼ିର କାଗଜପତ୍ର ଅପଡେଟ ରଖିବା ପାଇଁ ତାଗିଦ କରିଥିଲେ। ମହାବିଦ୍ୟାଳୟର ୭୦ ଜଣ ଛାତ୍ରଛାତ୍ରୀ ଶିବିରରେ ଅଂଶଗ୍ରହଣ କରିଥିବାବେଳେ ସେମାନଙ୍କର ଅଧ୍ୟାପକ, ଅଧ୍ୟାପିକା ଏବଂ କଲେଜ କର୍ମଚାରୀ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଦୁର୍ଘଟଣାରେ ଯୁବକ ମୃତ; ଜଣେ ଗୁରୁତର

ଖଣ୍ଡପଡ଼ା, ୨୫।୨(ସମିସ): ଖଣ୍ଡପଡ଼ା ନିକଟସ୍ଥ କୁସୁମୀ ବ୍ରିଜ୍ ଉପରେ ଅଜଣା ଗାଡ଼ି ଧକ୍କାରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଆଉ ଜଣେ ଗୁରୁତର ଆହତ ହୋଇଛନ୍ତି। ସୂଚନା ଅନୁଯାୟୀ, ଭାପୁର ବ୍ଲକ ଅଧୀନ ବାଇଗୁଣିଆ ପଞ୍ଚାୟତ ଅନ୍ତର୍ଗତ ବୋରଗାଁ ଗ୍ରାମର ଗୋବର୍ଦ୍ଧନ ଦଳେଇଙ୍କ ବଡ଼ପୁଅ ଅଭିମନ୍ୟୁ ଦଳେଇ (୪୨) ଆଜି ସନ୍ଧ୍ୟାରେ ଖଣ୍ଡପଡ଼ା ଅଭିମୁଖେ ଯାଉଥିବା ସମୟରେ ବିପରୀତ ଦିଗରୁ କୌଣସି ଏକ ଅଜଣା ଗାଡ଼ି ତାଙ୍କୁ ଧକ୍କା ଦେବା ଫଳରେ ସେ ଛିଟିକି ପଡ଼ିଥିଲେ। ଖବର ପାଇ ସ୍ଥାନୀୟ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଅଭିମନ୍ୟୁଙ୍କୁ ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ତାଙ୍କ ସହିତ ଥିବା ମଣିପୁର ଗ୍ରାମର ରମେଶ ଦଳେଇ ଗୁରୁତର ଅବସ୍ଥାରେ ଖୋର୍ଦ୍ଧା ମେଡିକାଲରେ ଭର୍ତ୍ତି ହୋଇଥିବା ଜଣାପଡ଼ିଛି। ମୃତ ଅଭିମନ୍ୟୁ ଏକ ଘରୋଇ ବସ୍‌ରେ କଣ୍ଡକ୍ଟର ଭାବେ କାର୍ଯ୍ୟ କରୁଥିଲେ। ତାଙ୍କର ଗୋଟିଏ ପୁଅ ଏବଂ ଝିଅ ଥିବା ଜଣାପଡ଼ିଛି।

### ନୟାଗଡ଼ ବ୍ଲକ କଳା ସଂସ୍କୃତି ସଂଘର ବାର୍ଷିକ ଉତ୍ସବ

# 'ନବୀନ ବାବୁ ବୁଝନ୍ତି କଳା ଓ କଳାକାରର ମହତ୍ତ୍ୱ'

ନୟାଗଡ଼, ୨୫।୨(ସମିସ): ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟ ହୀରକ ଜୟନ୍ତୀ ପ୍ରେକ୍ଷାଳୟଠାରେ ଆଜି ନୟାଗଡ଼ ବ୍ଲକ କଳା ସଂସ୍କୃତି ସଂଘ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ନୟାଗଡ଼ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ. ଦେବାଶିଷ ପଟ୍ଟନାୟକ, ନୟାଗଡ଼ ପୌରାଧ୍ୟକ୍ଷା ନିରୁପମା ଖଟେଇ, ଉପାଧ୍ୟକ୍ଷ ଗୁରୁପ୍ରସାଦ ଜେନା, ନୟାଗଡ଼ ବ୍ଲକ ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁ, ଉପାଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ସାହୁ, ଜିଲ୍ଲା ପରିଷଦ ସୁବାସ ଚନ୍ଦ୍ର କହଁର, କ୍ଷୀରୋଦ ମହାପାତ୍ର, 'ଆମ ଓଡ଼ିଶା ନବୀନ ଓଡ଼ିଶା' ଜିଲ୍ଲା ସଂଯୋଜକ ଗଙ୍ଗାଧର ପଣ୍ଡା, ନୟାଗଡ଼ ବିଡିଓ ପଦ୍ମ ଚରଣ ସାହୁ ଓ ଜିଲ୍ଲା ସୂଚନା ଲୋକସମ୍ପର୍କ ଅଧିକାରୀ ସୁରେନ୍ଦ୍ର ନାଥ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଡ. ସାହୁ ନବୀନ ବାବୁ ଜଣେ ଲେଖକ ହୋଇଥିବାରୁ ସେ କଳା ଓ କଳାକାରଙ୍କର ମହତ୍ତ୍ୱ ବୁଝିଛନ୍ତି। ପୂର୍ବପୁରୁଷ ମାନେ କଳା, ସାହିତ୍ୟ ଓ ସଂସ୍କୃତିକୁ ବଞ୍ଚାଇ ରଖିଥିଲେ। ଆଜିର ଆଧୁନିକତା ଯୁଗରେ ପୂର୍ବ କଳାକୁ ଧ୍ୱଂସ କରିବା ପାଇଁ ପ୍ରୟାସ ଜାରି ରହିଛି। ଆପଣଙ୍କ ପରି କଳାକାରମାନେ ଆଜିର ଆଧୁନିକତା ଯୁଗରେ କଳା, ସାହିତ୍ୟ ଓ ସଂସ୍କୃତିକୁ ବଞ୍ଚାଇ ରଖିଥିବାରୁ ମୁଁ ଆପଣଙ୍କୁ କୋଟି କୋଟି ଧନ୍ୟବାଦ ଦେଉଛି ବୋଲି ଡ. ସାହୁ ପ୍ରକାଶ କରିଥିଲେ। ସାରା ଓଡ଼ିଶାର ପ୍ରତ୍ୟେକ ଜିଲ୍ଲାରେ ମହୋତ୍ସବ କରି କଳାକୁ ସମୃଦ୍ଧ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। କଳାକାରଙ୍କର ଭତ୍ତାକୁ ଦ୍ୱିଗୁଣିତ କରିଛନ୍ତି। କଳାକାରଙ୍କ ପାଖରେ ମୁଁ ସର୍ବଦା ଖୁଣ୍ଟ ହୋଇ ଛିଡ଼ା ହୋଇଛି ବୋଲି ଡ. ସାହୁ ପ୍ରକାଶ କରିଥିଲେ। ମୁଁ ବି ଜଣେ କଳାକାର। ମୋତେ ଯେଉଁ ଭୂମିକା ଦେବେ ମୁଁ ଅଳ୍ପ ବହୁତେ ତୁଲାଇ ପାରିବି ବୋଲି ଡ. ସାହୁ ପ୍ରକାଶ କରିଥିଲେ। ଏହି ଅବସରରେ କଳାକାରଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଆଜିର ଏହି କାର୍ଯ୍ୟକ୍ରମରେ ଦୁଇ ହଜାରରୁ ଉର୍ଦ୍ଧ୍ୱ କଳାକାର ସାମିଲ ହୋଇଥିଲେ।



## ବାଲିପାଟପୁରରେ ହୋମିଓପାଥି ଚିକିତ୍ସା ଶିବିର



**ଟାଙ୍ଗୀ/ଭୂଷଣ୍ଡପୁର, ୨୫।୨(ସମିସ):** ଟାଙ୍ଗୀ ବ୍ଲକ ବାଲିପାଟପୁର ପଞ୍ଚାୟତଠାରେ ହୋମିଓପାଥି ଡାକ୍ତର ସ୍ୱର୍ଗତ ସତ୍ୟବାଦୀ ଦାଶଙ୍କର ୧୭ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଏକ ଦାତବ୍ୟ ହୋମିଓପାଥି ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ସମ୍ମାନିତ ଅତିଥି ରୂପେ ସରପଞ୍ଚଙ୍କ ପ୍ରତିନିଧି ଭୀମସେନ ବେହେରା ଏବଂ ଖୋର୍ଦ୍ଧା ଜିଲ୍ଲା ବିଜୁ ଜନତା ଦଳର ଉପସଭାପତି ବିରଞ୍ଚି ନାରାୟଣ ପ୍ରଧାନ ଯୋଗଦେଇଥିବା ବେଳେ ଈଶାଣୀ ବେହେରାଙ୍କ ପରିଚାଳନାରେ ଅନେକ ଚିକିତ୍ସକ ଯୋଗଦେଇଥିଲେ। ଶିବିରରେ କଟକ ଜିଲ୍ଲାରୁ ଡଃ. ଧନେଶ୍ୱର ମହାପାତ୍ର, ନାରାୟଣ ମୁଦୁଲି, ମଦନ ମୋହନ ପାତ୍ର, ଖୋର୍ଦ୍ଧା ଜିଲ୍ଲାରୁ ରଞ୍ଜନ କୁମାର ଚୌଧୁରୀ, ଜାଗେଶ୍ୱର ପାଇକରାୟ, ଅବିର ପରିଡ଼ା, ଦିଲ୍ଲୀପ କୁମାର ନାୟକ, ଭଗବାନ ବାରିକଙ୍କ ସହିତ ବିନୟ କୁମାର ସେନ, ବସନ୍ତ କୁମାର ସ୍ୱାଇଁ, ପ୍ରଫୁଲ୍ଲ କୁମାର ଜେନା ରୋଗୀମାନଙ୍କୁ ନିଦାନ କରି ଔଷଧ ଦେଇଥିଲେ। ଶିବିରରେ ଦିଲୀପ କୁମାର ଦାଶ, ପ୍ରଦୀପ ମହାରଣା, କାହ୍ନା ଜେନା ଓ ସୁବାସ ଚନ୍ଦ୍ର ବେହେରା ଉପସ୍ଥିତ ରହି ସହଯୋଗ କରିଥିଲେ। ଏଥିରେ ସର୍ବମୋଟ ଦୁଇଶହରୁ ଊର୍ଦ୍ଧ୍ୱ ରୋଗୀ ଅଂଶଗ୍ରହଣ କରି ବିଭିନ୍ନ ରୋଗର ଚିକିତ୍ସା କରିଥିଲେ।

## ଅଗିରା ପୂର୍ଣ୍ଣମୀ ଉତ୍ସବ ପାଳିତ



**ବାଲୁଗାଁ, ୨୫।୨(ସମିସ):** ବାଲୁଗାଁ-ବାଣପୁର ଅଞ୍ଚଳର ବିଭିନ୍ନ ସ୍ଥାନରେ ଅଗିରା ପୁନେଇ ଉତ୍ସବ ପାଳିତ ହୋଇଯାଇଛି। ସଂସାରର ମଙ୍ଗଳ କାମନା କରି ଗାଁ ଗଣ୍ଡା ଓ ଦେବାଳୟ ମାନଙ୍କରେ ଅଗ୍ନି ଦେବତାଙ୍କୁ ପୂଜା କରାଯାଇ ଏହି ଉତ୍ସବ ପାଳନ କରାଯାଇଛି। ଏହି ନିଆରା ଉତ୍ସବରେ ଅଗ୍ନି ଦେବତାଙ୍କୁ ଆବାହନ କରାଯାଇ ବିଭିନ୍ନ ପ୍ରକାର ପନିପରିବା ଓ ଫଳମୂଳ ଅର୍ପଣ କରାଯାଇ ସେସବୁକୁ ପ୍ରସାଦ ଭାବେ ସମସ୍ତେ ଗ୍ରହଣ କରିଥାନ୍ତି। ଏହି ଉତ୍ସବ ଏକ କୃଷି ଭିତ୍ତିକ ପର୍ବ ହୋଇଥିବାରୁ ଉକ୍ତ ଦିନଠାରୁ ବିଭିନ୍ନ ଚାଷ କାର୍ଯ୍ୟ ଆରମ୍ଭ ହୋଇଥାଏ ବୋଲି ପ୍ରବାଦ ରହିଛି। ଏହି ଅବସରରେ ବାଲୁଗାଁ ଅଞ୍ଚଳର ପ୍ରସିଦ୍ଧ ଶୈବପୀଠ ଶ୍ରୀ ଶ୍ରୀ ଉମାମହେଶ୍ୱର ଦେବଙ୍କ ମନ୍ଦିର ପରିସର ତଥା ବିଭିନ୍ନ ଗ୍ରାମ ମାନଙ୍କରେ ମଧ୍ୟ ଏହି ଅଗ୍ନି ଉତ୍ସବ ପାଳିତ ହୋଇଯାଇଛି। ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଏହି ଉତ୍ସବରେ ସାମିଲ ହୋଇଥିଲେ।

## ଭଲିବଲ୍ ଟୁର୍ଣ୍ଣାମେଣ୍ଟ: ପରିଛଲ ବିଜୟୀ



**ବେଗୁନିଆ, ୨୫।୨(ସମିସ):** ବେଗୁନିଆ ବ୍ଲକ କୁଞ୍ଜୁରୀ ପଞ୍ଚାୟତ ଅନ୍ତର୍ଗତ ଗୋଡ଼ି ଗ୍ରାମସ୍ଥିତ ଭଲିବଲ୍ ଖେଳପଡ଼ିଆରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପ୍ରୋଜେକ୍ଟ ପଏଣ୍ଟ ଓ ନେହରୁ ଯୁବକେନ୍ଦ୍ରର ମିଳିତ ସହଯୋଗରେ ଭଲିବଲ୍ ଟୁର୍ଣ୍ଣାମେଣ୍ଟ ଆୟୋଜନ ହୋଇଥିଲା। ଏଥିରେ ସ୍ଥାନୀୟ ଅଞ୍ଚଳର ୪ଟି ଦଳ ଯଥା ଗୋଡ଼ି, ବାଲିପାଟଣା, ଡିଙ୍ଗର ଓ ପରିଛଲ ଦଳ ଭାଗ ନେଇଥିଲେ। ପରିଛଲ ଦଳ ୨-୦ ପଏଣ୍ଟରେ ବିଜୟୀ ହୋଇଥିଲା। ଖେଳକୁ ରେଫରି ମାନସ ରଞ୍ଜନ ସାହୁ ପରିଚାଳନା କରିଥିଲେ। ପୁରସ୍କାର ବିତରଣ ସଭାରେ ଅଧ୍ୟକ୍ଷ ଡଃ. ସଂଗ୍ରାମ କେଶରୀ ସାମନ୍ତରାୟଙ୍କ ଅଧ୍ୟକ୍ଷତାରେ ସରପଞ୍ଚ ପ୍ରଣତୀ ସାହୁ ମୁଖ୍ୟ ଅତିଥି, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପବିତ୍ର ମୋହନ ଖାଡଙ୍ଗା ମୁଖ୍ୟବକ୍ତା ଓ ସମାଜସେବୀ ଅବିନାଶ ସାମନ୍ତରାୟ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଗ୍ରାମାଞ୍ଚଳରେ କ୍ରୀଡ଼ାକୁ ପ୍ରୋତ୍ସାହନ ଦେବା ସହ ମାନର ଅଭିବୃଦ୍ଧି ପାଇଁ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆଗେଇ ଆସିବା ଦରକାର ବୋଲି ମତ ପ୍ରକାଶ କରିଥିଲେ। ବିଜେତା ପରିଛଲ ଓ ଉପବିଜେତା ଗୋଡ଼ି ଦଳକୁ ଟ୍ରଫି ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଯୁବକେନ୍ଦ୍ରର ବ୍ଲକ ସଂଯୋଜକ ରଜନୀଗନ୍ଧା ସାମନ୍ତରାୟ ପରିଚାଳନା କରିଥିବା ବେଳେ ଅନୁଷ୍ଠାନର ସଭ୍ୟ ସତ୍ୟଜିତ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ରତାମାଟିରେ ମହାଯଜ୍ଞ ପାଇଁ କଳସ ଯାତ୍ରା



ନିରାକାରପୁର, ୨୫।୨(ସମିସ): ଖୋର୍ଦ୍ଧା ଜିଲ୍ଲା ଜଙ୍କିଆ ଥାନା ଅନ୍ତର୍ଗତ ଟାଙ୍ଗୀ ବ୍ଲକ ଅଚ୍ୟୁତପୁର ପାଟଣା ପଞ୍ଚାୟତ ରତାମାଟି ଗ୍ରାମରେ ମା' ଚଣ୍ଡୀ ଦେବୀଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ ପାଇଁ କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ୨୪ ତାରିଖରୁ ଆରମ୍ଭ ହୋଇଥିବା ଯଜ୍ଞର ଆଜି କଳସ ଯାତ୍ରାରେ ଜଳ ଆସିବା ପରେ ଘଟ ସ୍ଥାପନ ହୋଇଥିଲା। ସଂକଳ୍ପଧାରୀମାନେ ନିକଟସ୍ଥ ନଦୀରୁ ଜଳ ଆଣିଥିଲେ। ଏହି ମହାଯଜ୍ଞରେ ସୂର୍ଯ୍ୟପୂଜା, ହୋମଯଜ୍ଞ ଅନୁଷ୍ଠିତ ହେଉଛି। ୨୭ ତାରିଖରେ ପୂର୍ଣ୍ଣାହୁତି ଅନୁଷ୍ଠିତ ହେବ। ଦୈନନ୍ଦିନ ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ଏହି କାର୍ଯ୍ୟକ୍ରମକୁ ଗ୍ରାମବାସୀ ପରିଚାଳନା କରୁଛନ୍ତି।

### ଖୋର୍ଦ୍ଧା ସହରରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ

# ରାସ୍ତାକଡ଼ରେ କୁଢ଼ କୁଢ଼ ଆବର୍ଜନା; ସଫା ହେଉନି ଡ୍ରେନ୍



ଖୋର୍ଦ୍ଧା, ୨୫।୨(ସମିସ)

ଖୋର୍ଦ୍ଧା ସହରର ପରିମଳ, ରାସ୍ତାଘାଟ ବିପର୍ଯ୍ୟସ୍ତ ହୋଇପଡ଼ିଛି। ବର୍ଷ ବର୍ଷ ଧରି ଏହାକୁ ମରାମତି କରାଯାଉନାହିଁ। ଫଳରେ ସାମନ୍ୟ ବର୍ଷା ହେଲେ, ଏହା ଅତ୍ୟନ୍ତ କଦର୍ଯ୍ୟ ହୋଇପଡୁଛି। ସହରର ନାଳ ନର୍ଦ୍ଦମା କେଉଁଠି ଆରମ୍ଭ, କେଉଁଠି ଶେଷ ଏହାର କୌଣସି ପତ୍ତା ନାହିଁ। ନାଳ ନର୍ଦ୍ଦମା ସଫା ହେଉନି। ନାଳଗୁଡ଼ିକରେ ଅନାବନା ଗଛପତ୍ର ମାଡ଼ି ପୋତି ହୋଇଗଲାଣି। ବର୍ଷା ହେଲେ ନାଳପାଣି ନିଷ୍କାସନ ନହୋଇପାରି ରାସ୍ତାରେ ଭାସୁଛି। ନାଳର ଅପରିଷ୍କାର ପାଣି ଦେଇ ଲୋକେ ଯାତାୟାତ କରୁଛନ୍ତି। କାଳବୈଶାଖୀ ବର୍ଷା ଯୋଗୁ ସହରରେ ଏକାଧିକ ସାହିଗଳିରେ ବର୍ଷା ପାଣି ଲହଡ଼ି ମାରୁଛି। ସ୍ୱଚ୍ଛ ସର୍ବେକ୍ଷଣ ତାଲିକାରେ ଶୀର୍ଷତା ସ୍ଥାନ ହାସଲ ଲାଗି ଖୋର୍ଦ୍ଧା ପୌର ପରିଷଦ ପକ୍ଷରୁ ସ୍ୱଚ୍ଛ ଭାରତ ସୁସ୍ଥ ଭାରତ ଅଭିଯାନ ଆରମ୍ଭ ହୋଇଥିଲା। ସହରରେ ସ୍ୱଚ୍ଛତା ପ୍ରତି ଗୁରୁତ୍ୱ ଦିଆଯିବ। କୌଣସି ସ୍ଥାନରେ ଅଳିଆ ରହିବାକୁ ଦିଆଯିବ ନାହିଁ ବୋଲି ପୌର ପ୍ରଶାସନ ପକ୍ଷରୁ କୁହାଯାଇଛି। ଅନ୍ୟପଟେ ସହରର ବିଭିନ୍ନ ସ୍ଥାନରେ ଅଳିଆ ପଡ଼ି ରହୁଥିବା ଦେଖିବାକୁ ମିଳିଛି। ସାହି ଗଳିକନ୍ଦିରେ ଅଳିଆ ଜମାହୋଇ ପରିବେଶକୁ ପ୍ରଦୂଷିତ କରୁଛି। ଅଳିଆ ଗଦାରେ ଗୋରୁଗାଈ, ବୁଲା କୁକୁର ଖାଦ୍ୟ ଲାଳସାରେ ଅଳିଆଗୁଡ଼ିକୁ ଏଣେତେଣେ ପକାଉଛନ୍ତି। ଫଳରେ ଅଳିଆ ଜମା ହୋଇ ରହୁଥିବା ସ୍ଥାନରେ ଆବର୍ଜନାମୟ ହୋଇ ରହୁଛି। ଗନ୍ଧରେ ନାକ ଫାଟି ପଡୁଛି। ସେହି ରାସ୍ତାଦେଇ ଯାଉଥିବା ଲୋକେ ନାକରେ କପଡ଼ା ନଦେଲେ ଯାଇହେଉ ନଥିବା କହୁଛନ୍ତି।

ପ୍ରକାଶ ଯେ, ୪୬ ହଜାର ଜନସଂଖ୍ୟା ବିଶିଷ୍ଟ ଖୋର୍ଦ୍ଧା ସହରରେ ୨୨ଟି ୱାର୍ଡ ରହିଛି। ସେଥିରୁ ୨୦ଟି ୱାର୍ଡ ଘରୋଇକରଣ କରାଯାଇଛି। ଏଥିଲାଗି ମାସକୁ ୧୫ରୁ ୨୦ଲକ୍ଷ ଟଙ୍କା ପୌର ପ୍ରଶାସନ ପକ୍ଷରୁ ଠିକା ସଂସ୍ଥାକୁ ପୋଷା ଚାଲିଛି ବୋଲି ବୁଦ୍ଧିଜୀବୀମାନେ ଅଭିଯୋଗ କରିଛନ୍ତି। ତେବେ ଠିକା ସଂସ୍ଥା ଉପରେ ଅଳିଆ ଉଠାଇବା କାମ ଟେକି ଦେଇ କର୍ତ୍ତୃପକ୍ଷ ଚୁପ ବସିଛନ୍ତି। ଅଳିଆ ଉଠୁଛି କି ନାହିଁ, କେଉଁ ସ୍ଥାନରୁ ଅଳିଆ ଉଠାଯାଉଛି ତାହା କୌଣସି ଖବର ପ୍ରଶାସନ ପକ୍ଷରୁ ରଖା ଯାଉନାହିଁ। ଫଳରେ ଠିକା ସଂସ୍ଥା ସହରରେ ପଡ଼ି



ପଇଠ କରାଯାଉଛି। ଠିକା ସଂସ୍ଥା ଦ୍ୱାରା ଅଳିଆ ଉଠୁଥିବା ପ୍ରଶାସନ ପକ୍ଷରୁ କୁହାଯାଉଛି। ତେବେ ବାସ୍ତବ ଚିତ୍ର ସମ୍ପୂର୍ଣ୍ଣ ଭିନ୍ନ। ସହରରୁ ଅଳିଆ ହଟୁନି। ସହର ମୁଖ୍ୟରାସ୍ତାକୁ ବାଦ ଦେଲେ ଗଳିକନ୍ଦିରେ ଅଳିଆ ଆବାଜର୍ନା ପଡ଼ି ପାହାଡ଼ ସଦୃଶ୍ୟ ଗଦା ହେଲାଣି। ସ୍ୱଚ୍ଛତା ଆଳରେ ଘରୋଇ ରହିଥିବା ଅଳିଆ ଆବର୍ଜନାକୁ ଦେଖିଲେ, ଖୋର୍ଦ୍ଧା ସହରରେ କିପରି ଚାଲିଛି ସ୍ୱଚ୍ଛତା ଅଭିଯାନ ଏଥିରୁ ଅନୁମାନ କରାଯାଇପାରେ ବୋଲି ବୁଦ୍ଧିଜୀବୀ ମହଲରେ ପ୍ରକାଶ ପାଇଛି। ଏନେଇ ପୌର ଉପାଧ୍ୟକ୍ଷ ସୌର୍ଯ୍ୟରଞ୍ଜନ ମହାନ୍ତି କହିଛନ୍ତି ପରିମଳ, ରାସ୍ତାଘାଟ, ସ୍ୱଚ୍ଛତା ପ୍ରତି ଗୁରୁତ୍ୱ ଦିଆଯିବ।

## ସର୍ଟସର୍କିଟ୍ ଯୋଗୁଁ ଜଳିଗଲା ସ୍କୁଲ ଘର

**ବେଗୁନିଆ, ୨୫।୨(ସମିସ):** ବେଗୁନିଆ ବ୍ଲକ ଅନ୍ତର୍ଗତ ଡିଙ୍ଗର ଗ୍ରାମରେ ଭିଏନ ପବ୍ଲିକ ବିଦ୍ୟାଳୟରେ ଶନିବାର ବିଳମ୍ବିତ ରାତିରେ ବିଦ୍ୟୁତ୍ ସର୍ଟସର୍କିଟ୍ ଯୋଗୁଁ ନିଆଁ ଲାଗି ଯାଇଥିଲା। ସ୍ଥାନୀୟ ଲୋକେ ବେଗୁନିଆ ଅଗ୍ନିଶମ କାର୍ଯ୍ୟାଳୟକୁ ଖବର ଜଣାଇଥିଲେ। ଅଗ୍ନିଶମ କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଏଥିରେ ୪୫ ହଜାର ଟଙ୍କାର କ୍ଷୟକ୍ଷତି ହୋଇଥିବା ଅନୁମାନ କରାଯାଉଛି।

ସେହିପରି ବେଗୁନିଆ ଥାନା ଅନ୍ତର୍ଗତ ବଡନୟାପଲ୍ଲୀ ଗ୍ରାମର ସୁଶାନ୍ତ ମହାପାତ୍ରଙ୍କ ଗ୍ରୋସରୀ ଓ ପୂଜା ସାମଗ୍ରୀ ଦୋକାନରେ ଶନିବାର ବିଳମ୍ବିତ ରାତିରେ କେହି ଜଣେ ଦୁର୍ବୃତ୍ତ ନିଆଁ ଲଗାଇ ଦେଇଛି। ଏଥିରେ ଦୋକାନ ଘର ନଷ୍ଟ ହେବା ସହ ଦୋକାନ ସାମଗ୍ରୀ ପୋଡ଼ି ପାଉଁଶ ହୋଇଯାଇଛି। ଏଥିରେ ଆନୁମାନିକ ୯୦ ହଜାର ଟଙ୍କାର ସାମଗ୍ରୀ ପୋଡ଼ି ପାଉଁଶ ହୋଇଥିବା ବେଗୁନିଆ ଅଗ୍ନିଶମ କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି। ପରେ ଶ୍ରୀ ମହାପାତ୍ର ବେଗୁନିଆ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତଙ୍କୁ ଥାନାକୁ ଆଣିଥିଲେ। ଏଥିରେ ସ୍ଥାନୀୟ ସରପଞ୍ଚ ହସ୍ତକ୍ଷେପ କରି ଉଭୟ ପକ୍ଷଙ୍କ ମଧ୍ୟରେ ଆପୋଷ ବୁଝାମଣା କରିଥିଲେ।

### ● ସର୍ବଭାରତୀୟ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ

## ଫାଇନାଲରେ କଟକ ୟଙ୍ଗ ଉତ୍କଳ କ୍ଲବ୍

**ବେଗୁନିଆ, ୨୫।୨(ସମିସ):** ବେଗୁନିଆ ବ୍ଲକ ଅନ୍ତର୍ଗତ କୁଶପଲ୍ଲା ଆଥଲେଟିକ ଆସୋସିଏସନ ପକ୍ଷରୁ ୪୪ତମ ସର୍ବଭାରତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମି ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମ୍ୟାଚ୍ କମିଶନର ଦୟାନ ଖାଁଙ୍କ ନେତୃତ୍ୱରେ ସର୍ବଭାରତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟରେ କଂଗ୍ରେସର ରାଜ୍ୟ ସାଧାରଣ ସମ୍ପାଦକ ପୃଥ୍ୱୀ ବଲ୍ଲଭ ପଟ୍ଟନାୟକ, ରାଜ୍ୟ ସଂଖ୍ୟା ଲଘୁ ସମ୍ପ୍ରଦାୟର ରାଜ୍ୟ ସାଧାରଣ ସମ୍ପାଦକ ମହମ୍ମଦ ମୋହିଉଦ୍ଦିନ ଅହମ୍ମଦ, ବ୍ଲକ ଯୁବକଂଗ୍ରେସ ସଭାପତି ଗଣେଶ୍ୱର ସୁବୁଦ୍ଧି ଓ ଗ୍ରାମ୍ୟକମିଟି ସମ୍ପାଦକ ଅଜମତ ଖାଁ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ପରେ କଟକ ୟଙ୍ଗ ଉତ୍କଳ ଫୁଟବଲ କ୍ଲବ ଓ ଭୁବନେଶ୍ୱର ବଜରଙ୍ଗ ବାଲି ସ୍ପୋର୍ଟିଂ ଫୁଟବଲ କ୍ଲବ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା।

ଏଥିରେ କଟକ ୟଙ୍ଗ ଉତ୍କଳ ଫୁଟବଲ କ୍ଲବ ୪-୧ ଗୋଲରେ ବିଜୟ ଲାଭ କରି ଫାଇନାଲକୁ ଉନ୍ନୀତ ହୋଇଛି। ଖେଳକୁ ରେଫରି ରାଜୁ ମହାନ୍ତି, ଲାଇନମ୍ୟାନ ପ୍ରସନ କୁମାର ନାୟକ, ପ୍ରଫୁଲ୍ଲ ବେହେରା ଓ ପ୍ରିୟବ୍ରତ ବାହିନୀପତି ପ୍ରମୁଖ ପରିଚାଳନା କରିଥିଲେ। ରମାକାନ୍ତ ପାତ୍ର ଓ ଫୈଜଲ ହୁସେନ ଖାଁ ଭାଷ୍ୟକାର ଭାବେ ଖେଳର ଧାରା ବିବରଣୀ ପ୍ରଦାନ କରିଥିଲେ। ଆସନ୍ତାକାଲି ପ୍ରଥମ କ୍ୱାର୍ଟର ଫାଇନାଲ ମ୍ୟାଚ ଚୌଦ୍ୱାର ୱାଇଏଫସି ଫୁଟବଲ କ୍ଲବ ଓ ହାୱଡା ଫ୍ରେଣ୍ଡସ କ୍ଲବ ମଧ୍ୟରେ ହେବ ବୋଲି ଆୟୋଜକମାନେ ଜଣାଇଛନ୍ତି।

## ମା' ଅଁଳାଇ କ୍ରିକେଟ ଟୁର୍ଣ୍ଣାମେଣ୍ଟ: କଲ୍ୟାଣପୁର ଚାମ୍ପିଅନ



**ଖୋର୍ଦ୍ଧା, ୨୫।୨(ସମିସ):** ଉଇଲକିଶନ ନଗର ଗ୍ରାମରେ ଚାଲିଥିବା ୨୪ତମ ମା ଅଁଳାଇ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆଜି ଉଦ୍ଯାପିତ ହୋଇଛି। ଆଜିର ଫାଇନାଲ ମ୍ୟାଚ୍ ଗାଦିବ୍ରହ୍ମ କ୍ରିକେଟ କ୍ଲବ କଲ୍ୟାଣପୁର ଓ ବାବା ବାଲୁଙ୍କେଶ୍ୱର କ୍ରିକେଟ କ୍ଲବ ପାନବରଜ ମଧ୍ୟରେ ହୋଇଥିଲା। ପ୍ରଥମେ ଟସ୍ ଜିତି କଲ୍ୟାଣପୁର ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୭ ଓଭରରେ ୮ ୱିକେଟ ହରାଇ ୨୪୧ ରନ୍ ସଂଗ୍ରହ କରିଥିଲା। କଲ୍ୟାଣପୁର ପକ୍ଷରୁ ସତ୍ୟବ୍ରତ ରାଉତରାୟ ସର୍ବାଧିକ ୯୨ ରନ୍ କରିଥିବା ବେଳେ ପାନବରଜ ପକ୍ଷରୁ କରନଦୀପ ପଟ୍ଟନାୟକ ୪ ଓଭର ବୋଲିଂ କରି ୪୩ ରନ୍ ବ୍ୟୟ କରି ୩ଟି ୱିକେଟ ପାଇଥିଲେ। ଜବାବରେ ପାନବରଜ ଦଳ ୧୭ ଓଭର ଖେଳି ୯ ୱିକେଟ ହରାଇ ୧୯୧ ରନ ସଂଗ୍ରହ କରିଥିଲା। ଫଳରେ କଲ୍ୟାଣପୁର ଦଳ ୫୧ ରନରେ ଜିତି ଚାମ୍ପିଅନ ହୋଇଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ରୂପେ ସମାଜସେବୀ ଡଃ. ସନ୍ତୋଷ ଜେନା ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟା ବିନତି ଜେନା, ପାଇକତିଗିରିଆ ସମବାୟ ସମିତି ସଭାପତି ପ୍ରଶାନ୍ତ ସାହୁ, ପୂର୍ବତନ ୱାର୍ଡ ସଭ୍ୟ ତୁଷାରକାନ୍ତ ବିଶ୍ୱଳ, ଆକାଶ କୁମାର ବିଶ୍ୱାଳ, ନିର୍ମଳକାନ୍ତ ବିଶ୍ୱାଳ, ସୁଦର୍ଶନ ବିଶ୍ୱାଳ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଭାଷ୍ୟକାର ପ୍ରଶାନ୍ତ ନାଟୁଆ, ମଞ୍ଚ ପରିଚାଳନା ସତ୍ୟନାରାୟଣ ସୁନ୍ଦରାୟ, ମ୍ୟାଚ୍ ପରିଚାଳନା ଚନ୍ଦ୍ରକାନ୍ତ ବିଶ୍ୱାଳ, ଅସିତ ଶତପଥୀ କରିଥିବା ବେଳେ ସ୍କୋରବୋର୍ଡ ଦାୟିତ୍ୱରେ ପ୍ରକାଶ ସାହୁ, ପୂର୍ବତନ ନାଏବ ସରପଞ୍ଚ ଆକାଶ କୁମାର ବିଶ୍ୱାଳ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କୃଷ୍ଣଚନ୍ଦ୍ର ସାହୁ, ଓମ ପ୍ରକାଶ ପ୍ରଧାନ, ଆଶିଷ କୁମାର ବିଶ୍ୱାଳ, ସଞ୍ଜୀବ ବିଶ୍ୱାଳ, ଆଶୀର୍ବାଦ ସାହୁ, ରଶ୍ମିରଞ୍ଜନ ସାହୁ, ସୂର୍ଯ୍ୟକାନ୍ତ ସାମନ୍ତରାୟ, ଆଲୋକ ପ୍ରଧାନ, ରାଜେଶ ବାରିକ, ଧର୍ମେନ୍ଦ୍ର ବିଶ୍ୱାଳ, ଅରୁଣ ପ୍ରଧାନ, ବବୁଲ ପ୍ରଧାନ, ଜନାର୍ଦ୍ଦନ ବିଶ୍ୱାଳ, ଆଦିତ୍ୟ ବିଶ୍ୱାଳ, ପାପୁନି ବିଶ୍ୱାଳ, ଚନ୍ଦନ ବିଶ୍ୱାଳ, ଶିବ ପ୍ରସାଦ ସେଠୀ ପ୍ରମୁଖ ସହଯୋଗ କରିଥିଲେ।

### ଗୋଷ୍ଠୀ ସଚେତନତା କାର୍ଯ୍ୟକ୍ରମ

## 'ମହିଳା ସଶକ୍ତୀକରଣରେ ଦେଶର ପ୍ରଗତି'

ନିରାକାରପୁର, ୨୫।୨(ସମିସ)




ଭୁବନେଶ୍ୱରରେ ଅବସ୍ଥାପିତ ରାଜ୍ୟସ୍ତରୀୟ ସାମାଜିକ ଅନୁଷ୍ଠାନ ସହଯୋଗ ଏବଂ ବିଶ୍ୱ ଯୁବକ କେନ୍ଦ୍ର, ନୂଆଦିଲ୍ଲୀଙ୍କ ମିଳିତ ଆନୁକୂଲ୍ୟରେ ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବ୍ଲକ ନିରାକାରପୁରରେ ଏକ ଗୋଷ୍ଠୀ ସଚେତନତା ଅଭିଯାନ ଆରମ୍ଭ ହୋଇଛି। ସମାଜସେବୀ ଇଂ ପ୍ରଭାତ କୁମାର ସ୍ୱାଇଁ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିବାବେଳେ ସମସ୍ତ ମାନ୍ୟଗଣ୍ୟ ଅତିଥି, ବିଭିନ୍ନ ଗ୍ରାମ ପଞ୍ଚାୟତରୁ ଉପସ୍ଥିତ ପଞ୍ଚାୟତିରାଜ ମେମ୍ବର, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା, ଶିକ୍ଷକ, ମହିଳା, ଯୁବକ, କିଶୋର କିଶୋରୀମାନଙ୍କୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସହଯୋଗର ସମ୍ପାଦିକା ବିଜୟଲକ୍ଷ୍ମୀ ରାଉତରାୟ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ମୁଖ୍ୟ ଅତିଥି ଭାବେ ଟାଙ୍ଗୀ ବ୍ଲକ ଅଧ୍ୟକ୍ଷା ରିସ୍ମା ମାନ୍ଧାତା, ଉପାଧ୍ୟକ୍ଷ ଦୁର୍ଗା ନାଥ ଶର୍ମା, ନିରାକାରପୁର ଥାନା ସବ୍ ଇନ୍ସପେକ୍ଟର ଦିପାଲିଶା ନାୟକ, ମିଶନ ଶକ୍ତି ଟାଙ୍ଗୀ ବ୍ଲକ ସଭାପତି ହରଷ ପ୍ରଧାନ, ପ୍ରଧାନ ଶିକ୍ଷକ ଅନିୟ ଛୋଟରାୟ ପ୍ରମୁଖ ଅତିଥି ଭାବେ ଯୋଗଦେଇ ମହିଳା ସଶକ୍ତୀକରଣ ପାଇଁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ଅବଦାନ ସମ୍ପର୍କରେ କହିଥିଲେ। କନ୍ୟାଭ୍ରୂଣ ହତ୍ୟା, ବାଳିକା ବିବାହ ବନ୍ଦ କରିବା ଏବଂ ମହିଳା ଶିକ୍ଷା ସ୍ୱାବଲମ୍ବନ ପାଇଁ ସମସ୍ତେ ଶପଥ ନେଇଥିଲେ। କାର୍ଯ୍ୟକ୍ରମରେ ରାମେଶ୍ୱର ପଞ୍ଚାୟତ ସମିତି ସଭ୍ୟ ରମେଶ ବିଶ୍ୱାଳ, ଈଶ୍ୱାର୍ଡ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସମ୍ପାଦକ ମୃତ୍ୟୁଞ୍ଜୟ ପ୍ରଧାନ, ଲକ୍ଷ୍ମୀଧର ଆଚାର୍ଯ୍ୟ ପୂର୍ବତନ ସରପଞ୍ଚ ଲେଣ୍ଡୁ, ହୃଷିକେଶ ରାଉତରାୟ ପୂର୍ବତନ ସରପଞ୍ଚ ନିରାକାରପୁର, ଡିଆ ପଞ୍ଚାୟତ ସରପଞ୍ଚ ପ୍ରଶାନ୍ତ ବେହେରା, ରାମେଶ୍ୱର ସରପଞ୍ଚ ପ୍ରତିନିଧି ରଞ୍ଜିତ ଜଗଦେବ, ପ୍ରଶାନ୍ତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଯୁବ ସମାଜସେବୀ ସୁକାନ୍ତ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

### ବଜାର ରାସ୍ତାରେ ବିପଦପୂର୍ଣ୍ଣ ଗର୍ତ୍ତ

## ହେଉନି ମରାମତି; ବଢୁଛି ଦୁର୍ଘଟଣା

ବୋଲଗଡ଼, ୨୫।୨(ସମିସ)



ଖୋର୍ଦ୍ଧା ଜିଲ୍ଲା ବୋଲଗଡ଼ ବ୍ଲକ ବଡ଼କୁମାରୀ ପଞ୍ଚାୟତ ଅନ୍ତର୍ଗତ ରାଜସୁନାଖଳା ଗଣେଶ ବଜାରର ପାନଗର ଛକ ସ୍ଥାନରେ ମରାମତି ଅଭାବରୁ ରାସ୍ତାରେ ସୃଷ୍ଟି ହୋଇଛି ବିପଦପୂର୍ଣ୍ଣ ଗର୍ତ୍ତ। ଫଳରେ ଏଠାରେ ଯାନବାହାନ ଯାତାୟାତ ପାଇଁ ଅସୁବିଧା ହେବା ସହିତ ବିଭିନ୍ନ ସମୟରେ ଛୋଟ ବଡ଼ ଦୁର୍ଘଟଣା ଘଟୁଛି। ଏଭଳି ଛକ ରାସ୍ତା ଉପରେ ବିପଦପୂର୍ଣ୍ଣ ଅବସ୍ଥାରେ ଥିବା ଗର୍ତ୍ତଗୁଡ଼ିକୁ ଶୀଘ୍ର ମରାମତି କରାଯିବାକୁ ସ୍ଥାନୀୟ ଜନସାଧାରଣ ଦାବି କରୁଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ ଏଥିପ୍ରତି ଦୃଷ୍ଟି ଦିଆଯାଉ ନଥିବା ଅଭିଯୋଗ ହେଉଛି।

ପ୍ରକାଶ ଯେ, ଏହି ବଜାର ଅଞ୍ଚଳ ଦେଇ ଯାଇଥିବା ବଲାଙ୍ଗୀର-ଖୋର୍ଦ୍ଧା ୫୭ନଂ ଜାତୀୟ ରାଜପଥର ପାନନଗର ଛକଠାରୁ ରଣପୁର ଚାନ୍ଦପୁରକୁ ପୂର୍ଣ୍ଣ ରାସ୍ତା ସଂଯୋଗ ହୋଇଛି। ଏହି ସଂଯୋଗ ସ୍ଥାନଟି ରାଜପଥ ପାର୍ଶ୍ୱରେ ଥିବା ଡ୍ରେନ ଉପରେ ରହିଥିବା ବେଳେ ଡ୍ରେନକୁ ଲାଗି ଜାତୀୟ ରାଜପଥ ପାର୍ଶ୍ୱଟି ବଡ଼ ବଡ଼ ଖାଲଖମା ସୃଷ୍ଟି ହୋଇ ବିପର୍ଯ୍ୟସ୍ତ ହୋଇପଡ଼ିଛି। ଏହି ସ୍ଥାନଟି ଉଭୟ ରାସ୍ତାର ସଂଯୋଗ ସ୍ଥଳ ହୋଇଥିବାରୁ ଏଠାରେ ଯାନବାହାନ ବୁଲିବା ସମୟରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛି। ଉଲ୍ଲେଖ ଥାଉକି ଗଣେଶ ବଜାର ଅଞ୍ଚଳଟି ପ୍ରତିଦିନ ଜନଗହଳି ରହୁଥିବା ବେଳେ ଏହି ସ୍ଥାନଟି ବଜାର ଅଞ୍ଚଳର ଏକ ପ୍ରମୁଖ ସ୍ଥାନ। ପ୍ରତ୍ୟହ ଏହି ଛକ ଦେଇ ଭାରୀଯାନଠାରୁ ଆରମ୍ଭ କରି ଦୁଇଚକିଆ ଯାନଗୁଡ଼ିକ ଯାତାୟାତ କରୁଥିବା ବେଳେ ଏଠାରେ ଟ୍ରାଫିକ ସମସ୍ୟା ଉପୁଜୁଛି। ବିଶେଷ ଭାବେ ଏହି ଛକ ଦେଇ ରାଜସୁନାଖଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଜରୁରୀକାଳୀନ ସେବା ପାଇଁ ଯାତାୟାତ କରିବାକୁ ପଡ଼ିଥାଏ। ଅନ୍ୟପକ୍ଷରେ ରାଜସୁନାଖଳା ତଥା ଆଖପାଖ ଅଞ୍ଚଳର ଜନସାଧାରଣ ଦୈନନ୍ଦିନ ଚଳପ୍ରଚଳ ଏବଂ ବଜାର ସଉଦା ଆଦିର ଆବଶ୍ୟକତା ପାଇଁ ଏହି ଛକ ଦେଇ ଯାତାୟାତ କରିଥାନ୍ତି। ଏଭଳି ଗୁରୁତ୍ୱ ବହନ କରୁଥିବା ଛକ ରାସ୍ତାଟି ପ୍ରାୟ ଏକ ବର୍ଷ ଧରି ବିପର୍ଯ୍ୟସ୍ତ ହୋଇପଡ଼ିଥିଲେ ମଧ୍ୟ ଏହାର ମରାମତି ହେଉନଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେଇ ତୁରନ୍ତ ରାସ୍ତାର ମରାମତି କାର୍ଯ୍ୟ କରିବାକୁ ସାଧାରଣରେ ଦାବି ହୋଇଛି।

### ମଲ୍ଲିପଦର 'ଆମ ଗାଁ ମହୋତ୍ସବ' ତୃତୀୟ ସନ୍ଧ୍ୟା

## 'ନୂତନ ପିଢ଼ିକୁ ଶିକ୍ଷା ଦେଇଥାଏ ମହୋତ୍ସବ'

**ବେଗୁନିଆ, ୨୫।୨(ସମିସ):** ବେଗୁନିଆ ବ୍ଲକ କଣ୍ଟାବାଡ଼ ପଞ୍ଚାୟତ ଅନ୍ତର୍ଗତ ମଲ୍ଲିପଦର ଆମ ଗାଁ ମହୋତ୍ସବର ସଭାପତି ବିଦ୍ୟାଧର ମହାରଣାଙ୍କ ଆବାହକତ୍ୱରେ ଆମ ଗାଁ ମହୋତ୍ସବ ତୃତୀୟ ସନ୍ଧ୍ୟା ଅନୁଷ୍ଠିତ ହୋଇଛି। ଏଥିରେ ଉପଦେଷ୍ଟା ରାଜ କିଶୋର ପାଣିଗ୍ରାହୀ ଅଧ୍ୟକ୍ଷତା ଓ ଶିକ୍ଷକ ଶ୍ରୀକାନ୍ତ କୁମାର ନାୟକଙ୍କ ସଂଯୋଜନାରେ ସରପଞ୍ଚ ପ୍ରଫୁଲ୍ଲ କୁମାର ପ୍ରଧାନ ମୁଖ୍ୟଅତିଥି, ଜିଲ୍ଲା ପରିଷଦ ସଭ୍ୟ ସୁବାସ ଚନ୍ଦ୍ର ରାୟଗୁରୁ ମୁଖ୍ୟବକ୍ତା, ବୋଲଗଡ଼ ଶିକ୍ଷକ ସଂଘ ସଭାପତି ଶୈଳିନ୍ଦ୍ର ପଟ୍ଟନାୟକ, ସମାଜସେବୀ ସୁବାସ ଚନ୍ଦ୍ର ମହାନ୍ତି ଓ ବ୍ରଜବନ୍ଧୁ ସୁବୁଦ୍ଧି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ମହୋତ୍ସବ ନୂତନ ପିଢ଼ିକୁ ଶିକ୍ଷା ଦେଇଥାଏ ବୋଲି ମତ ପ୍ରକାଶ କରିଥିଲେ। ସଭାର ପ୍ରାରମ୍ଭରେ ମୃତ୍ୟୁଞ୍ଜୟ ପଣ୍ଡା ବେଦପାଠ କରିଥିବା ବେଳେ ଅନୁଷ୍ଠାନ ପକ୍ଷରୁ ସାମ୍ବାଦିକ ଦେବବ୍ରତ ହୋତା, ସତ୍ୟ ନାରାୟଣ ବାରିକ, ଆଦର୍ଶ ସରପଞ୍ଚ ବୈକୁଣ୍ଠ ଚରଣ ସ୍ୱାଇଁ, ପ୍ରଦୀପ କୁମାର ବାରିକ, ଓଡ଼ିଶୀ ନୃତ୍ୟଶିଳ୍ପୀ ଅଞ୍ଜଳୀରାଣୀ ସିଂହଦେଓ, ଚିତ୍ରଶିଳ୍ପୀ ସୁପ୍ରୀତି ମହାପାତ୍ର, କଣ୍ଠଶିଳ୍ପୀ ଜୟଶ୍ରୀ ଧଳ, ସମାଜସେବୀ ନିରଜ ଭଟ୍ଟ, ରାମଚନ୍ଦ୍ର ଦାସ, ପ୍ରଶାସନିକ ସେବା ଶ୍ରଦ୍ଧା ଅଭିଜିତ ପଣ୍ଡା ଓ ଅଭିନେତ୍ରୀ ପ୍ରିୟଙ୍କା ସାହୁଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ ପକ୍ଷରୁ ସମ୍ବଲପୁରୀ, ଲୁଇସିଙ୍ଗା, ସୁର ସଙ୍ଗୀତ, ଭୁବନେଶ୍ୱର ନୃତ୍ୟାଶୀ ଓଡ଼ିଶୀ, ରାଜ ରଣପୁର ଅଞ୍ଜଳିସିଂହଦେଓ ଗଅଁପୁର ଲରେନସ ଡ୍ୟାନ୍ସ ସ୍ଥାନୀୟ କଳାକାର ମାନଙ୍କ ଦ୍ୱାରା ଆଧୁନିକ ନୃତ୍ୟ ପରିବେଷଣ ହୋଇଥିଲା। ଶେଷରେ ଅନୁଷ୍ଠାନର ସମ୍ପାଦକ ଶିଶିର କୁମାର ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ।





# ଅସ୍ତିତ୍ୱ ପାଇଁ ଲଢ଼େଇ ଲଢୁଛି ପେଟିଏମ୍

- ଯୁପିଆଇ ପେମେଣ୍ଟ କାରବାରରେ ଆର୍‌ବିଆଇ ଛାଟ
- ପେଟିଏମ୍ ପେମେଣ୍ଟସ୍ ବ୍ୟାଙ୍କର ବ୍ୟାଙ୍କିଙ୍ଗ ସେବା ରଦ୍ଦ
- ମାର୍ଚ୍ଚରୁ ନୂତନ ଗ୍ରାହକ ଯୋଡ଼ିବା ଉପରେ ରୋକ୍

ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ପେଟିଏମ୍‌ର ବ୍ୟାଙ୍କିଙ୍ଗ ସହଯୋଗୀ ପେଟିଏମ୍ ପେମେଣ୍ଟସ୍ ବ୍ୟାଙ୍କ (ପିପିବିଏଲ୍)ର ବ୍ୟାଙ୍କିଙ୍ଗ୍ ସେବାକୁ ରଦ୍ଦ କରିଛି। ଏହାପରେ ପେଟିଏମ ପେମେଣ୍ଟସ୍ ବ୍ୟାଙ୍କ ଏହାର ସେବାରେ ଆଉ ନୂଆ ଗ୍ରାହକ ଯୋଡିପାରିବନାହିଁ। ନିୟମ ଅନୁପାଳନ ନ କରିବାରୁ ବ୍ୟାଙ୍କିଙ୍ଗ ନିୟାମକ ଆଇନ ଅନୁଯାୟୀ ପେଟିଏମ୍ ପେମେଣ୍ଟସ ବ୍ୟାଙ୍କ ବିରୋଧରେ କେନ୍ଦ୍ରୀୟ ବ୍ୟାଙ୍କ ଏଭଳି ପଦକ୍ଷେପ ଗ୍ରହଣ କରିଛି। ଜାନୁୟାରୀ ୩୧ରୁ ଆରବିଆଇ ପକ୍ଷରୁ ଏହି ନିର୍ଦ୍ଦେଶନାମା ଜାରି କରାଯାଇଥିଲା। ଏହି ନିର୍ଦ୍ଦେଶ ପରେ ଆରବିଆଇ କମ୍ପାନୀକୁ ୨୯ ଫେବୃଆରୀ ପରେ ଅର୍ଥାତ୍ ମାର୍ଚ୍ଚ ପହିଲାଠାରୁ ଏହାର ବର୍ତ୍ତମାନର ଗ୍ରାହକଙ୍କ ଆକାଉଣ୍ଟରେ ଅର୍ଥ ରାଶି ପଇଠ କରିବା ଉପରେ ମଧ୍ୟ ରୋକ୍ ଲଗାଇଛି। ଏହାପରେ, ପେଟିଏମ୍ ପେମେଣ୍ଟସ ବ୍ୟାଙ୍କରେ କୌଣସି କ୍ରେଡିଟ୍/ଜମା କାରବାର ହୋଇପାରିବନାହିଁ। ତେଣୁ ଫେବୃଆରୀ ୨୯ ପରେ ପେମେଣ୍ଟ ବ୍ୟାଙ୍କ ବ୍ୟାଙ୍କିଙ୍ଗ୍ ସେବା ଯୋଗାଇବାରେ ମଧ୍ୟ ସକ୍ଷମ ହେବନାହିଁ। ତେବେ ଆରବିଆଇ କହିବାନୁଯାୟୀ,ପେଟିଏମ ପେମେଣ୍ଟସ ବ୍ୟାଙ୍କର ବର୍ତ୍ତମାନର ଗ୍ରାହକ ସେମାନଙ୍କ ଆକାଉଣ୍ଟରେ ରହିଥିବା ଅର୍ଥ ରାଶିକୁ ସମ୍ପୂର୍ଣ୍ଣ ଉପଯୋଗ କରିପାରିବେ। ସଞ୍ଚୟ ଜମା ଖାତା ହେଉ ଅଥବା ଚଳନ୍ତି ଖାତା, ପ୍ରିପେଡ୍ ଇନଷ୍ଟ୍ରୁମେଣ୍ଟ, ଫାସଟ୍ୟାଗ୍, ନ୍ୟାସନାଲ ଅଥବା କମନ ମୋବିଲିଟି କାର୍ଡ ଯେଉଁଥିରେ ବି ଗ୍ରାହକ ସେମାନଙ୍କର ରହିଥିବା ଅର୍ଥ ରାଶିକୁ ବ୍ୟବହାର କରିପାରିବେ ବୋଲି ଆର୍‌ବିଆଇ କହିଛି। ପେଟିଏମ୍ ପେମେଣ୍ଟସ ବ୍ୟାଙ୍କର ଚୀନ୍ ସହିତ ସମ୍ପର୍କ ରହିଛି। ଏଥିରେ ଚୀନ୍‌ରୁ ଆସିଥିବା ଏଫ୍‌ଡିଆଇ ନିବେଶ ହୋଇଛି। ସେ ବାବଦରେ ଯେଉଁ ନିୟମ ରହିଛି ତାହାକୁ ଠିକ୍ ଭାବେ ପାଳନ କରାଯାଇଛି କି ନାହିଁ ତାହାର ଏବେ ତଦନ୍ତ ଚାଲିଛି।

## ଫିନ୍‌ଟେକ୍ କମ୍ପାନୀ ନିୟାମକଙ୍କ ଉର୍ଦ୍ଧ୍ୱରେ ନୁହଁ : ଆଇଟି ରାଷ୍ଟ୍ରମନ୍ତ୍ରୀ

ପେଟିଏମ ପେମେଣ୍ଟସ୍ ବ୍ୟାଙ୍କ ବିରୋଧରେ ଭାରତୀୟ ରିଜର୍ଭ ବ୍ୟାଙ୍କ ନେଇଥିବା କାର୍ଯ୍ୟାନୁଷ୍ଠାନକୁ କେନ୍ଦ୍ର ଆଇଟି ରାଷ୍ଟ୍ରମନ୍ତ୍ରୀ ରାଜୀବ ଚନ୍ଦ୍ରଶେଖର ଯଥାର୍ଥ ବୋଲି କହିଛନ୍ତି। କୌଣସି ଫିନଟେକ୍ କମ୍ପାନୀ ନିୟାମକ ଏଜେନ୍ସି ଉପରେ ନୁହଁନ୍ତି ବୋଲି ସେ କହିବା ସହ ଏ କ୍ଷେତ୍ରରେ ପ୍ରଚଳିତ ନିୟମକୁ ମାନିବାକୁ ପଡ଼ିବ। ଏହି କ୍ଷେତ୍ରରେ କାର୍ଯ୍ୟ କରୁଥିବା ପ୍ରତ୍ୟେକ କମ୍ପାନୀଙ୍କ କାର୍ଯ୍ୟଧାରା ଯାଞ୍ଚ କରିବାକୁ ନିୟାମକ ଏଜେନ୍ସିମାନଙ୍କୁ ପୂର୍ଣ୍ଣ କ୍ଷମତା ଦିଆଯାଇଛି।

### ଥାର୍ଡ ପାର୍ଟି ଆପ୍ ହେବାକୁ ୱାନ୍୯୭ କମ୍ୟୁନିକେଶନ୍ସର ଆବେଦନ

ପେଟିଏମ୍‌ର ୟୁପିଆଇ ସେବା ବଜାୟ ରଖିବା ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ ନ୍ୟାସନାଲ ପେମେଣ୍ଟ କର୍ପୋରେସନ୍ ଅଫ୍ ଇଣ୍ଡିଆ (ଏନ୍‌ପିସିଆଇ)କୁ ନିର୍ଦ୍ଦେଶ ଦେବା ପରେ ପେଟିଏମ୍ ଗ୍ରାହକଙ୍କୁ କେତେକାଂଶରେ ଆଶ୍ୱସ୍ତି ମିଳିଛି। ଏପରିକି ପେଟିଏମର ମୂଳ କମ୍ପାନୀ ୱାନ୍୯୭ କମ୍ୟୁନିକେସନ୍ସ ପକ୍ଷରୁ ଥାର୍ଡ ପାର୍ଟି ଆପ୍ ହେବାକୁ ଆର୍‌ବିଆଇକୁ ଅନୁରୋଧ କରାଯାଇଛି। କାରଣ ଏପରି କଲେ ହିଁ ପ୍ଲାଟଫର୍ମରେ ନିରବଚ୍ଛିନ୍ନ ଭାବରେ ୟୁପିଆଇ ନେଣଦେଣ ଜାରି ରହିପାରିବ।

### ୨୯ ଫେବୃଆରୀ ଯାଏ ସାଧାରଣ ଲୋକ ବ୍ୟାଙ୍କରୁ ଟଙ୍କା ଉଠାଇପାରିବେ

ରିପୋର୍ଟ ଅନୁସାରେ ମାର୍ଚ୍ଚ ମାସ ଆରମ୍ଭରେ ଆରବିଆଇ ପେଟିଏମ୍ ପେମେଣ୍ଟସ ବ୍ୟାଙ୍କର ପରିଚାଳନା ଲାଇସେନ୍ସ ରଦ୍ଦ କରିବା ନେଇ ଘୋଷଣା କରିପାରେ। ଏହାର ଅର୍ଥ ଏହା ଯେ ଲାଇସେନ୍ସ ରଦ୍ଦ ହେବା ପରେ ପେଟିଏମ୍ ପେମେଣ୍ଟ ବ୍ୟାଙ୍କର ଅସ୍ତିତ୍ୱ ରହିବନାହିଁ। ୨୯ ଫେବୃଆରୀ ପର୍ଯ୍ୟନ୍ତ ଆରବିଆଇ କେବଳ ସାଧାରଣ ଲୋକଙ୍କୁ ପେଟିଏମ୍ ପେମେଣ୍ଟ ବ୍ୟାଙ୍କରୁ ଟଙ୍କା ଉଠାଇବାକୁ ସମୟ ଦେଇଛି। ପେଟିଏମ କ୍ୟୁଆର କୋଡ ୨୯ ଫେବୃଆରୀ ପରେ ମଧ୍ୟ କାମ କରିବ। ପେଟିଏମ୍ ପେମେଣ୍ଟସ ବ୍ୟାଙ୍କ ଏବେ ଆକ୍ସିସ୍ ବ୍ୟାଙ୍କ ସହ ମିଶି ୟୁପିଆଇ ସେବା ପ୍ରଦାନ କରିବ।

### ଅନ୍ୟ ପ୍ଲାଟଫର୍ମକୁ ଯିବାକୁ ବ୍ୟବସାୟୀଙ୍କୁ କ୍ୟାଟ୍‌ର ପରାମର୍ଶ

ଦିନକୁ ଦିନ ବଢ଼ିବାରେ ଲାଗିଛି ପେମେଣ୍ଟ ପ୍ଲାଟଫର୍ମ ପେଟିଏମ୍‌ର ସମସ୍ୟା। ପେଟିଏମ୍‌ର ବର୍ତ୍ତମାନର ସମସ୍ୟାକୁ ନଜରରେ ରଖି ସର୍ବଭାରତୀୟ ବ୍ୟବସାୟୀ ମହାସଂଘ (କ୍ୟାଟ୍) ଏହାର ବ୍ୟବସାୟୀଙ୍କୁ କାରବାର ସମ୍ବନ୍ଧୀୟ ଅର୍ଥ ଦେଣନେଣ ପେଟିଏମ୍ ପରିବର୍ତ୍ତେ ଅନ୍ୟ ପ୍ଲାଟଫର୍ମକୁ ସ୍ଥାନାନ୍ତର କରିବାକୁ କ୍ୟାଟ୍‌ର ରାଷ୍ଟ୍ରୀୟ ମହାସଚିବ ପ୍ରବୀଣ ଖଣ୍ଡେଲୱାଲ କହିଛନ୍ତି।

## ଆର୍‌ବିଆଇ ପରେ ଇପିଏଫ୍‌ଓ ବି ଦେଲା ଝଟ୍‌କା

ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ)ର କଠୋର କାର୍ଯ୍ୟାନୁଷ୍ଠାନ ପରେ ପେଟିଏମ୍ ପେମେଣ୍ଟସ ବ୍ୟାଙ୍କକୁ ଆଉ ଏକ ବଡ଼ ଝଟ୍‌କା ଲାଗିଛି। କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଂଗଠନ (ଇପିଏଫଓ) ପେମେଣ୍ଟ ବ୍ୟାଙ୍କ ମାଧ୍ୟମରେ ହୋଉଥିବା ଜମା ଏବଂ କ୍ରେଡିଟ ଉପରେ ପ୍ରତିବନ୍ଧକ ଲଗାଇଛି। ପେଟିଏମ ପେମେଣ୍ଟ ବ୍ୟାଙ୍କ ସହିତ ସଂଯୁକ୍ତ ଇପିଏଫ ଆକାଉଣ୍ଟରେ ଜମା ଏବଂ କ୍ରେଡିଟ ରୋକିବାକୁ ସଂଗଠନ ପକ୍ଷରୁ ଚଳିତମାସରେ ଏକ ସର୍କୁଲାରରେ କୁହାଯାଇଛି। ଏହି ଅନୁଯାୟୀ ଇପିଏଫ୍‌ଓ ପେଟିଏମ୍ ପେମେଣ୍ଟ ବ୍ୟାଙ୍କରେ ଆକାଉଣ୍ଟ ସହ ଜଡିତ ଦାବିକୁ ଗ୍ରହଣ ନ କରିବାକୁ ଏହାର ସମସ୍ତ ଆଞ୍ଚଳିକ କାର୍ଯ୍ୟାଳୟକୁ ପରାମର୍ଶ ଦିଆଯାଇଛି।

## ଅର୍ଥମନ୍ତ୍ରୀଙ୍କୁ ଭେଟିଲେ ପେଟିଏମ୍ ସିଇଓ

ସମସ୍ୟା ମଧ୍ୟରେ ପେଟିଏମ୍‌ର ସିଇଓ ବିଜୟ ଶେଖର ଶର୍ମା କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କୁ ଭେଟି ତାଙ୍କର ସହାୟତା ଲୋଡ଼ିଛନ୍ତି। ଅର୍ଥମନ୍ତ୍ରୀ ଆରବିଆଇର କାର୍ଯ୍ୟାନୁଷ୍ଠାନକୁ ନିୟାମକ ମାମଲା ଦର୍ଶାଇ ପେଟିଏମ୍ ସିଇଓଙ୍କୁ ସିଧାସଳଖ ଆରବିଆଇ ସହ ଆଲୋଚନା କରିବାକୁ କହିଛନ୍ତି। ଏହାର ଗୋଟିଏ ଦିନ ପୂର୍ବରୁ ବିଜୟ ଶେଖର ଶର୍ମା ଆରବିଆଇର ଅଧିକାରୀଙ୍କୁ ଭେଟିଥିଲେ। ହେଲେ କିଛି ସୁଫଳ ନ ମିଳିବାରୁ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳାଙ୍କୁ ଭେଟିଥିଲେ। ତେବେ ଅର୍ଥମନ୍ତ୍ରୀ ଏହା ଆମ ବ୍ୟାପାର ନୁହେଁ ବୋଲି ରୋକ୍‌ଠୋକ୍ ଶୁଣାଇ ଦେଇଥିଲେ। ସେ କେନ୍ଦ୍ରୀୟ ବ୍ୟାଙ୍କ ସହ ଏହି ପ୍ରସଙ୍ଗରେ ଆଲୋଚନା କରିବାକୁ ଶ୍ରୀ ଶର୍ମାଙ୍କୁ ପରାମର୍ଶ ଦେଇଛନ୍ତି।



### ଫେବୃଆରୀ ୨୯ ପରେ ବି ଚାଲିବ ପେଟିଏମ୍ ଆପ୍

କଟକଣା ପରେ ଫେବୃଆରୀ ୨୯ ପରେ ମଧ୍ୟ ପେଟିଏମ ଆପ୍ ବନ୍ଦ ହେବନାହିଁ ବୋଲି ଆରବିଆଇ କହିଛି। ଫେବୃଆରୀ ୨୯ ପରେ ପେଟିଏମ ଆପ୍ ମଧ୍ୟ ବନ୍ଦ ହୋଇଯିବ ବୋଲି କେତେକ ୟୁଜର ଭୟ କରୁଛନ୍ତି। ତେବେ ଏ ନେଇ ରିଜର୍ଭ ବ୍ୟାଙ୍କ କହିଛି ଯେ, ଫେବୃଆରୀ ୨୯ ତାରିଖ ପରେ ପେଟିଏମ୍ ଆପ୍ ବନ୍ଦ ହେବନାହିଁ। ଏହି କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ କେବଳ ପେଟିଏମ ପେମେଣ୍ଟସ ବ୍ୟାଙ୍କ ବିରୋଧରେ ଗ୍ରହଣ କରାଯାଇଛି। ତେଣୁ ପେଟିଏମ୍ ଆପ୍ ଏହାଦ୍ୱାରା ପ୍ରଭାବିତ ହେବନାହିଁ ବୋଲି ରିଜର୍ଭ ବ୍ୟାଙ୍କର ଡେପୁଟି ଗଭର୍ଣ୍ଣର ସ୍ୱାମୀନାଥନ ଜେ. ସ୍ପଷ୍ଟ ସୂଚନା ଦେଇଛନ୍ତି।

### ପେଟିଏମ୍ ଇ-କମର୍ସ ନାମ 'ପାଇ ପ୍ଲାଟଫର୍ମ' ହେଲା

ପେଟିଏମ୍ ଇ-କମର୍ସ ଏହାର ନାମ 'ପାଇ ପ୍ଲାଟଫର୍ମ'ରେ ପରିବର୍ତ୍ତନ କରିଛି। ରିପୋର୍ଟ ଅନୁଯାୟୀ, କମ୍ପାନୀ ପ୍ରାୟ ତିନିମାସ ପୂର୍ବରୁ ନାମ ପରିବର୍ତ୍ତନ ପାଇଁ ଆବେଦନ କରିଥିଲା। ପେଟିଏମ୍ ଇ-କମର୍ସରେ ଏଲିଭେସନ୍ କ୍ୟାପିଟାଲ୍ ହେଉଛି ସବୁଠାରୁ ବଡ ଅଂଶୀଦାର। ଏହାକୁ ପେଟିଏମ୍ ପ୍ରତିଷ୍ଠାତା ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ବିଜୟ ଶେଖର ଶର୍ମା, ସଫ୍ଟବ୍ୟାଙ୍କ ଏବଂ ଇବେ ମଧ୍ୟ ସମର୍ଥନ କରୁଛନ୍ତି।

### ପେମେଣ୍ଟସ ବ୍ୟାଙ୍କ ବିରୋଧରେ ଇଡିର ତଦନ୍ତ ଆରମ୍ଭ

ପେଟିଏମ ପେମେଣ୍ଟସ ବ୍ୟାଙ୍କ ବିରୋଧରେ ବିଦେଶୀ ବିନିମୟ ପରିଚାଳନା ଆଇନ (ଫେମା) ଅଧୀନରେ ଏକ ମାମଲା ରୁଜୁ ହୋଇଛି। ଇଡି ପେମେଣ୍ଟସ ବ୍ୟାଙ୍କରେ ମନିଲଣ୍ଡରିଂ ମାମଲା ଏବଂ ପେଟିଏମ୍‌ରେ ଚାଇନାର ଅର୍ଥ ଲାଗିଥିବା ଅଭିଯୋଗର ତଦନ୍ତ କରିବ ଇଡି।

### ଟୋଲ୍‌ଗେଟ୍‌ରେ କାମ ଦେବନି ପେଟିଏମ୍

'ଫାସ୍‌ଟ୍ୟାଗ୍ ବିକି ପାରିବନି ପେଟିଏମ ପେମେଣ୍ଟସ ବ୍ୟାଙ୍କ'। ଏଣିକି ଟୋଲ୍‌ଗେଟ୍‌ରେ କାମ କରିବନି ଆପଣଙ୍କ ପେଟିଏମ୍। ପେଟିଏମ ପେମେଣ୍ଟସ ବ୍ୟାଙ୍କ ଆଉ ଫାସ୍‌ଟ୍ୟାଗ୍ ବିକ୍ରି କରିପାରିବ ନାହିଁ। ଏନ୍‌ଏଚ୍‌ଏଆଇ ଏହାର ୩୨ ଅଧିକୃତ ବ୍ୟାଙ୍କ ତାଲିକାରୁ ପେଟିଏମ ପେମେଣ୍ଟସ ବ୍ୟାଙ୍କକୁ ହଟାଇଦେଇଛି। ପାସ୍‌ଟ୍ୟାଗ୍ ବିକ୍ରେତା ବ୍ୟାଙ୍କ ତାଲିକାରୁ ହଟିବା ପରେ ଯେଉଁ ଉପଭୋକ୍ତାମାନଙ୍କର ପେଟିଏମ ଫାସ୍‌ଟ୍ୟାଗ୍ ରହିଥିଲା ସେମାନଙ୍କୁ ଏବେ ଏକ ନୂତନ ଫାସଟ୍ୟାଗ୍ ନେବାକୁ ପଡିବ। ଉପଭୋକ୍ତାଙ୍କୁ ଅଡୁଆ ଲାଗୁଥିଲେ ବି ଚିନ୍ତା କରିବାର କିଛି ନାହିଁ। ଉପଭୋକ୍ତାଙ୍କୁ ନୂଆ ଆର୍‌ଏଫ୍‌ଆଇଡି ଷ୍ଟିକର ନେବାକୁ ପଡିବ। ଏହାଛଡା ଫେବୃଆରୀ ୨୯ ପରେ ପେଟିଏମ୍‌ର ଫାସ୍‌ଟ୍ୟାଗକୁ ଆଉ ରିଚାର୍ଜ କରିପାରିବେନାହିଁ।

## ଅନ୍ୟ ପ୍ଲାଟଫର୍ମ ମୁହାଁ ପେଟିଏମ୍ ଗ୍ରାହକ: ଗୁଗଲ୍, ଫୋନପେ ଉଠାଉଛନ୍ତି ଫାଇଦା

ଆରବିଆଇର ନିୟମ ଅନୁପାଳନରେ ତ୍ରୁଟି ପାଇଁ ପେଟିଏମ ପେମେଣ୍ଟସ୍ ବ୍ୟାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହୋଇଛି। ଫଳରେ ପେଟିଏମ ବ୍ୟବହାର କରୁଥିବା ଗ୍ରାହକଙ୍କୁ ଏବେ ନାନା ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ଗ୍ରାହକଙ୍କୁ ଯେପରି କୌଣସି ସମସ୍ୟା ନ ହେଉ ଏହାକୁ ନଜରରେ ରଖି ପେଟିଏମର ପ୍ରତିନିଧି ବ୍ୟବସାୟୀଙ୍କ ନିକଟକୁ ପହଞ୍ଚୁଛନ୍ତି ଓ ସେମାନଙ୍କ ଜମା ରାଶି ଅନ୍ୟ ବ୍ୟାଙ୍କକୁ ସ୍ଥାନାନ୍ତର କରୁଛନ୍ତି। ତେବେ ଆରବିଆଇର ଏହି ନିଷ୍ପତ୍ତି ବର୍ତ୍ତମାନ ପରିସ୍ଥିତିରେ ପେଟିଏମର ପ୍ରତିଦ୍ୱନ୍ଦ୍ୱୀ କମ୍ପାନୀ ଗୁଗଲ୍ ପେ ଓ ଫୋନ୍ ପେ' କୁ ମିଳିଛି।

PhonePe | Google Pay

---

# 'ଭାରତରେ ଦୈନିକ ୧ ହଜାର କୋଟିର ଆର୍ଥିକ ଅପରାଧ ହୋଇଥାଏ'

## ଡକ୍ଟର ଦାମୋଦର ସାହୁ, ସହ ପ୍ରତିଷ୍ଠାତା, ଡାଟା ସେଫ୍ ଗାର୍ଡ

**ସମୟ ସହ ବଦଳି ଚାଲିଛି ମଣିଷର ବଞ୍ଚିବାର ଶୈଳୀ। ଏକବିଂଶ ଶତାବ୍ଦୀରେ ପାଦ ଦେଇ କୃତ୍ରିମ ବୁଦ୍ଧିମତ୍ତା ବା ଏଆଇ ସାହାଯ୍ୟରେ ମଣିଷର ଜୀବନ ଯାତ୍ରାରେ ଡେଣା ମେଲାଇଛି ପ୍ରଯୁକ୍ତି ବିଦ୍ୟା। ହାତ ମୁଠାରେ ଘରେ ବସି ମଣିଷ ମୋବାଇଲ୍‌ରେ କୋଟି କୋଟି ଟଙ୍କାର କାରବାର ସହ ଜୀବନକୁ ସହଜ ଓ ସରଳ କରିପାରିଛି। ମାତ୍ର ପ୍ରତି ମୁହୂର୍ତ୍ତରେ ମଣିଷର ମୋବାଇଲ୍‌ରେ ଥିବା ପ୍ରତିଟି ତଥ୍ୟ ଉପରେ କେହି ଜଣେ ନଜର ରଖୁଛି। ଆଉ ସୁଯୋଗ ଦେଖି ତା'ର ତଥ୍ୟ, ଟଙ୍କା ସବୁ କିଛି ଲୁଟି ଚାଲିଛି। ସେମାନଙ୍କୁ ସରଳ ଭାଷାରେ କୁହାଯାଏ 'ସାଇବର୍ ଠକ' ବା 'ସାଇବର୍ ଅପରାଧୀ'। ଯେଉଁମାନେ କ୍ଷଣକରେ କରିଚାଲିଛନ୍ତି ସାଇବର୍ ଠକେଇ। ସାଧାରଣ ମଣିଷ କେତେବେଳେ ଏହାର ଶିକାର ହେଉଛି, ସେ ନିଜେ ବି ଜାଣି ପାରୁନାହିଁ। ତେବେ କେମିତି ରୋକାଯାଇ ପାରିବ ଏହି ସାଇବର୍ ଠକେଇ ଓ ଅପରାଧକୁ। ଏ ସଂପର୍କରେ ସୂଚନା ଦେଇଛନ୍ତି ଯୁକ୍ତରାଷ୍ଟ୍ର ଆମେରିକାର ପ୍ରଯୁକ୍ତି ବିଦ୍ୟା କମ୍ପାନୀ ଡାଟା ସେଫ୍ ଗାର୍ଡର ସହ ପ୍ରତିଷ୍ଠାତା ଡକ୍ଟର ଦାମୋଦର ସାହୁ। ନିକଟରେ ଡାଟା ସେଫଗାର୍ଡର ତୃତୀୟ ଶାଖା ଲୋକାର୍ପଣ ଅବସରରେ ଭୁବନେଶ୍ୱର ଗସ୍ତରେ ଆସିଥିବା ଡ.ସାହୁଙ୍କ ସହ ଦୈନିକ 'ସକାଳ' ପକ୍ଷରୁ ନିଆଯାଇଥିବା ଆଳାପର ଏକ କିୟଦଂଶ।**

–ସାକ୍ଷାତ: ମାନସ ରଞ୍ଜନ



**ସାଇବର୍ କ୍ରାଇମ୍ ବା ସାଇବର ଠକେଇ କାହିଁକି ବଢ଼ି ଚାଲିଛି?**

—ସାଇବର୍ ଦୁନିଆରେ ଦୁଇ ପ୍ରକାର ଅପରାଧ ଅଛି,ଗୋଟିଏ ହେଉଛି ସାଇବର କ୍ରାଇମ୍ ଓ ଅନ୍ୟଟି ଫାଇନାନ୍ସିଆଲ୍ କ୍ରାଇମ୍। ସାଇବର୍ ଠକେଇ ହିଁ ଫାଇନାନ୍ସିଆଲ୍ କ୍ରାଇମ୍‌କୁ ଅଧିକ ବୃଦ୍ଧି କରିବାରେ ସହାୟତା କରେ। ଲୋକେ କେମିତି ସହଜରେ କୋଟି କୋଟି ଟଙ୍କା ରୋଜଗାର କରିବେ, ତାହାକୁ ଦୃଷ୍ଟିରେ ରଖି ଏହି ଜଘନ୍ୟ କାମ କରନ୍ତି। ସାଧାରଣ ଲୋକଟିଏ ସହଜରେ ଏହାର ମାୟାଜାଲରେ ଛନ୍ଦି ହୋଇଯାଏ।

**ସାଧାରଣ ମଣିଷଟିଏ ସାଇବର ଠକେଇରୁ କେମିତି ବର୍ତ୍ତି ପାରିବ?**

—ସାଇବର୍ ଅପରାଧୀମାନେ ବେଶ୍ ଚାଲାକ୍ ଥାଆନ୍ତି। ପ୍ରତି ମୁହୂର୍ତ୍ତରେ ସେମାନେ ଆମର ପ୍ରତିଟି କାର୍ଯ୍ୟକଳାପ ଉପରେ ନଜର ରଖିଥାନ୍ତି। ମୋବାଇଲ୍ ତଥା କମ୍ପ୍ୟୁଟରକୁ ସେମାନେ ବିଭିନ୍ନ ଲିଙ୍କ୍ ପଠାଇ ଥାଆନ୍ତି। ଯାହାକୁ ଆମେ ଅଣଦେଖା କରିବାର ଆବଶ୍ୟକତା ରହିଛି। ସାଇବର୍ ଅପରାଧୀ ଇମେଲ୍ ମାଧ୍ୟମରେ ମଧ୍ୟ ଉଚ୍ଚଶିକ୍ଷିତ ଲୋକଙ୍କୁ ଚକମା ଦେଇ କୋଟି କୋଟି ଟଙ୍କାର ଠକେଇ କେଇ ମିନିଟ୍‌ରେ କରି ପାରନ୍ତି। ସମୟ ଥାଉ ଥାଉ ସେସବୁ ପ୍ରତି ଆମକୁ ଯତ୍ନବାନ ହେବାର ନିହାତି ଆବଶ୍ୟକ।

**ସାଇବର୍ ଦୁନିଆରେ ଫିସିଂ ଆଟେକ୍ କ'ଣ?**

—ସାଇବର୍ ଅପରାଧୀମାନେ ସାଧାରଣ ଲୋକଙ୍କୁ ବିଭିନ୍ନ ସମୟରେ ସମାନ ଡୋମେନ୍ ବ୍ୟବହାର କରି ଲୁଟିଥାନ୍ତି। ଯାହାକି ସାଧାରଣ ଲୋକଟିଏ ସହଜରେ ବୁଝି ପାରେନି। ତା'କୁ ତାହା ବାସ୍ତବ ଭଳି ପ୍ରତୀୟମାନ ହୁଏ। ଉଦାହରଣ ସ୍ୱରୂପ, ଡୋମେନର ବ୍ୟବହାର କରି ଜଣେ ସାଇବର୍ ଅପରାଧୀ ଏସ୍ ବିଆଇ ବ୍ୟାଙ୍କ୍ ଭଳି ସମାନ ଧରଣର ଲିଙ୍କ୍ ତିଆରି କରି ଜଣକୁ ଓଟିପି ପଠାଇଥାଏ । ତାହାକୁ ଜଣେ ବ୍ୟାଙ୍କରୁ ଆସିଥିବା ଓଟିପି ଭାବି ଲିଙ୍କକୁ କ୍ଲିକ୍ କଲେ ସେ ଠକେଇର ଶିକାର ହୁଏ। କଲ୍ ମାଧ୍ୟମରେ ମଧ୍ୟ ଲଟେରି ଓ ଅନ୍ୟ ଉପାୟ ଆପଣାଇ ଲୋକଙ୍କୁ ସେମାନେ ଠକନ୍ତି। ଯଦି କେହି ଏଭଳି ଠକେଇରେ ଶିକାର ହେଉଛନ୍ତି, ତୁରନ୍ତ ବ୍ୟାଙ୍କ୍ କିମ୍ବା ସାଇବର୍ ଥାନାକୁ ଜଣାନ୍ତୁ।

**ସାଧାରଣ ଲୋକଟିଏ ପାଇଁ ସିନ୍ଥେଟିକ୍ ଫ୍ରଡ୍ କହିଲେ କ'ଣ ବୁଝାପଡ଼େ ?**

—ଅସଲି ତଥ୍ୟ ସହ ସାଇବର୍ ଠକ ନକଲି ଆଇଡି ତିଆରି କରିଥାଏ। ଯାହା ବାସ୍ତବ ପରି ଲାଗେ। ଧରାଯାଉ, ଜଣକ ନାମ ଗୋପାଳ। ଏହି ନାମରେ ସାଇବର୍ ଠକ ଗୋଟିଏ ଏମିତି ଆଇଡି ତିଆରି କରିବ, ଯାହାର ତଥ୍ୟ ସତ୍ୟ ଥିବ କିନ୍ତୁ ଆଇଡି ନକଲି ହୋଇଥିବ। କୃତ୍ରିମ ବୁଦ୍ଧିମତ୍ତାର ଉପଯୋଗ କରି ସେମାନେ ଏଭଳି ଉପାୟ ଆପଣାଇ ବ୍ୟାଙ୍କ୍, ଫାଇନାନ୍ସ, ସରକାର ତଥା ଅନ୍ୟ ସଂସ୍ଥାଠୁ କୋଟି କୋଟି ଟଙ୍କା ଲୁଟି ନିଅନ୍ତି। ଯାହା ଆମେ ଜାଣି ପାରି ନଥାଉ। ସାର୍ବଜନୀନ ସ୍ଥାନରେ ସେଥିପାଇଁ ଆମେ ଆମର ଆଧାର କାର୍ଡ, ପାନ କାର୍ଡକୁ ମଧ୍ୟ ଜଗିକି ବ୍ୟବହାର କରିବା ଉଚିତ। ଭାରତରେ ସବୁ ବ୍ୟାଙ୍କକୁ ମିଶାଇ ପ୍ରତିଦିନ ପ୍ରାୟ ୧ ହଜାର କୋଟି ଟଙ୍କାର ଏଭଳି ଫାଇନାନ୍ସିଆଲ୍ କ୍ରାଇମ ଦେଖିବାକୁ ମିଳିଥାଏ।

**ବହୁ ଉଚ୍ଚ ଶିକ୍ଷିତ ଓ ପ୍ରତିଷ୍ଠିତ ବ୍ୟକ୍ତିମାନେ ମଧ୍ୟ ସାଇବର୍ କ୍ରାଇମର ମାୟାଜାଲରେ କିଭଳି ପଡ଼ିଯାଆନ୍ତି?**

—ନିଶ୍ଚିତ ଭାବରେ, ସାଇବର୍ ଅପରାଧୀମାନେ ଲୋକଙ୍କ ମାନସିକତାକୁ ଯାଞ୍ଚ୍ କରି ସେମାନଙ୍କ ସହ ଖେଳନ୍ତି। ବିଶେଷକରି ସେମାନେ ବରିଷ୍ଠ ନାଗରିକଙ୍କୁ ନିଜ ଜାଲରେ ଫସାଇବା ପାଇଁ ଭିନ୍ନ ଭିନ୍ନ ଉପାୟ ଆପଣାଇ ଥାଆନ୍ତି। ପ୍ରତି ମୁହୂର୍ତ୍ତରେ ସେମାନେ ଉଚ୍ଚ ପଦପଦବିରେ ଥିବା ସମ୍ଭ୍ରାନ୍ତ ବ୍ୟକ୍ତିବିଶେଷଙ୍କ ସାମାଜିକ ବା ସୋସିଆଲ୍ ପ୍ରୋଫାଇଲ୍‌କୁ ଦେଖୁଥାନ୍ତି। ସୁଯୋଗ ଓ ସମୟ ଦେଖି ସେମାନଙ୍କୁ ଭୟଭୀତ ଓ ବିଚଳିତ କରି ଅନେକ ଉପାୟରେ ସେମାନଙ୍କଠୁ ବହୁ ଟଙ୍କା ଲୁଟି ନିଅନ୍ତି। ବ୍ୟକ୍ତି ମଧ୍ୟ ନିଜର ସମ୍ମାନ ଓ ପ୍ରତିଷ୍ଠାକୁ ଦୃଷ୍ଟିରେ ରଖି ସେମାନଙ୍କ କଥାକୁ ସତ୍ୟ ଭାବି ନିଏ। ଫଳରେ ସାଇବର୍ ଠକେଇର ଶିକାର ହୁଏ। ଆମେ ବିଚଳିତ ନ ହୋଇ ସତର୍କତାର ସହ ସେମାନଙ୍କ ସାମ୍ନା କରିବାର ଆବଶ୍ୟକତା ରହିଛି।

**ଆପଣ ଯୁକ୍ତରାଷ୍ଟ୍ର ଆମେରିକାର ଡାଟା ସେଫ୍ ଗାର୍ଡ ଭଳି ପ୍ରଯୁକ୍ତି ବିଦ୍ୟା କମ୍ପାନୀର ସହ-ପ୍ରତିଷ୍ଠାତା। ଆମେରିକା ଓ ଆମ ଦେଶ ତଥା ରାଜ୍ୟରେ ସାଇବର୍ ଅପରାଧକୁ ନେଇ କ'ଣ ପ୍ରଭେଦ ରହିଛି?**

—ସାଇବର କ୍ରାଇମ୍ ବିଶ୍ୱସ୍ତରରେ ହେଉଛି। ବିଶେଷ କରି ଆମେରିକାରେ ୯୦ ପ୍ରତିଶତରୁ ଅଧିକ ସାଇବର୍ ଠକେଇ ସ୍ୱାସ୍ଥ୍ୟ କ୍ଷେତ୍ରରେ ହୋଇଥାଏ। ତା' ସହ ବ୍ୟବସାୟ ଓ ଅନନ୍ୟା କ୍ଷେତ୍ର ମଧ୍ୟ ଏଥିରେ ସଂପୃକ୍ତ। ଆମେରିକାରେ ସାଇବର୍ କ୍ରାଇମ୍ କୁ ରୋକିବା ପାଇଁ ଆଇନ ଆଗରୁ ଅଛି, ଯାହା ଭାରତରେ ବହୁତ ଶୀଘ୍ର କାର୍ଯ୍ୟକାରୀ ହେବାକୁ ଯାଉଛି। ସେଠି ବି ଠକେଇ ହେଉଛି ଆଉ ଭାରତ ତଥା ଓଡ଼ିଶାରେ ବି। କିନ୍ତୁ ଆମେରିକାର ଲୋକେ ଆମ ଅପେକ୍ଷା କିଛି ମାତ୍ରାରେ ଅଧିକ ସଚେତନ ଅଛନ୍ତି। ଆମେ ଆମର ସାମାଜିକ ସମ୍ମାନକୁ ଦୃଷ୍ଟିରେ ରଖି ସାଇବର ଅପରାଧୀଙ୍କ ନାମରେ ରିପୋର୍ଟ କରୁ ନାହୁଁ। ଯାହା ଦୁଃଖର ବିଷୟ।

**ସାଇବର୍ କ୍ରାଇମ୍‌ଠୁ ଦୂରେଇ ରହିବା ପାଇଁ ପ୍ରଯୁକ୍ତିବିଦ୍ୟାର ଆବଶ୍ୟକତା ବେଶୀ ରହିଛି ନା ସଚେତନତାର?**

—ଉଭୟର ଆବଶ୍ୟକତା ରହିଛି। ପ୍ରଥମେ ସଚେତନତା ଦରକାର। ଲୋକେ ଅଧିକରୁ ଅଧିକ ସତର୍କ ରୁହନ୍ତୁ। ତା'ସହ ପ୍ରଯୁକ୍ତିବିଦ୍ୟାର ଆବଶ୍ୟକତା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇଥାଏ। ଯଦି ଜଣେ ସଚେତନ ରହିବ ତା'ହେଲେ ତାକୁ ବୈଷୟିକ ଜ୍ଞାନକୌଶଳର ଦରକାର ନାହିଁ। ଆଉ ଯଦି ଜଣେ ସଚେତନ ନ ହେଲା, ତେବେ ଆମ ଭଳି ଲୋକେ ଡାଟା ସେଫ୍ ଗାର୍ଡ ପ୍ରଯୁକ୍ତିବିଦ୍ୟା କମ୍ପାନି ମାଧ୍ୟମରେ ତାହାକୁ କମ୍ କିମ୍ବା ଜିରୋ କରିବା ଦିଗରେ କାର୍ଯ୍ୟ କରୁ। ଉଭୟ ଗୋଟିଏ ମୁଦ୍ରାର ଦୁଇ ପାର୍ଶ୍ୱ ସଦୃଶ।

# ଜେଲ୍ ବିଭାଗରେ ସାମିଲ ହେଉଛି ଅତ୍ୟାଧୁନିକ ଟେକ୍ନୋଲୋଜି

**ଭୁବନେଶ୍ୱର, ୨୫ ।୨(ସମିସ):** ଜେଲ୍ ବିଭାଗରେ ୫ଟି'ଲାଗୁ ହେବା ପରେ ଜେଲ୍ ବିଭାଗ ଅତ୍ୟାଧୁନି ଟେକ୍ନୋଲୋଜିକୁ ଆପଣାଇଛି। ଏବେ ୮୬ଟି ଜେଲ୍‌ରେ ଭିସି(ଭିଡିଓ କନ୍‌ଫରେନ୍ସ) ବ୍ୟବସ୍ଥା ଥିବା ବେଳେ ୮୬ଟି ଜେଲ୍‌ରେ ସିସିଟିଭି କ୍ୟାମେରା ଲାଗିଛି। ଭିଜି ବ୍ୟବସ୍ଥା ମାଧ୍ୟମରେ କଏଦୀମାନେ ଆଉ ଜେଲ୍‌କୁ ଯିବାକୁ ପଡୁନି। ସେମାନେ ଭିସି ମାଧ୍ୟମରେ କୋର୍ଟରେ ହାଜର ହୋଇପାରୁଛନ୍ତି। ସେହିପରି

- ୮୬ ଜେଲ୍‌ରେ ଭିସି, ସିସିଟିଭି ବ୍ୟବସ୍ଥା
- ୩୦ଜେଲ୍‌ରେ ମେଟାଲ ଡିଟେକ୍ଟର ମେସିନ୍
- ୮୭ଜେଲ୍‌ରେ ବାୟୋମେଟ୍ରିକ୍ ଫ୍ରିଙ୍ଗରପ୍ରିଣ୍ଟ ସ୍କାନର

୮୭ଟି ଜେଲ୍‌ରେ ୱାକିଟକି ବ୍ୟବସ୍ଥା ରହିଥିବା ବେଳେ ୩୦ଟି ଜେଲ୍‌ରେ ମେଟାଲ ଡିଟେକ୍ଟର ମେସିନ୍ ବ୍ୟବସ୍ଥା। ବ୍ୟାଗ୍ ସ୍କାନର ୨୯ଟି ଜେଲ୍‌ରେ ଥିବା ବେଳେ ହାତରେ ଧରି ଯାଞ୍ଚ କରାଯାଉଥିବା ମେଟାଲ ଡିଟେକ୍ଟର ୮୭ଟି ଜେଲ୍‌ରେ ରହିଛି। ସେହିପରି ୫୧ଟି ଜେଲ୍‌ରେ ଗେଟ୍ ଦ୍ୱାରରେ ଥିବା ମେଟାଲ ଡିଟେକ୍ଟର ବ୍ୟବସ୍ଥା ରହିଛି। ମେଟାଲ ଡିଟେକ୍ଟର ବ୍ୟବସ୍ଥା ରହିବା ଦ୍ୱାରା ଜେଲ୍ ଭିତରକୁ ନିଶା ଦ୍ରବ୍ୟ, ମାଦକ ଦ୍ରବ୍ୟ ଏବଂ ମୋବାଇଲ୍ ଯାଇପାରିବ ନାହିଁ। ଯେଉଁଥି ପାଇଁ ଜେଲ୍ ଭିତରେ ସୈଖିକ ବାତାବରଣ ବଜାଇ ରହୁଛି। ସେହିପରି ୨୦ଟି ଜେଲ୍‌ରେ ବଡି କ୍ୟାମେରା ରହିଛି। ଆହୁରି ମଧ୍ୟ ୨୦ଟି ଜେଲ୍‌ରେ କମ୍ପୋଷ୍ଟ ମେସିନ୍ ରହିଥିବା ବେଳେ ୮୭ଟି ଜେଲ୍‌ରେ ଭାକ୍ୟୁମ୍ କ୍ଲିନ୍‌ର ରହିଛି। ସେହିପରି ୨୦ଟି ଜେଲ୍‌ରେ ଚଟାଣ ସଫା କରିବା ମେସିନ୍, ୨୦ଟି ଜେଲ୍ କପଡ଼ା ସଫା କରିବା ମେସିନ୍ ବ୍ୟବସ୍ଥା ରହିଛି। ୮୬ଟି ଜେଲ୍‌ରେ ଇ-ମୁଲାକାତ୍ ବ୍ୟବସ୍ଥା ଥିବା ବେଳେ ୮୬ଟି ଜେଲ୍‌ରେ ୧୮୧ଟି ବାୟୋମେଟ୍ରିକ୍ ଫିଙ୍ଗରପ୍ରିଣ୍ଟ ସ୍କାନର ରହିଛି। ୪୦ଟି ୫୬ଟି ଜେଲ୍‌ରେ କିଓସ୍କୋ ମେସିନ୍ ଥିବା ବେଳେ ୮୭ଟି ଜେଲ୍‌ରେ ଲାପଟପ୍ ବ୍ୟବସ୍ଥା ରହିଛି। ୮୭ଟି ଜେଲ୍‌ରେ କମ୍ପ୍ୟୁଟର ଥିବା ବେଳେ ୨ଟି ଜେଲ୍‌ରେ ପ୍ରିଜନ୍ କଲିଂ ସିଷ୍ଟମ ବ୍ୟବସ୍ଥା କରାଯାଇଥିବା ବେଳେ ୪୨ଟି ଜେଲ୍‌ରେ ୫୦ଟି ଇ-ରିକ୍ସା ବ୍ୟବସ୍ଥା ଥିବା ବେଳେ ୨୨ଟି ଜେଲ୍‌ରେ ଜେଲ୍ ଘଣା ମେସିନ୍ କରାଯାଇଛି। ଜେଲ୍ ବିଭାଗ ଆହୁରି ଅନେକ ଅତ୍ୟାଧୁନିକ ବ୍ୟବସ୍ଥା କରାଯିବାର ଯୋଜନା କରାଯାଇଛି। ଏହି ସବୁ ବ୍ୟବସ୍ଥା କରାଯିବା ପରେ କଏଦୀମାନେ ଉପକୃତ ହେଉଛନ୍ତି।

### ମହଙ୍ଗା ପଡ଼ିଲା ଅନୈତିକ ଉପାୟରେ କପିକୁ ସହଯୋଗ

# ପରୀକ୍ଷା କାର୍ଯ୍ୟରୁ ବହିଷ୍କୃତ ହେଲେ ୩ ଶିକ୍ଷକ

**ବାଲେଶ୍ୱର, ୨୫।୨ (ସମିସ) :** ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଅନ୍ତର୍ଗତ ହରିଦାସପୁର ନରେନ୍ଦ୍ର ନାଥ ସରକାରୀ ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ଅନୈତିକ ଉପାୟରେ କପିକୁ ସହଯୋଗ କରିବା ମହଙ୍ଗା ପଡ଼ିଛି। ରବିବାର 'ସକାଳ'ରେ ଖବର ପ୍ରକାଶ ପରେ ବୋର୍ଡ ନିର୍ଦ୍ଦେଶରେ ରାତାରାତି ତଦନ୍ତ କରାଯାଇ ପରୀକ୍ଷା କେନ୍ଦ୍ର ପରିସରସ୍ଥ ପୁରୁଣା ଛାତ୍ରାବାସରେ ରହୁଥିବା ସେହି ସ୍କୁଲର ଜନୈକ ଶିକ୍ଷକ ତଥା ପରୀକ୍ଷା ନିରୀକ୍ଷକ ମନୋଜ କୁମାର ସାହୁଙ୍କ ସମେତ ଅନ୍ୟ ଦୁଇ ଜଣ ଭୋକେସନାଲ ଶିକ୍ଷକଙ୍କୁ ତୁରନ୍ତ ଛାତ୍ରାବାସ ଛାଡ଼ିବା ପାଇଁ ନିର୍ଦ୍ଦେଶ ଦିଆଯିବା ସହିତ ସେମାନଙ୍କୁ ଅବଶିଷ୍ଟ ପରୀକ୍ଷା କାର୍ଯ୍ୟରୁ ବହିଷ୍କୃତ କରାଯାଇଛି।

ପ୍ରକାଶ ଯେ, ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଅନ୍ତର୍ଗତ ହରିଦାସପୁର ନରେନ୍ଦ୍ର ନାଥ ସରକାରୀ ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ କେତେକ ଶିକ୍ଷକ କପିକୁ ସହଯୋଗ କରୁଥିବା ନେଇ ଅଭିଯୋଗ ହୋଇଥିଲା। ଶୁକ୍ରବାର ବିଳମ୍ବିତ ରାତିରେ ରାତ୍ରି ଜଗୁଆଳ ପ୍ରଦୀପ କୁମାର ରାଉଳଙ୍କ ସହଯୋଗରେ ନିଜ ସ୍କୁଲର ପରୀକ୍ଷାର୍ଥୀଙ୍କୁ କପି ଯୋଗାଇ ଦେବାରେ ସହଯୋଗ କରିବା ପାଇଁ କୁଳିଦା ଉଚ୍ଚ ବିଦ୍ୟାଳୟର ତିନି ଜଣ ଶିକ୍ଷକ ବେଆଇନ ଭାବେ ଏହି କେନ୍ଦ୍ରକୁ ପ୍ରବେଶ କରି ପରୀକ୍ଷା କେନ୍ଦ୍ର ପରିସରସ୍ଥ ପୁରୁଣା ଛାତ୍ରାବାସରେ ରହୁଥିବା ସେହି ସ୍କୁଲର ଜନୈକ ଶିକ୍ଷକ ତଥା ପରୀକ୍ଷା ନିରୀକ୍ଷକ ମନୋଜ କୁମାର ସାହୁଙ୍କୁ ନିଶା ଦ୍ରବ୍ୟ ଓ ଖାଦ୍ୟ ଯୋଗାଇ ଦେଇ ପ୍ରଭାବିତ କରିଥିବା ଅଭିଯୋଗ ହୋଇଥିଲା। ସ୍ଥାନୀୟ ୱାର୍ଡସଭ୍ୟ ସପନ କୁମାର ଦାସଙ୍କ ସମେତ କିଛି ଯୁବକ ମୋବାଇଲରେ ଏହାର ଭିଡିଓ ଉତ୍ତୋଳନ କରିବା ସହିତ ଜାଣିପାରି ଘେରଉ କରିଥିଲେ। ଫଳରେ ବେଆଇନ ଭାବେ ପ୍ରବେଶ କରିଥିବା ଶିକ୍ଷକ ମାନଙ୍କୁ ସମ୍ପୃକ୍ତ ପରୀକ୍ଷା ନୀରିକ୍ଷକ ଶ୍ରୀ ସାହୁ ସ୍କୁଲ ପଛପଟେ ଥିବା କଣ୍ଟା ବାଡ ଭାଙ୍ଗି ବାହାରକୁ ପଠାଇ ଦେଇଥିଲେ। ଏନେଇ ଗ୍ରାମବାସୀ ମାନେ ଶୁକ୍ରବାର ରାତିରୁ ସ୍କୁଲ ଫାଟକରେ ତାଲା ବନ୍ଦ କରି ରଖିଥିଲେ। ଫଳରେ ଶନିବାର ସକାଳେ ସ୍କୁଲକୁ ଆସିଥିବା ଶିକ୍ଷକ ଶିକ୍ଷୟିତ୍ରୀମାନେ ଦୀର୍ଘ ୩ ଘଣ୍ଟା ଧରି ମୁଖ୍ୟ ଫାଟକ ସମ୍ମୁଖ ରାସ୍ତାରେ ଛିଡ଼ା ହୋଇ ରହିଥିଲେ। ଏ ନେଇ ରବିବାର 'ସକାଳ' ଖବରକାଗଜରେ ଖବର ପ୍ରକାଶ ପାଇବା ପରେ ବୋର୍ଡ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ବୋର୍ଡ ନିର୍ଦ୍ଦେଶରେ ରବିବାର ରାତିରେ ଜିଲ୍ଲା ବିଜ୍ଞାନ ପରିଦର୍ଶକ ହରେନ୍ଦ୍ର ମହାନ୍ତ ଏବଂ ଭୋଗରାଇ ବିଇଓ କମଳଲୋଚନ ବିଶ୍ୱାଳ ସମ୍ପୃକ୍ତ ପରୀକ୍ଷା କେନ୍ଦ୍ରରେ ପହଞ୍ଚି ସୁପରିଣ୍ଟେଣ୍ଡେଣ୍ଟ ତଥା ସ୍କୁଲର ପ୍ରଧାନ ଶିକ୍ଷକ ଦେବାଶିଷ ପଟ୍ଟନାୟକଙ୍କ ଉପସ୍ଥିତିରେ ଘଟଣାର ତଦନ୍ତ କରିଥିଲେ। ଶ୍ରୀ ପଟ୍ଟନାୟକ ଘଟଣା ସମ୍ପର୍କରେ ଲିଖିତ ରିପୋର୍ଟ ପ୍ରଦାନ କରିଛନ୍ତି। ଏହାକୁ ନେଇ ବିଇଓ ଶ୍ରୀ ବିଶ୍ୱାଳ ଏବଂ ଜିଲ୍ଲା ବିଜ୍ଞାନ ପରିଦର୍ଶକ ହରେନ୍ଦ୍ର ମହାନ୍ତ ଏକ ରିପୋର୍ଟ ପ୍ରସ୍ତୁତ କରି ଜିଲ୍ଲା ଶିକ୍ଷାଧିକାରୀ ପ୍ରତିଭାମଞ୍ଜରୀ ଦାସଙ୍କୁ ପ୍ରଦାନ କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ଏହି ପରୀକ୍ଷା କେନ୍ଦ୍ର ପରିସରସ୍ଥ ପୁରୁଣା ଛାତ୍ରାବାସରେ ରହୁଥିବା ସମ୍ପୃକ୍ତ ଶିକ୍ଷକ ତଥା ପରୀକ୍ଷା ନିରୀକ୍ଷକ ମନୋଜ କୁମାର ସାହୁ ଏବଂ ଅନ୍ୟ ଦୁଇ ଜଣ ଭୋକେସନାଲ ଶିକ୍ଷକ ଜ୍ୟୋତିରଞ୍ଜନ ମହାନ୍ତି ଓ ସତ୍ୟରଞ୍ଜନ ପ୍ରଧାନଙ୍କୁ ତୁରନ୍ତ ଏହି ଛାତ୍ରାବାସ ଖାଲି କରିବା ପାଇଁ ନିର୍ଦ୍ଦେଶ ଦିଆଯିବା ସହିତ ସେମାନଙ୍କୁ ପରୀକ୍ଷା କାର୍ଯ୍ୟରୁ ବହିଷ୍କୃତ କରାଯାଇଛି। ସୋମବାର ବୋର୍ଡ ପକ୍ଷରୁ ଏହି ପରୀକ୍ଷା କେନ୍ଦ୍ର ଏବଂ ସୁପରିଣ୍ଟେଣ୍ଡେଣ୍ଟଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୂଚନା ମିଳିଛି।

### ଗୁରୁଜୀ ଡଃ ଚନ୍ଦ୍ରଭାନୁ ଶତପଥୀଙ୍କ ଦ୍ୱାରା ହରିଆନାର ଗୁରୁଗ୍ରାମରେ ଶ୍ରୀଗୁରୁ ଭାଗବତ ଟୁଙ୍ଗୀ ଉଦ୍‌ଘାଟିତ

# ଶ୍ରୀଗୁରୁ ଭାଗବତ ଜାତି, ଧର୍ମ, ସମ୍ପ୍ରଦାୟର ଊର୍ଦ୍ଧ୍ୱରେ : ଗୁରୁଜୀ

**ଭୁବନେଶ୍ୱର,୨୫ ।୨(ସମିସ):** ହରିଆନାର ଗୁରୁଗ୍ରାମସ୍ଥିତ 'ସାଇ କା ଆଙ୍ଗନ' ପରିସରରେ ଗୁରୁଜୀ ଡଃ ଚନ୍ଦ୍ରଭାନୁ ଶତପଥୀଙ୍କ କରକମଳରେ ନବନିର୍ମିତ ଶ୍ରୀଗୁରୁ ଭାଗବତ ଟୁଙ୍ଗୀ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଉଦ୍‌ବୋଧନ ଦେଇ ଗୁରୁଜୀ କହିଲେ ଯେ ଗୁରୁ ଭାଗବତ ଏକ ଭାବ ପ୍ରଧାନ ଗ୍ରନ୍ଥ। ଜାତି, ଧର୍ମ ଓ ସମ୍ପ୍ରଦାୟ ଭିତରେ ଏଥିରେ କୌଣସି ପ୍ରଭେଦ ନାହିଁ। ଜଣେ ଭକ୍ତ, ଯେଉଁ ପରମ୍ପରା



ବା ଧର୍ମର ହୋଇଥାଉନା କାହିଁକି ସେ ଭକ୍ତ। ଗୁରୁଙ୍କ ପ୍ରତି ଆକର୍ଷଣ ସ୍ୱତଃସ୍ଫୂର୍ତ୍ତ, ଏହା ବ୍ୟକ୍ତିକୃତ ବିଷୟ ନୁହେଁ। ଗୁରୁ ଭକ୍ତି ଭାବ ପ୍ରଧାନ, ବୁଦ୍ଧି ତାକୁ ସହାୟତା କରିଥାଏ। କିନ୍ତୁ ଏହାର ବିପରୀତ ସ୍ଥିତି କୌଣସି ଫଳ ଦିଏ ନାହିଁ। ପ୍ରେମ ଓ ଭକ୍ତି ଦ୍ୱାରା ଗୁରୁ ଓ ଈଶ୍ୱର ପ୍ରାପ୍ତି ସହଜ ହୋଇଥାଏ। ମୃତ୍ୟୁବିଦ୍ୟାଠାରୁ ଆରମ୍ଭକରି ଅନେକ ସାରଗର୍ଭକ ବିଷୟ ଗୁରୁ ଭାଗବତରେ ରହିଛି, ସେସବୁ ଲୋକଙ୍କୁ ସହାୟତା କଲେ ସେ ଖୁସି ହେବେ ବୋଲି ଗୁରୁଜୀ କହିଥିଲେ। ଏହାକୁ ମିଶାଇ ଓଡ଼ିଶା ବାହାରେ ବହୁ ରାଜ୍ୟରେ ଶ୍ରୀଗୁରୁ ଭାଗବତ ଟୁଙ୍ଗୀ ପ୍ରତିଷ୍ଠା ହୋଇସାରିଲାଣି। ଓଡ଼ିଶାରେ ପ୍ରାଚୀନକାଳରୁ ଟୁଙ୍ଗୀ ପରମ୍ପରା ଏକ ଧାର୍ମିକ, ସାଂସ୍କୃତିକ ଓ ସାହିତ୍ୟିକ ମିଳନ, ଆଲୋଚନା ତଥା ପଠନର କେନ୍ଦ୍ର ଭାବେ ରହିଆସିଛି। ପ୍ରାରମ୍ଭରେ ବେଦବିତ୍ ପଣ୍ଡିତମାନଙ୍କ ଦ୍ୱାରା ଗୁରୁଜୀଙ୍କ ପାବନ ଉପସ୍ଥିତିରେ ପାରମ୍ପରିକ ରୀତିରେ ହୋମ ଓ ପୂଜା କର୍ମ ପରେ ଗୁରୁଜୀ ଟୁଙ୍ଗୀକୁ ଉଦ୍‌ଘାଟନ କରିଥିଲେ। ଶ୍ରୀଗୁରୁ ଭାଗବତ ଅନୁବାଦ ହୋଇଥିବା ଅଠରଟି ଭାଷାର ଭକ୍ତ ଓ ପାଠକମାନେ ନିଜ ନିଜ ଅଞ୍ଚଳର ପୋଷାକ ପରିପାଟୀରେ ନିଜ ଭାଷାରେ ଶ୍ରୀଗୁରୁ ଭାଗବତ ଗ୍ରନ୍ଥକୁ ଧାରଣ କରି ଉତ୍ସବର ଶୋଭାମଣ୍ଡନ କରିଥିଲେ। ଏ ସମସ୍ତେ ମୂଳ ଓଡ଼ିଆ ଭାଷାରେ ଶ୍ରୀଗୁରୁ ଭାଗବତ ଗାୟନ କରିବା ଏହି ପବିତ୍ର ଗ୍ରନ୍ଥ, ଏହାର ଲେଖକ ଗୁରୁଜୀ ଡଃ ଚନ୍ଦ୍ରଭାନୁ ଶତପଥୀ ଏବଂ ଓଡ଼ିଆ ଭାଷାର ସର୍ବଜନ ଗ୍ରହଣୀୟତାକୁ ପ୍ରତିପାଦିତ କରିଥିଲା। ଭାରତର ବିଭିନ୍ନ ପ୍ରାନ୍ତ ଓ ବିଦେଶରୁ ପ୍ରାୟ୨୫୦ରୁ ଊର୍ଦ୍ଧ୍ୱ ଭକ୍ତ ଏଥିରେ ଯୋଗଦେଇଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଗୁରୁଜୀ ଡଃ ଚନ୍ଦ୍ରଭାନୁ ଶତପଥୀ ହିନ୍ଦୀ, ଇଂରାଜୀ ଓ ଓଡ଼ିଆ ଭାଷାରେ ୬୮ ଖଣ୍ଡ ପୁସ୍ତକ ରଚନା କରିଛନ୍ତି। ଏହା ମଧ୍ୟରେ ତାଙ୍କର ପ୍ରସିଦ୍ଧ କାବ୍ୟଗ୍ରନ୍ଥ ଶ୍ରୀଗୁରୁ ଭାଗବତ ଇଂରାଜୀ ସମେତ ୧୮ଟି ଭାଷାରେ ପ୍ରକାଶିତ ହୋଇଛି। ଜର୍ମାନ ଓ ଚୀନ ଭାଷାରେ ଏହାର ଅନୁବାଦ ଚାଲିଛି।

# ଦିବ୍ୟାଙ୍ଗ କଳାକାରଙ୍କୁ ନେଇ ଗଠନ ହେବ ମ୍ୟୁଜିକାଲ ବ୍ୟାଣ୍ଡ

**ଭୁବନେଶ୍ୱର, ୨୫।୨(ସମିସ):** ଦିବ୍ୟାଙ୍ଗ କଳାକାର ମାନଙ୍କୁ ନେଇ ଗଠନ ହେବ ମ୍ୟୁଜିକାଲ ବ୍ୟାଣ୍ଡ। ମୁକ୍ତ ବିଜ୍ଞାପନ ମାଧ୍ୟମରେ ସାରା ରାଜ୍ୟରୁ ପ୍ରତିଭାବାନ୍ ଦିବ୍ୟାଙ୍ଗ କଳାକାର ମାନଙ୍କୁ ଚୟନ କରାଯିବ। କ୍ୟାପିଟାଲ ହସ୍ପିଟାଲ ସ୍ଥିତ ଷ୍ଟେଟ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଡିଜାବିଲିଟି ରିହାବିଲିଟେସନ୍ (ଏସ୍‌ଆଇଡିଆର) ଏବଂ ସଙ୍ଗୀତ ନାଟକ ଏକାଡେମୀ ଆନୁକୂଲ୍ୟରେ ଏହି ମ୍ୟୁଜିକାଲ ବ୍ୟାଣ୍ଡ ଗଠନ କରାଯିବ। ଏ ନେଇ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ (ଏସ୍‌ଏସ୍‌ଇପିଡି) ପକ୍ଷରୁ

**ବିଜ୍ଞାପନ ମାଧ୍ୟମରେ ସମଗ୍ର ରାଜ୍ୟରୁ ଚୟନ କରାଯିବ**

ଏସ୍‌ଆଇଡିଆର ମୁଖ୍ୟ ପରିଚାଳକଙ୍କୁ ପତ୍ର ଲେଖି ପଦକ୍ଷେପ ନେବା ପାଇଁ କୁହାଯାଇଛି। ସୂଚନା ଅନୁସାରେ ଦିବ୍ୟାଙ୍ଗ ବ୍ୟକ୍ତିମାନେ ସାଧାରଣତଃ ବହୁ ପ୍ରତିଭାର ଅଧିକାରୀ। ବିଶେଷକରି ସଙ୍ଗୀତ କ୍ଷେତ୍ରରେ ସେମାନଙ୍କ ନିପୁଣତା ବେଶ୍ ଉଚ୍ଚକୋଟିର। ସାଧାରଣ ମ୍ୟୁଜିକାଲ ବ୍ୟାଣ୍ଡର କଳାକାରଙ୍କ ଭଳି ସେମାନେ ମଧ୍ୟ ହଜାର ହଜାର ଦର୍ଶକ/ଶ୍ରୋତାଙ୍କୁ ମନ୍ତ୍ରମୁଗ୍ଧ କରିବାର କ୍ଷମତା ରଖନ୍ତି। ଏସବୁ କଥା ବିଚାର କରି ଦିବ୍ୟାଙ୍ଗ ମାନଙ୍କୁ ନେଇ ଏକ ମ୍ୟୁଜିକାଲ ବ୍ୟାଣ୍ଡ ଗଠନ ପାଇଁ ନିଷ୍ପତ୍ତି ହୋଇଛି। ଏସ୍‌ଏସ୍‌ଇପିଡି ବିଭାଗର ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଅଧିନରେ ଏହି ବ୍ୟାଣ୍ଡ ଗଠନ କରାଯିବ। ମ୍ୟୁଜିକାଲ ବ୍ୟାଣ୍ଡର ପରିଚାଳନା ଲାଗି ସଙ୍ଗୀତ ନାଟକ ଏକାଡେମୀ ବଜେଟ ପ୍ରସ୍ତୁତ କରି ବିଭାଗ ନିକଟରେ ଦାଖଲ କରିବ। ଏକାଡେମୀର ବିଶେଷଜ୍ଞମାନେ ରାଜ୍ୟର ବିଭିନ୍ନ ଜିଲ୍ଲାର ପ୍ରତିଭାସମ୍ପନ୍ନ ଦିବ୍ୟାଙ୍ଗ କଳାକାରମାନଙ୍କୁ ଚୟନ କରିବେ। ବ୍ୟାଣ୍ଡ ଗଠନ ହେବା ପରେ ସେମାନଙ୍କୁ ନେଇ ବିଭିନ୍ନ କାର୍ଯ୍ୟକ୍ରମରେ ସଙ୍ଗୀତ ପରିବେଷଣ ନିମନ୍ତେ ଏକାଡେମୀ ପଦକ୍ଷେପ ନେବ। ଭଲ ପ୍ରଦର୍ଶନ କଲେ ଏହି ବ୍ୟାଣ୍ଡ ରାଜ୍ୟ ତଥା ଦେଶ ବାହାରେ ବି ପ୍ରଦର୍ଶନ କରିବାର ସୁଯୋଗ ପାଇବେ।

# 'ସମାଜ' ର ନୂତନ ମୁଦ୍ରାକର ଓ ପ୍ରକାଶକ ଭାବେ ଡ ପ୍ରଭାସ ଆଚାର୍ଯ୍ୟଙ୍କ ଦାୟିତ୍ୱ ଗ୍ରହଣ

**ଭୁବନେଶ୍ୱର, ୨୫ ।୨(ସମିସ):** ଓଡ଼ିଶାର ସର୍ବ ପୁରାତନ ତଥା ଉତ୍କଳମଣି ଗୋପବନ୍ଧୁ ଦାସ ଙ୍କ ପ୍ରତିଷ୍ଠିତ ଦୈନିକ ସମ୍ବାଦପତ୍ର 'ସମାଜ 'ର ନୂତନ ମୁଦ୍ରାକର ଓ ପ୍ରକାଶକ ଭାବେ ଲୋକସେବକ ମଣ୍ଡଳର ରାଷ୍ଟ୍ରୀୟ ସମ୍ପାଦକ ଡ ପ୍ରଭାସ ଆଚାର୍ଯ୍ୟ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ଅବସରରେ ଲୋକ ସେବକ ମଣ୍ଡଳ ର ରାଷ୍ଟ୍ରୀୟ ସଭାପତି



ରାଜ କୁମାର ଚୋପ୍ରାଙ୍କ ସମେତ ସମାଜ ର ସଂପାଦକ ଓ ମୁଖ୍ୟ ପରିଚାଳକ, ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଏହି ପୁରାତନ ସମ୍ବାଦପତ୍ର ର ପାଠକୀୟ ବିଶ୍ୱସନୀୟତା ବଜାୟ ରଖିବା ତଥା ଉତ୍କଳମଣି ଙ୍କ ଆଦର୍ଶକୁ ପାଥେୟ କରି କାର୍ଯ୍ୟ ସମ୍ପାଦନ କରିବେ ବୋଲି ଡ ଆଚାର୍ଯ୍ୟ ମ ତ ପୋଷଣ କରିଛନ୍ତି।

# ବିଭୂତି ଭୂଷଣ ପୁହାଣ ରାଉରକେଲା ଯୁବ ବିଜେଡି ସଭାପତି

**ଭୁବନେଶ୍ୱର,୨୫।୨(ସମିସ):** ବିଭୂତି ଭୂଷଣ ପୁହାଣଙ୍କୁ ବିଜୁ ଯୁବ ଜନତା ଦଳର ରାଉରକେଲା ସାଂଗଠନିକ ଜିଲ୍ଲାର ସଭାପତି ନିଯୁକ୍ତ କରାଯାଇଛି। ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଅନୁମୋଦନକ୍ରମେ ଶ୍ରୀ ପୁହାଣଙ୍କୁ ଏହି ଦାୟିତ୍ୱ ମିଳିଛି। ସେହିପରି ଦୁଇ ନେତାଙ୍କୁ ଢ଼େଙ୍କାନାଳରେ ବିଧାନସଭା କ୍ଷେତ୍ରର ସହ ସଂଯୋଜକ ଭାବେ ଦାୟିତ୍ୱ ଦିଆଯାଇଛି। ସଞ୍ଜୟ ସେଠୀ ହିନ୍ଦୋଳ ବିଧାନସଭା କ୍ଷେତ୍ର ଏବଂ ଅମରଜିତ ସେନାପତି ଢ଼େଙ୍କାନାଳ ବିଧାନସଭା କ୍ଷେତ୍ରରେ ସହ ସଂଯୋଜକ ଭାବେ କାର୍ଯ୍ୟ କରିବେ। ବିଜେଡି ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ଦସ୍ତଖତ ସମ୍ବଳିତ ଦଳୀୟ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ଏହି ସୂଚନା ଦିଆଯାଇଛି।

**ସଞ୍ଜୟ ଓ ଅମରଜିତଙ୍କୁ ବିଧାନସଭା କ୍ଷେତ୍ର ଦାୟିତ୍ୱ**

# ଦୁର୍ଘଟଣାରେ ୭ ଆହତ

**ସାନଖେମୁଣ୍ଡି, ୨୫ ।୨(ସମିସ):** ଆସିକା-ଦିଗପହଣ୍ଡି ମୁଖ୍ୟ ରାସ୍ତା ତୁଡ଼ଙ୍ଗପୁର ଗ୍ରାମ ଅଲେଖ ମହିମା ମଠ ନିକଟରେ ଗୋଟିଏ ଅଟୋକୁ ପିକଅପ୍ ଭ୍ୟାନ ଧକ୍କା ଦେବାରୁ ୭ ଜଣ ଆହତ ହେଇଛନ୍ତି। ସୂଚନା ମୁତାବକ ଗାଡ଼ିନଂ (ଓଡ଼ି୦୭ଟି-୭୪୨୭) ରେ କିଛି ଲୋକ ବସି ଦିଗପହଣ୍ଡି ପଦ୍ମନାଭପୁରରୁ ଶେରଗଡ଼ ଅଭିମୁଖେ ଯାଉଥିବା ବେଳେ ଦ୍ରୁତଗତିରେ ଆସୁଥିବା ଏକ ପିକଅପ୍ ଭ୍ୟାନନଂ (ଓଆର୦୭କେ-୩୬୨୩) ଅଟୋକୁ ଧକ୍କା ଦେଇଥିଲା।। ଫଳରେ ଅଟୋଟି ବିଲ ଭିତରକୁ ଚାଲିଯାଇଥିଲା। ଏଥିରେ ୭ ଜଣ ଆହତ ହୋଇଥିଲେ। ସ୍ଥାନୀୟ ଲୋକ ଆହତ ମାନଙ୍କୁ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ।

## ଅବଶିଷ୍ଟାଂଶ...

### ପ୍ରମୋଦଙ୍କୁ ରେକର୍ଡ...

ସ୍ୱର୍ଣ୍ଣ ପଦକ ଜିତିଥିଲେ। ଏଥିସହ ପାରା ବିଶ୍ୱ ବ୍ୟାଡ୍‌ମିଣ୍ଟନ ଚାମ୍ପିଅନସିପ୍‌ରେ ପ୍ରମୋଦଙ୍କ ପଦକ ସଂଖ୍ୟା ୧୪ରେ ପହଞ୍ଚିଛି। ଯେଉଁଥିରେ ୬ ସ୍ୱର୍ଣ୍ଣ, ୩ ରୌପ୍ୟ ଓ ୫ କାଂସ୍ୟ ପଦକ ରହିଛି।

ରବିବାର ଖେଳାଯାଇଥିବା ଏହି ପ୍ରତିଯୋଗିତାର ଫାଇନାଲରେ ପ୍ରମୋଦଙ୍କ ମୁକାବିଲା ଚିରପ୍ରତିଦ୍ୱନ୍ଦ୍ୱୀ ଇଂଲଣ୍ଡର ବେଥେଲଙ୍କ ସହ ହୋଇଥିଲା। ସଂଘର୍ଷପୂର୍ଣ୍ଣ ଏହି ଫାଇନାଲଟି ରେକର୍ଡ ଏକ ଘଣ୍ଟା ୪୦ ମିନିଟ୍ ଧରି ଖେଳାଯାଇଥିଲା। ଯେଉଁଥିରେ ପ୍ରମୋଦ ୧୪-୨୧, ୨୧-୧୫, ୨୧-୧୪ରେ ଜିତି ଟ୍ରଫି ଜିତିଥିଲେ। ପାରା ବ୍ୟାଡ୍‌ମିଣ୍ଟନ ଫାଇନାଲରେ ଏହା ସର୍ବାଧିକ ସମୟ ଅବଧି ବିଶିଷ୍ଟ ଫାଇନାଲ ମ୍ୟାଚ୍ ହେବାର ରେକର୍ଡ ହୋଇଛି। ସେହିଭଳି ୩୫ ବର୍ଷୀୟ ପ୍ରମୋଦ ପ୍ରଥମ ପାରା ବ୍ୟାଡ୍‌ମିଣ୍ଟନ ଖେଳାଳି ଭାବେ ଏସ୍‌ଏଲ୍-୩ ବର୍ଗରେ କ୍ରମାଗତ ୩ଟି ଟାଇଟଲ୍ ଜିତିବାର ସୌଭାଗ୍ୟ ଲାଭ କରିଛନ୍ତି। ପୂର୍ବରୁ ପ୍ରମୋଦ ଏହି ପ୍ରତିଯୋଗିତାର ଚଳିତ ସଂସ୍କରଣରେ ୨ଟି କାଂସ୍ୟ ପଦକ ଜିତିଥିଲେ।

### କର୍କଟରୁ ମୁକ୍ତି ଦେବ...

ବୋଲି ଅନେକ ଅଧ୍ୟୟନରେ ଦାବି କରାଯାଇଛି। କିନ୍ତୁ ଚିକିତ୍ସା ପାଇଁ କେତେ ଡୋଜ୍ ଆବଶ୍ୟକ ତାହା ଟ୍ରାଏଲରୁ ଜଣାପଡ଼ିବ। ଏବେକାର କର୍କଟ ଚିକିତ୍ସାରେ ଅନେକ ପାର୍ଶ୍ୱପ୍ରତିକ୍ରିୟା ରହିଛି। ତେଣୁ ଶସ୍ତା ଏବଂ ପାର୍ଶ୍ୱପ୍ରତିକ୍ରିୟା ନ ଥିବା ଚିକିତ୍ସା ପାଇଁ ଲକ୍ଷ୍ୟ ରଖାଯାଇଛି। ଭାରତରେ ସର୍ବାଧିକ ମସଲା ପ୍ରସ୍ତୁତ କରାଯାଉଛି। ଏହି ଔଷଧକୁ ଇଞ୍ଜେକ୍ସନ ମାଧ୍ୟମରେ ନ ଦେବା ପାଇଁ ପ୍ରୟାସ କରାଯାଉଛି। ଏଥିପାଇଁ ପରୀକ୍ଷାଗାରରେ ସ୍ଥିର ଉତ୍ପାଦ ପ୍ରସ୍ତୁତ କରାଯାଇଛି। ଜାନୁଆରୀରେ ହୋଇଥିବା ଅଧ୍ୟୟନରେ ସକରାତ୍ମକ ଫଳାଫଳ ଆସିଛି। ତେଣୁ ଏବେ କ୍ଲିନିକାଲ ଟ୍ରାଏଲ ଆରମ୍ଭ ହେବ।

### ବୟନଶିଳ୍ପରେ ବିପ୍ଳବ...

ନିବେଶକଙ୍କ ପସନ୍ଦ ପାଲଟିଛି। ବୟନଶିଳ୍ପ ବିଶେଷଜ୍ଞ ଡ. ଅନୀତା ସାବତଙ୍କ ମତାନୁସାରେ ରାଜ୍ୟ ବାହାରେ ଯେଉଁ ଲକ୍ଷାଧିକ ଓଡ଼ିଆ କାରିଗର ଭାବେ କାମ କରନ୍ତି, ସେମାନେ ସେଠାରେ ବିଶେଷ ଦରମା ପାଆନ୍ତି ନାହିଁ। ଆମ ରାଜ୍ୟରେ ସେମାନଙ୍କ ପାଇଁ ରୋଜଗାରର ମାଧ୍ୟମ ନଥିବା ବେଳେ ସେମାନେ ବାଧ୍ୟହୋଇ ବାହାରକୁ ଯାଉଛନ୍ତି। ତେବେ ନିକଟରେ ଓଡ଼ିଶାର ଶିଳ୍ପ ବିକାଶ ପାଇଁ ରାଜ୍ୟ ସରକାର ଗୁଡ଼ିଏ ପଦକ୍ଷେପ ନେଇଛନ୍ତି। ଏହାସହ ଯଦି ଉକ୍ତ କାରିଗରଙ୍କ ପାଇଁ ରାଜ୍ୟ ସରକାର ଆଉ କିଛି ସ୍ୱତନ୍ତ୍ର ବ୍ୟବସ୍ଥା କରିବେ, ତାହେଲେ ସେମାନେ ଘରକୁ ବାହୁଡ଼ିବେ ନିଶ୍ଚୟ। ୱେଲସ୍ପନର ନିବେଶ ରାଜ୍ୟରେ ଏନେଇ ଏକ ଅନୁକୂଳ ମାହୋଲ ସୃଷ୍ଟି କରିଛି। ଆଗାମୀ ଦିନରେ ରାଜ୍ୟରେ ବୟନଶିଳ୍ପର ଭାଗ୍ୟ ଉଜ୍ଜ୍ୱଳ। ତେବେ ସମପରିମାଣରେ ରାଜ୍ୟ ସରକାର ହସ୍ତତନ୍ତକୁ ମଧ୍ୟ ଗୁରୁତ୍ୱ ଦେବା ଜରୁରୀ ବୋଲି ଡ. ସାବତ ମତବ୍ୟକ୍ତ କରିଛନ୍ତି।

### ୨୦୨୪ରେ ଐତିହାସିକ...

ଦୃଢ଼ ବିଶ୍ୱାସ ଏହି ନିର୍ବାଚନରେ ସାଢ଼େ ୪ କୋଟି ଓଡ଼ିଶାବାସୀଙ୍କ ଆଶୀର୍ବାଦ ବଳରେ ବିଜୁ ଜନତା ଦଳ ଏକ ଐତିହାସିକ ବିଜୟ ଆଡକୁ ଗତି କରୁଛି ବୋଲି ଶ୍ରୀ ଦାସ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଏହି ବିପୁଳ ଆବେଦନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱ ପ୍ରତି ଲୋକଙ୍କ ଆସ୍ଥା ଓ ବିଶ୍ୱାସକୁ ପ୍ରମାଣିତ କରିଛି ଏବଂ ନବୀନ ବାବୁଙ୍କୁ ଲାଗାତାର ଷଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ ଆସନରେ ବସାଇବା ପାଇଁ ଓଡ଼ିଶାବାସୀ ମନ ସ୍ଥିର କରିସାରିଛନ୍ତି ବୋଲି ଶ୍ରୀ ଦାସ କହିଛନ୍ତି।

ସୂଚନାଯୋଗ୍ୟ ଯେ ଜାତୀୟ ସ୍ତରର ବିଭିନ୍ନ ସଂସ୍ଥା ଆଗାମୀ ସାଧାରଣ ନିର୍ବାଚନ ପ୍ରରିପେକ୍ଷୀରେ ଯେଉଁ ପ୍ରାକ୍ ନିର୍ବାଚନୀ ସର୍ଭେ କରୁଛନ୍ତି, ସେଥିରେ ବିଜୁ ଜନତା ଦଳକୁ ବିପୁଳ ଜନମତ ମିଳିବା ନେଇ କୁହାଯାଉଛି। ଲୋକସଭାରେ ଦଳକୁ ୨୧ରୁ ୧୮ଟି ଆସନ ମିଳିବାର ଯଥେଷ୍ଟ ସମ୍ଭାବନା ଥିବାବେଳେ ବିଧାନସଭା ନିର୍ବାଚନରେ ଦଳ ଐତିହାସିକ ବିଜୟ ହାସଲ କରିବ ବୋଲି କୁହାଯାଉଛି। ଦଳକୁ ଆସନ୍ତା ବିଧାନସଭା ନିର୍ବାଚନରେ ପ୍ରାୟ ୧୨୮ ଟି ଆସନ ମିଳିବ ବୋଲି ଏକ ସଂସ୍ଥା ଆକଳନ କରିଥିବା ବେଳେ ଏହା ସ୍ୱର୍ଗତଃ ବିଜୁ ପଟ୍ଟନାୟକଙ୍କ ପୂର୍ବ ୧୨୩ ଆସନ ରେକର୍ଡକୁ ଭଙ୍ଗ କରିବ ବୋଲି ଉକ୍ତ ସର୍ଭେ ସଂସ୍ଥା ଦୃଢ଼ୋକ୍ତି ପ୍ରକାଶ କରିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସୁଶାସନ, ୫-ଟି ଉପକ୍ରମ ଅଧିନରେ ଶାସନ ବ୍ୟବସ୍ଥା ପରିଚାଳନା, ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ନିସ୍ୱାର୍ଥ ସେବା ଏବଂ ଓଡ଼ିଶାକୁ ଅଗ୍ରଣୀ କରିବାର ଲକ୍ଷ୍ୟ ସର୍ବୋପରି ଲୋକଙ୍କ ପାଇଁ ସମର୍ପିତ ଭାବ ନେଇ ଶାସନ ପରିଚାଳନା ବିଜେଡିକୁ ନିର୍ବାଚନରେ ଐତିହାସିକ ବିଜୟ ଦେବ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

### ମିଲ୍‌ରେ ମୁଣ୍ଡ କଟି...

ତୁଳସାଙ୍କ ମୁଣ୍ଡ କଟି ଯାଇଥିଲା। ଏହି ଅଘଟଣ ଶୁଣି ସ୍ୱାମୀ ତୁରନ୍ତ ଘଟଣାସ୍ଥଳକୁ ଆସିବାରେ ସେଠାରେ ମିଲ୍ କର୍ମଚାରୀ ନ ଥିଲେ। ମୃତ ମହିଳାଙ୍କ ପରିବାର କହିଲେ ସ୍ୱାମୀ ମଧୁ ବନ୍ଦିଚୋର, ବଡ ପୁଅ ଗିରି କୁମାର ଓ ସାନ ପୁଅ ଜଗସନ। ମହିଳାଙ୍କ ମୃତ୍ୟୁ ନେଇ ପରିବାର ସଦସ୍ୟଙ୍କ ସହ ସ୍ଥାନୀୟ ଲୋକେ କ୍ଷତିପୂରଣ ଦାବି କରି ରାସ୍ତାରୋକ କରିଥିଲେ। ପ୍ରଶାସନ ତରଫରୁ ରେଡକ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ଓ ମିଲ ମାଲିକ ଅଢେଇ ଲକ୍ଷ ଟଙ୍କା ପ୍ରଦାନ କରିବା ପରେ ଅବରୋଧକାରୀ ରାସ୍ତାରୁ ହଟିଥିଲେ। ସିନାପାଲି ଥାନାରେ ଏକ ମକଦ୍ଦମା ରୁଜୁ କରାଯାଇ ଆସନ୍ତାକାଲି ଶବ ବ୍ୟବଚ୍ଛେଦ କରାଯିବ ବୋଲି ଥାନା ଅଧିକାରିଣୀ ରଶ୍ମିତା ପ୍ରଧାନ ପ୍ରକାଶ କରିଛନ୍ତି।

### ଗନ୍ଧମାର୍ଦ୍ଦନରେ ବଲାଙ୍ଗିର-ବରଗଡ଼-ମହାସମୁନ୍ଦ ଡିଭିଜନ ସକ୍ରିୟ

# ମିଳିତ କମ୍ବିଂ ଅପରେସନ ଜୋର୍‌ଦାର





**ବରଗଡ଼/ବଲାଙ୍ଗିର, ୨୫।୨(ସମିସ):** ଦୀର୍ଘ ଦିନର ନିରବତା ପରେ ଗନ୍ଧମାର୍ଦ୍ଦନରେ ବଲାଙ୍ଗିର-ବରଗଡ଼-ମହାସମୁନ୍ଦ ଡିଭିଜନ ସକ୍ରିୟ ହୋଇଛନ୍ତି। କିଛି ଦିନ ତଳେ ହୋଇଥିବା ଗୁଳି ବିନିମୟ ଏବଂ ମାଓ କ୍ୟାମ୍ପ ଠାବ ପରେ ଜବତ ହୋଇଥିବା ସାମଗ୍ରୀରୁ ଟପ କ୍ୟାଡର ସହ ମହିଳା କ୍ୟାଡେଟମାନେ ମଧ୍ୟ ରହିଥିବା ସ୍ପଷ୍ଟ ହୋଇଛି। ଏନେଇ ବରଗଡ଼ ଏସପି ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ବର୍ତ୍ତମାନ ମଧ୍ୟ ଗନ୍ଧମାର୍ଦ୍ଦନର ଉଭୟ ବଲାଙ୍ଗିର ଏବଂ ବରଗଡ଼ ପଟୁରୁ କମ୍ବିଂକୁ ଜୋରଦାର କରାଯାଇଥିବା ଏସପି କହିଛନ୍ତି।

ଗନ୍ଧମାର୍ଦ୍ଦନରେ ବଲାଙ୍ଗିର-ବରଗଡ଼-ମହାସମୁନ୍ଦ ଡିଭିଜନର ୧୨ରୁ ୧୫ ଜଣ ଛତ୍ରଭଙ୍ଗ ଦେଇଥିବା ବେଳେ ଟପ କ୍ୟାଡର ସୁଦର୍ଶନ ଓ ବସନ୍ତ ଓରଫ ବିକାଶ ଏହି କ୍ୟାମ୍ପରେ ରହିଥିଲେ। ସେମାନଙ୍କ ମଧ୍ୟରେ କିଛି ମହିଳା କ୍ୟାଡେଟ ରହିଥିବା ବରଗଡ଼ ଏସପି ମୀନା ସୂଚନା ଦେଇଛନ୍ତି। ପୁଲିସ ସର୍ଚ୍ଚ ଅପରେସନ ସମୟରେ ସେଠାରେ ରକ୍ତର ଛିଟା ଦେଖିବାକୁ ମିଳିଥିଲା। ଯାହାକୁ ନେଇ ଗୁଳି ବିନିମୟରେ କିଛି ମାଓବାଦୀ ଆହତ ହୋଇଥିବା ସନ୍ଦେହ କରାଯାଉଛି।

ପ୍ରାୟ ଦେଢ଼ ବର୍ଷ ତଳେ ଖପ୍ରାଖୋଲ ବ୍ଲକ ଯୁନାନୀ ବାହାଲ ଗାଁ ନିକଟରେ ପୁଲିସ ଜଣେ ମାଓବାଦୀଙ୍କୁ ଏନ୍‌କାଉଣ୍ଟର କରିଥିଲା। ଏହି ଘଟଣା ପରେ କିନ୍ତୁ ବଲାଙ୍ଗିର-ବରଗଡ଼-ମହାସମୁନ୍ଦ ଡିଭିଜନ ଓ କଳାହାଣ୍ଡି-କନ୍ଧମାଳ-ବୌଦ୍ଧ-ନୂଆପଡ଼ା ଡିଭିଜନ ପକ୍ଷରୁ ନିଜ ଶକ୍ତି ବୃଦ୍ଧି କରିବା ପାଇଁ ଯୋଜନା ଚାଲିଥିଲା। ଗନ୍ଧମାର୍ଦ୍ଦନ ଜଙ୍ଗଲରେ ମାଓ ଗତିବିଧି ବୃଦ୍ଧି ପାଉଥିବା ସୁରାକ୍ ପାଇ ଗତ ୨୧ ତାରିଖରୁ ଗନ୍ଧମାର୍ଦ୍ଦନ ଅଞ୍ଚଳରେ ବରଗଡ଼ ଓ ବଲାଙ୍ଗିରର ଏସଓଜି, ସିଆରପିଏଫ ଏବଂ ଡିଭିଏଫ ତରଫରୁ ମିଳିତ ଭାବେ କମ୍ବିଂ ଜାରି ରହିଥିଲା। ଗତ ଶୁକ୍ରବାର ସକାଳେ ଖଣ୍ଡିଝରନ ନିକଟସ୍ଥ ଜଙ୍ଗଲରେ ମାଓବାଦୀଙ୍କ ସହ ଗୁଳି ବିନିମୟ ହୋଇଥିଲା। ଉଭୟ ପକ୍ଷରୁ ପ୍ରାୟ୨୦ ରାଉଣ୍ଡ ଗୁଳି ଚାଳନା ହୋଇଥିବା ବେଳେ ମାଓବାଦୀମାନେ ସେଠାରୁ ଛତ୍ରଭଙ୍ଗ ଦେଇଥିଲେ। ଏହି ଘଟଣା ପରେ ଗତ ଶୁକ୍ରବାର ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ ବରଗଡ଼ ପହଞ୍ଚି ସ୍ଥିତିର ସମୀକ୍ଷା କରିଥିଲେ।

- ଟପ କ୍ୟାଡର ସୁଦର୍ଶନ, ବସନ୍ତ ସହ ମହିଳା ଟାର୍ଗେଟ୍‌ରେ
- ଆହତ ଜଣେ ସନ୍ଦିଗ୍ଧ ଯୁବକ ବଲାଙ୍ଗିରରୁ ବୁର୍ଲା ସ୍ଥାନାନ୍ତର
- ଚଢ଼ଉ ବେଳେ ବିପୁଳ ମାଓ ସାମଗ୍ରୀ ଓ ବିସ୍ଫୋରକ ଜବତ

ଏହାମଧ୍ୟରେ ବଲାଙ୍ଗିର ପୁଲିସ ମଧ୍ୟ ସିଆରପିଏଫ୍ ସହ ମିଶି ଗନ୍ଧମାର୍ଦ୍ଦନ ଅଞ୍ଚଳରେ କମ୍ବିଂ ଅପରେସନ ଆରମ୍ଭ କରିଥିଲା। ନିବାର ଜଣେ ଯୁବକଙ୍କୁ ପୁଲିସ ଅଟକ ରଖି ପଚରାଉଚରା କରୁଥିବା ସୂଚନା ମିଳିଥିବାବେଳେ ପୁଲିସ ଅଧିକାରୀମାନେ ଏନେଇ କୌଣସି ସୂଚନା ପ୍ରଦାନ କରିବାକୁ ମନା କରିଛନ୍ତି। ଏନେଇ ଖପ୍ରାଖୋଲ ଥାନାଧିକାରୀଙ୍କ କହିବା ଅନୁସାରେ, ସେହିଭଳି କାହାକୁ ଅଟକ ରଖାଯାଇ ନାହିଁ। ଯଦି କିଛି ସଫଳତା ମିଳେ ତେବେ ନିହାତି ଭାବେ ସୂଚନା ପ୍ରଦାନ କରାଯିବ। ଅନ୍ୟପକ୍ଷରେ ଶନିବାର ଏସ୍‌ପି ରିଷିକେଶ ଖିଲାରୀଙ୍କୁ ଭୀମଭୋଇ ମେଡିକାଲ କଲେଜ ଡାକ୍ତରଖାନାରେ ସାଦା ପୋଷାକରେ ଦେଖିବାକୁ ମିଳିଥିଲା। ସେ ଆଇସିୟୁ ଭିତରକୁ ଯାଇ ଜଣେ ଯୁବକଙ୍କ ହାଲ୍‌ଚାଲ୍ ବୁଝିଥିଲେ। ଏହି ସମୟରେ ଭିତରକୁ କାହାକୁ ପ୍ରବେଶ କରିବାକୁ ଦିଆଯାଇ ନ ଥିଲା। ତେବେ ସମ୍ପୃକ୍ତ ଯୁବକଙ୍କୁ ନେଇ ବର୍ତ୍ତମାନ କଳ୍ପନା ଜଳ୍ପନା ଲାଗି ରହିଛି। ଶନିବାର ସନ୍ଧ୍ୟାରେ ହିଁ ସମ୍ପୃକ୍ତ ଯୁବକକୁ ବୁର୍ଲା ସ୍ଥାନାନ୍ତର କରାଯାଇଥିବା ଡାକ୍ତରଖାନା ସୂତ୍ରରୁ ଜଣାପଡ଼ିଛି। ଏହାମଧ୍ୟରେ ପୁଲିସ ଅଧିକାରୀସ୍ତରରେ ମଧ୍ୟ ବଲାଙ୍ଗିରରେ ହଲ୍‌ଚଲ୍ ଦେଖିବାକୁ ମିଳିଛି। ଆଗକୁ ନିର୍ବାଚନ ଥିବାବେଳେ ଏହି ସମୟରେ ମାଓଉପଦ୍ରବ ସାମ୍ନାକୁ ଆସିବା ନିହାତି ଭାବେ ପୁଲିସ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛି।

**SALE**
Booking Open 2/3 BHK Flat Bhpl Krishna, Bharatpur, Bhpl Rudra in front of CET. College, Ghatikia, Bhpl SB Homes, Ghatikia, Ready for Possession Aastha Highway South & North, Dhauli Chhak, BBSR. Contact- Bhavishya Homes Pvt Ltd.
**Ph.: 9437015112**

**AFFIDAVIT**
I, **Rajani Bhatia,** daughter of Late. Subhash Chandra Bhatia, residing at Block 24/14 A, Moti nagar, New Delhi-110015, do hereby affirm and state that after my marriage to Shri. Madhusudan Munjal as per Hindu Act, my name has been changed from Rajani Bhatia to Rajni Munjal. Henceforth, I shall be known as **Rajni Munjal** for all official and non- official purposes.

**AFFIDAVIT**
By virtue of an affidavit sworn before the Executive Magistrate, Cuttack, I Krishna Das, D/o Baikunthanath Mallick, residing at D/301, 3rd Floor, NCC Nagarjuna Mapple Height Qrter Ring Road, B-Narayanpura, Banglore North, Karnataka-560048 declare that I have changed by name from Sabita Mallick to Krishna Das. By this affidavit no: 1130, Dated 23.02.2024, both the name Sabita Mallick & Krishna Das is same & one person i.e; me. Henceforth I shall be known as **KRISHNA DAS** for all purposes.

# ରାଷ୍ଟ୍ରର ଜୀବନ ରେଖା (ଭାରତୀୟ ରେଳ) ଷ୍ଟେସନଗୁଡ଼ିକର ରୂପାନ୍ତରଣ

• ଅମ୍ରିତ ଷ୍ଟେସନ୍ ସ୍କିମ୍ ଅଧୀନରେ ପୂର୍ବ ତଟ ରେଳ ପ୍ରାଧିକରଣରେ ଥିବା ୫୭ ଟି ରେଳ ଷ୍ଟେସନ୍ (ଓଡିଶାର ମଧ୍ୟ ୫୭ ଟି ଷ୍ଟେସନ୍) ପୁନ ନିର୍ମାଣ କରାଯାଉଛି।

• ଏହି ୫୭ ଷ୍ଟେସନ୍ ଗୁଡିକ ହେଉଛି ଅନଗୁଳ, ବାଦାମପାହାଡ଼, ବାଲାଙ୍ଗୀର, ବାଲେଶ୍ୱର, ବାଲୁଗାଁ, ବଡ଼ବିଲ, ବରଗଡ ରୋଡ଼, ବାରିପଦା, ବରପାଲି, ବେଲପାହାଡ଼, ବେତନଟି, ଭଦ୍ରକ, ଭବନୀପାଟଣା, ଭୁବନେଶ୍ୱର, ବିମଲାଗଡ଼, ବ୍ରହ୍ମପୁର, ବ୍ରଜରାଜନଗର, ଛତ୍ରପୁର, କଟକ, ଦାମନଯୋଡି, ଢେଙ୍କାନାଳ, ଗୁଣପୁର, ହରିଶଙ୍କର ରୋଡ଼, ହୀରାକୁଦ, ଯାଜପୁର-କେନ୍ଦୁଝର ରୋଡ଼, ଜଳେଶ୍ୱର, , ଜୟପୁର, ଝାରସୁଗୁଡା, ଝାରସୁଗୁଡା ରୋଡ଼, କଣ୍ଟାବାଞ୍ଜୀ, କେନ୍ଦୁଝରଗଡ଼, କେସିଙ୍ଗା, ଖରିଆର ରୋଡ଼, ଖୋର୍ଦ୍ଧା ରୋଡ଼, କୋରାପୁଟ, ଲିଙ୍ଗରାଜ ମନ୍ଦିର ରୋଡ଼, ମଞ୍ଚେଶ୍ୱର, ମେରାମୁଣ୍ଡଳି, ମୁନିଗୁଡା, ନୂଆ ଭୁବନେଶ୍ୱର, ପାନପୋଷ, ପାରାଦୀପ, ପାରଳାଖେମୁଣ୍ଡି, ପୁରୀ, ରଘୁନାଥପୁର, ରେଢ଼ାଖୋଲ, ରାଇରଙ୍ଗପୁର, ରାଜଗାଙ୍ଗପୁର, ରାୟଗଡା, ରାଉରକେଲା, ସାକ୍ଷୀଗୋପାଳ, ସମ୍ବଲପୁର, ସମ୍ବଲପୁର ସହର, ତାଳଚେର, ତାଳଚେର ରୋଡ଼, ଟିଟଲାଗଡ଼ ଜଙ୍କସନ।

• ପ୍ରଥମ ପର୍ଯ୍ୟାୟରେ, ଗତ ବର୍ଷ ଠାରୁ କିଛି ପ୍ରମୁଖ ଷ୍ଟେସନ୍ ପାଇଁ କାର୍ଯ୍ୟ ଆରମ୍ଭ ହୋଇସାରିଛି। ପୁନ ନିର୍ମାଣ କାର୍ଯ୍ୟ ପାଇଁ ୨୫ ରେଳ ଷ୍ଟେସନ୍ ଚୟନ ହୋଇସାରିଛି। ଏହି ଷ୍ଟେସନଗୁଡ଼ିକ ହେଉଛି ସାକ୍ଷୀଗୋପାଳ, ମଞ୍ଚେଶ୍ୱର, ଢେଙ୍କାନାଳ, ଛତ୍ରପୁର, ଅନଗୁଳ, ରାଜଗାଙ୍ଗପୁର, ମେରାମୁଣ୍ଡଳି, ବାଲୁଗାଁ, ଲିଙ୍ଗରାଜ ମନ୍ଦିର ରୋଡ, ତାଳଚେର ରୋଡ, ଖୋର୍ଦ୍ଧା ରୋଡ, କଣ୍ଟାବାଞ୍ଜୀ, ବରଗଡ ରୋଡ, ହିରାକୁଦ, ରେଢ଼ାଖୋଲ, ବରପାଲି, ମୁନିଗୁଡା, ବଲାଙ୍ଗୀର, ହରିଶଙ୍କର ରୋଡ, ଜଳେଶ୍ୱର, ଭବାନୀପାଟଣା, ଖରିଆର ରୋଡ, ବଡ଼ବିଲ, ବାରିପଦା ଏବଂ ଦାମନଯୋଡି ଷ୍ଟେସନ୍। ଭାରତର ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜୀ ନୂଆଦିଲ୍ଲୀରୁ ଭିଡିଓ କନଫରେନ୍ସିଂ ଜରିଆରେ ଅମୃତ ଭାରତ ଯୋଜନା ଅନ୍ତର୍ଗତ ଷ୍ଟେସନର ପୁନ ନିର୍ମାଣ ପାଇଁ ଭିତି ପ୍ରସ୍ତର ସ୍ଥାପନ କରାଇଥିଲେ, ଯେଉଁଠାରେ ଓଡିଶାର ୨୫ ରୁ ଅଧିକ ଷ୍ଟେସନ୍ ଅନ୍ତର୍ଭୂକ୍ତ କରାଯାଇଥିଲା।

• ବର୍ତ୍ତମାନ ପ୍ରଧାନମନ୍ତ୍ରୀ ମୋଦୀ ଓଡିଶାରେ ଆହୁରି ୨୧ ଟି ଷ୍ଟେସନର ମୂଳଦୁଆ ପକାଇବାକୁ ଯାଉଛନ୍ତି ଯେଉଁଥିରେ ତାଳଚର, ରଘୁନାଥପୁର, ପାରାଦୀପ, କେନ୍ଦୁଝରଗଡ, ଝାରସୁଗୁଡା ରୋଡ, ସମ୍ବଲପୁର ସହର, ଟିଟଲାଗଡ, କେସିଙ୍ଗା, ପାରଳାଖେମୁଣ୍ଡି, କୋରାପୁଟ, ଜୟପୁର, ବିମଲାଗଡ, ଜାରୋଲି, ରାଇରଙ୍ଗପୁର, ପାନପୋଷ, ବାଲେଶ୍ୱର, ବେତନଟୀ, ଭଦ୍ରକ, ବେଲପାହାଡ଼, ବ୍ରଜରାଜନଗର ଏବଂ ରାୟଗଡା ଷ୍ଟେସନ। ଗତ ୧୦ ବର୍ଷ ମଧ୍ୟରେ, ଓଡିଶାରେ ମୋଟ ୪୦୯ ରୋଡ ଓଭର ବ୍ରିଜ୍) ଏବଂ ରୋଡ୍ ଅଣ୍ଡର ବ୍ରିଜ୍ ନିର୍ମାଣ ହୋଇସାରିଛି

• ଅର୍ଥନୈତିକ ମେରୁଦଣ୍ଡ: ରେଳବାଇ ଅନେକ ଦେଶର ଅର୍ଥନୈତିକ ମେରୁଦଣ୍ଡ ଭାବରେ କାର୍ଯ୍ୟ କରେ, ଯାହା ବାଣିଜ୍ୟ ଏବଂ ବାଣିଜ୍ୟକୁ ବହୁ ପରିମାଣରେ ସୁଗମ କରିଥାଏ। ଦୀର୍ଘ ଦୂରତାରେ ସାମଗ୍ରୀ ପରିବହନ ପାଇଁ ଏକ ବ୍ୟୟବହୁଳ ମାଧ୍ୟମ ଯୋଗାଇ ରେଳ ଯୋଗାଣ ଶୃଙ୍ଖଳା, ଉତ୍ପାଦକ, ବିତରକ ଏବଂ ଗ୍ରାହକଙ୍କୁ ବିସ୍ତୃତ ଭୌଗୋଳିକ ଅଞ୍ଚଳରେ ସଂଯୋଗ ବିସ୍ତାର କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ମାଲ ପରିବହନ ବ୍ୟତୀତ ରେଳବାଇ ପର୍ଯ୍ୟଟନ ଏବଂ କୃଷି ଭଳି ଶିଳ୍ପକୁ ମଧ୍ୟ ସମର୍ଥନ କରେ, ଦୁର୍ଗମ ଅଞ୍ଚଳ ତଥା ପର୍ଯ୍ୟଟନ ସ୍ଥଳୀକୁ ଅତ୍ୟାବଶ୍ୟକ ଲିଙ୍କଯୋଗାଇଥାଏ।

• ଦେଶର ୧୩୦୦ ରୁ ଅଧିକ ରେଳ ଷ୍ଟେସନକୁ 'ଅମୃତ ଷ୍ଟେସନ' ରୂପେ ରୂପାନ୍ତର କରିବା ପାଇଁ କେନ୍ଦ୍ର ବର୍ତ୍ତମାନ ଏକ ଉଚ୍ଚାଭିଳାଷୀ ଯୋଜନା ପ୍ରସ୍ତୁତ କରିଛି। ଅଗଷ୍ଟ ୨୦୨୩ ରେ ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ସାରା ଦେଶରେ ୫୦୮ ରେଳ ଷ୍ଟେସନର ପୁନଃ ନିର୍ମାଣ ପାଇଁ ମୂଳଦୁଆ ପକାଇଲେ। ୨୪, ୪୭୦ କୋଟିରୁ ଅଧିକ ମୂଲ୍ୟରେ ପୁନଃ ନିର୍ମାଣ ହୋଇ ଏହି ୫୦୮ ଷ୍ଟେସନ ୨୭ ଟି ରାଜ୍ୟ ତଥା କେନ୍ଦ୍ରଶାସିତ ଅଞ୍ଚଳରେ ବ୍ୟାପିଛି, ସେଥିମଧ୍ୟରୁ ଉତ୍ତରପ୍ରଦେଶ ଏବଂ ରାଜସ୍ଥାନରେ ୫୫ ଲେଖାଏଁ, ବିହାରରେ ୪୯, ମହାରାଷ୍ଟ୍ରରେ ୪୪, ପଶ୍ଚିମବଙ୍ଗରେ ୩୭, ମଧ୍ୟପ୍ରଦେଶରେ ୩୪ ଟି। ଆସାମରେ ୩୨, ଓଡିଶାରେ ୨୫, ପଞ୍ଜାବରେ ୨୨, ଗୁଜୁରାଟ ଏବଂ ତେଲେଙ୍ଗାନାରେ ୨୧ଲେଖାଏଁ, ଝଡ଼ଖଣ୍ଡରେ ୨୦, ଆନ୍ଧ୍ରପ୍ରଦେଶରେ ୧୮ ଏବଂ ତାମିଲନାଡୁରେ ୧୮, ହରିୟାଣାରେ ୧୫, କର୍ଣ୍ଣାଟକରେ ୧୩।

• ଆଜି ଦେଖାଯାଉଥିବା ଫଳାଫଳଗୁଡିକ, ବିଶେଷ କରି ୨୦୧୯ ରୁ, ଅନେକ ପ୍ରୟାସ ଏବଂ ପରିଚାଳନା ପଦକ୍ଷେପଗୁଡିକର ଫଳାଫଳ ଅଟେ। ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି ଯେ ଷ୍ଟେସନ ପୁନଃ ନିର୍ମାଣ ପାଇଁ ଆମ ପ୍ରଧାନମନ୍ତ୍ରୀଙ୍କ ଏକ ବିଶାଳ ଦୃଷ୍ଟିକୋଣ ରହିଛି। ଯେତେବେଳେ ଆମେ ମୂଳ ଡିଜାଇନ୍ ସହିତ ଗଲୁ, ସେ ଡିଜାଇନଗୁଡିକୁ ଅନୁମୋଦନ କଲେ ନାହିଁ। ଆଗାମୀ ୫୦ ବର୍ଷ ପାଇଁ ଷ୍ଟେସନଗୁଡିକୁ ଡିଜାଇନ୍ କରିବାକୁ ସେ ଆମକୁ କହିଥିଲେ। ତେଣୁ, ଆମେ ଡ୍ରଇଂ ବୋର୍ଡକୁ ଫେରିଲୁ, ପୁରା ଜିନିଷକୁ ପୁଣିଥରେ ଡିଜାଇନ୍ କଲୁ ଏବଂ ତା'ପରେ ନିର୍ମାଣ କାର୍ଯ୍ୟ ଆରମ୍ଭ କଲୁ। ତେଣୁ, ଆଜି ଆମେ ବିଶ୍ୱର ସର୍ବବୃହତ ଷ୍ଟେସନ ପୁନଃ ବିକାଶ କାର୍ଯ୍ୟ କରୁଛୁ। ୧୩୦୯ ଷ୍ଟେସନ୍ ପୁନଃ ବିକଶିତ ହେଉଛି।

• ୧୩୦୦ରୁ ଅଧିକ ରେଳ ଷ୍ଟେସନର ଆଧୁନିକୀକରଣ ହେଉଛି ଏକ ମହତ୍ କାର୍ଯ୍ୟ ଏବଂ ଏକ ସର୍ବ-ଅନ୍ତର୍ଭୂକ୍ତ ପୁଙ୍ଖାନୁପୁଙ୍ଖ ପ୍ରକ୍ରିୟା ଏହି ଷ୍ଟେସନଗୁଡିକର ଗତି ଏବଂ ମାପ ସହିତ ବୈଜ୍ଞାନିକ ପୁନଃ ବିକାଶ ସହିତ କାର୍ଯ୍ୟକାରୀ ହେଉଛି। ଟେଣ୍ଡର ଦେବା ପୂର୍ବରୁ ବିଭିନ୍ନ ସ୍ତରରେ ଆଲୋଚନା ସହିତ ଏକ ସାମଗ୍ରିକ ଢଙ୍ଗରେ ଡିଜାଇନ୍ କରାଯାଇଛି। ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଭାରତୀୟ ରେଳବାଇ ଭାରତୀୟ ରେଳ ଷ୍ଟେସନ ବିକାଶ ନିଗମକୁ ମିଶ୍ରଣ କଲା। ବିଭିନ୍ନ ବିଭାଗ ଏବଂ ଜୋନାଲ ଅଫିସ୍ ଦ୍ୱାରା ଉପଯୁକ୍ତ ବ୍ୟବହାର ପାଇଁ ବିଭିନ୍ନ ଶୀର୍ଷ ଡୋମେନ୍ ବିଶେଷଜ୍ଞ, ସ୍ଥପତି ଏବଂ ପିଲିଂ ଏଜେନ୍ସିଗୁଡିକ ନିୟୋଜିତ ହୋଇଛନ୍ତି। ଜୋନ୍ ଏବଂ ହେଡକ୍ୱାର୍ଟରରେ ଗତିଶକ୍ତି ନିର୍ଦ୍ଦେଶାଳୟର ସୃଷ୍ଟି, ଏଥିପାଇଁ ୯୦୦୦ରୁ ଅଧିକ କର୍ମଚାରୀଙ୍କ ତାଲିମ ବ୍ୟବସ୍ଥା ପ୍ରକ୍ରିୟାଗୁଡ଼ିକୁ ସରଳ ଏବଂ ତ୍ୱରାନ୍ୱିତ କରିବାରେ ମଧ୍ୟ ସହାୟକ ହୋଇଛି।

• ଏହି ଯୋଜନାରେ ଷ୍ଟେସନ୍ ପ୍ରବେଶପଥ, ସର୍କୁଲାର୍ ଏରିଆ, ୱେଟିଂ ହଲ୍, ଟଏଲେଟ୍, ଲିଫ୍ଟ / ଏସ୍କାଲେଟର୍, ଷ୍ଟେସନରେ ଆବଶ୍ୟକତା ଅନୁଯାୟୀ ସ୍ୱଚ୍ଛତା, ମାଗଣା ୱାଇଫାଇ, କିଓସ୍କ ଭଳି ସୁବିଧାରେ ଉନ୍ନତି ଆଣିବା ପାଇଁ ମାଷ୍ଟର ପ୍ଲାନ୍ ପ୍ରସ୍ତୁତି ଏବଂ ପର୍ଯ୍ୟାୟ କ୍ରମେ ସେମାନଙ୍କର କାର୍ଯ୍ୟକାରିତା ଅନ୍ତର୍ଭୁକ୍ତ। ପ୍ରତ୍ୟେକ ଷ୍ଟେସନରେ, 'ୱାନ ଷ୍ଟେସନ୍ ୱାନ୍ ପ୍ରଡକ୍ଟ', ଉନ୍ନତ ଯାତ୍ରୀ ସୂଚନା ପ୍ରଣାଳୀ, ଏକଜିକ୍ୟୁଟିଭ୍ ଲାଉନ୍ସ, ବ୍ୟବସାୟ ବୈଠକ ପାଇଁ ମନୋନୀତ ସ୍ଥାନ, ଲ୍ୟାଣ୍ଡସ୍କେପ୍ ଇତ୍ୟାଦି ଆବଶ୍ୟକତାକୁ ଦୃଷ୍ଟି ଦିଆଯାଇଛି।

• ଏହି ଯୋଜନାରେ ସହରର ଉଭୟ ପାର୍ଶ୍ୱରେ ଷ୍ଟେସନକୁ ଏକୀକୃତ କରିବା, ମଲ୍ଟିମୋଡାଲ ଏକୀକରଣ ଏବଂ ଦିବ୍ୟାଙ୍ଗଜନଙ୍କ ପାଇଁ ସୁବିଧା, ସ୍ଥାୟୀ ଏବଂ ପରିବେଶ ଅନୁକୂଳ ସମାଧାନର ମଧ୍ୟ ଯୋଜନା ରହିଛି। ପ୍ରତ୍ୟେକ ଷ୍ଟେସନରେ ଖୁଚୁରା ଦୋକାନ, କାଫେରିଆ ଏବଂ ସମସ୍ତ ଯାତ୍ରୀଙ୍କ ମନୋରଞ୍ଜନ ବ୍ୟବସ୍ଥା ପାଇଁ ଗୋଟିଏ ସ୍ଥାନରେ ସୁବିଧା ସହିତ ଏକ ଛାତ ଥିବା ପ୍ଲାଜା ରହିବ। ଯାତାୟାତର ସୁଗମ ପାଇଁ ମାଷ୍ଟରପ୍ଲାନ ପ୍ରସ୍ତୁତ କରାଯାଇଛି, ପର୍ଯ୍ୟାପ୍ତ ପାର୍କିଂ ସୁବିଧା ସହିତ ମେଟ୍ରୋ, ବସ୍ ଇତ୍ୟାଦି ପରିବହନର ଅନ୍ୟାନ୍ୟ ମାଧ୍ୟମ ସହିତ ଏହାର ଏକୀକରଣ ନିଶ୍ଚିତ କରିବାକୁ ପ୍ରୟାସ ରହିବ, ସୌର ଶକ୍ତି, ଜଳ ସଂରକ୍ଷଣ / ଜଳ ପୁନଃ ବ୍ୟବହାର ସହିତ ଗ୍ରୀନ୍ ବିଲଡିଂ ଏବଂ ବିକଶିତ ବୃକ୍ଷର ଆବରଣ କୌଶଳ ବ୍ୟବହାର କରାଯିବ। ଆଗମନ / ପ୍ରସ୍ଥାନ, କ୍ଲଟର୍ ଫ୍ରି ପ୍ଲାଟଫର୍ମ, ଉନ୍ନତ ଚଟାଣ, ସମ୍ପୂର୍ଣ୍ଣ ଆଚ୍ଛାଦିତ ପ୍ଲାଟଫର୍ମଗୁଡିକ ପୃଥକ ରହିବ।

• ଭାରତୀୟ ରେଳ ଷ୍ଟେସନର ଅଦୃଶ୍ୟ ପରିବର୍ତ୍ତନ ପ୍ରତ୍ୟେକ ଭାରତୀୟଙ୍କୁ ଗର୍ବିତ କରିବାକୁ ଯାଉଛି ଏବଂ ପ୍ରତ୍ୟେକ ପର୍ଯ୍ୟଟକ ଗତିରେ ପରିବର୍ତ୍ତନକୁ ନେଇ ଆଶ୍ଚର୍ଯ୍ୟ ହୋଇଯିବେ।



ଦୁବାଇ ଗସ୍ତ ପୂର୍ବରୁ ରବିବାର ନବୀନ ନିବାସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟୁଛନ୍ତି ମିଶନ ଶକ୍ତି ପ୍ରତିନିଧି ମଣ୍ଡଳୀ

## ଚର୍ଚ୍ଚାରେ କଂଗ୍ରେସ ନେତା ଚିରଞ୍ଜୀବ

# ବିନା ଦଳୀୟ ଚିହ୍ନରେ ବନ୍ଧୁମିଳନ

**ଜଗତସିଂହପୁର/ନାଉଗାଁ,୨୫।୨(ସମିସ):** ୨୦୨୪ ସାଧାରଣ ନିର୍ବାଚନ ବିଧିବଦ୍ଧ ଭାବରେ ଘୋଷଣା ହୋଇ ନ ଥିଲେ ମଧ୍ୟ ପ୍ରାକ୍ ନିର୍ବାଚନ ଜନିତ ମାହୋଲ ସରଗରମ ରହିଛି। ବିଭିନ୍ନ ଦଳର ଆଶାୟୀ ରାଜନେତାଙ୍କ ପକ୍ଷରୁ ଏହି ସମୟରେ ବନ୍ଧୁମିଳନ, ରାଲି ଓ ସାଧାରଣ




ସଭା ତଥା କର୍ମୀ ସମ୍ମିଳନୀ ଆୟୋଜିତ ହେଉଛି। ତେବେ ବେଶ୍ କିଛିଦିନ ଧରି ନିରବ ରହିବା ପରେ ପୂର୍ବତନ ରାଜ୍ୟ କଂଗ୍ରେସର କାର୍ଯ୍ୟକାରୀ ସଭାପତି କଂଗ୍ରେସ ନେତା ଚିରଞ୍ଜୀବ ବିଶ୍ୱାଳ ନିଜ ସମର୍ଥକମାନଙ୍କୁ ନେଇ ନାଉଗାଁରେ ବନ୍ଧୁମିଳନ ସଭାର ଆୟୋଜନ କରିଛନ୍ତି। କଂଗ୍ରେସର ଦଳୀୟ ଚିହ୍ନ ବିନା ଆୟୋଜିତ ହୋଇଥିବା ଏହି ବନ୍ଧୁ ମିଳନ କାର୍ଯ୍ୟକ୍ରମ ଜିଲ୍ଲା କଂଗ୍ରେସ ଶିବିରରେ ହଟଚମଟ ସୃଷ୍ଟି କରିଥିବା ସମୟରେ ସମଗ୍ର ଜିଲ୍ଲାରେ ରାଜନୈତିକ ଚର୍ଚ୍ଚାକୁ ଖୋରାକ ଯୋଗାଇଛି।

ପୂର୍ବତନ କଂଗ୍ରେସ ବିଧାୟକ ଚିରଞ୍ଜୀବ ବିଶ୍ୱାଳଙ୍କ ନିର୍ଦ୍ଦେଶରେ ନାଉଗାଁ ବ୍ଲକ କଂଗ୍ରେସ ପକ୍ଷରୁ ରବିବାର ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ନାଉଗାଁ ଠାରେ ଆୟୋଜିତ ହୋଇଥିଲା। ଏଥିରେ କେବଳ କଂଗ୍ରେସ ନେତା ଚିରଞ୍ଜୀବ ବିଶ୍ୱାଳ ଯୋଗ ଦେଇଥିବା ସମୟରେ ଜିଲ୍ଲା ତଥା ରାଜ୍ୟ କଂଗ୍ରେସର କୌଣସି ପୁରୁଖା ନେତା ସାମିଲ ହୋଇ ନ ଥିଲେ। କେବଳ ପୂର୍ବତନ ବ୍ଲକ ଅଧ୍ୟକ୍ଷ ବିଚିତ୍ରାନନ୍ଦ ଲେଙ୍କାଙ୍କ ସହିତ କିଛି କଂଗ୍ରେସ ସରପଞ୍ଚ ଯୋଗଦେଇଥିବା ଦେଖିବାକୁ ମିଳିଥିଲା। ତେବେ ବନ୍ଧୁମିଳନରେ ଉପସ୍ଥିତ ଥିବା କର୍ମୀମାନେ ଚିରଞ୍ଜୀବଙ୍କୁ ନିଃସର୍ତ୍ତ ସମର୍ଥନ କରିବା ସହିତ ତାଙ୍କ ସହିତ ରହିବେ ବୋଲି ପ୍ରକାଶ କରିଥିଲେ। ଚିରଞ୍ଜୀବ ଯୁଆଡେ ଗଲେ ଆମେ ସବୁ ସିଆଡେ ଯିବୁ ବୋଲି ନିଜ ପ୍ରତିକ୍ରିୟାରେ ପ୍ରକାଶ କରି ତାଙ୍କ ପ୍ରତି ସମର୍ଥନ ବ୍ୟକ୍ତ କରିଛନ୍ତି।

କଂଗ୍ରେସ ତାଙ୍କୁ କାହିଁକି ନିଲମ୍ବିତ କଲା ଓ ପରେ ପୁଣି କାହିଁକି ଏହି ନିଲମ୍ବନକୁ ପ୍ରତ୍ୟାହାର କଲା, ଏସମ୍ପର୍କରେ ସେ କିଛି ଜାଣି ନ ଥିବା ଚିରଞ୍ଜୀବ କହିଛନ୍ତି। ଆସନ୍ତା ୧୦ ଦିନ ମଧ୍ୟରେ ପୁଣିଥରେ କାର୍ଯ୍ୟକ୍ରମ କରାଯାଇ ପରବର୍ତ୍ତୀ ନିଷ୍ପତ୍ତି ନିଆଯିବ ବୋଲି ସେ କହିଛନ୍ତି। ସେ ଦଳ ବଦଳାଇବା ପ୍ରସଙ୍ଗକୁ ଏଡାଇ ଦେଇଥିଲେ ମଧ୍ୟ ଠିକ୍ ସମୟରେ ଠିକ୍ କାମ ହେବ ବୋଲି କହିଥିଲେ। ଆଗାମୀ ଦିନରେ ସବୁ ସ୍ପଷ୍ଟ ହୋଇଯିବ ବୋଲି କହିବା ସହିତ, ସଂଗଠନଙ୍କୁ ଏକଜୁଟ ହୋଇ କାମ କରିବା ପାଇଁ କହିଥିଲେ।

### କାର୍ଯ୍ୟକ୍ରମରୁ ଦୂରେଇ ରହିଲେ ଜିଲ୍ଲାର ପୁରୁଖା କଂଗ୍ରେସ ନେତା

ଦଳ ବଦଳ କରିବା ସମ୍ଭାବନା ସମ୍ପର୍କରେ ସାମ୍ବାଦିକମାନଙ୍କ ପ୍ରଶ୍ନର ଉତ୍ତର ଦେଇ ପୂର୍ବତନ କଂଗ୍ରେସ ବିଧାୟକ ଶ୍ରୀ ବିଶ୍ୱାଳ କୁହନ୍ତି ଯେ, ଆଲୋଚନା ତ ବହୁତ ହେଉଛି। କର୍ମୀମାନେ ଗତ ୪ବର୍ଷ ହେଲା ଅପେକ୍ଷା କରିଛନ୍ତି। ସେମାନଙ୍କର ବହୁତ ଧୈର୍ଯ୍ୟ ରହିଛି। ମୁଁ ଯେତେଦିନ ଅପେକ୍ଷା କରିବି, ସେମାନେ ସେତେଦିନ ଅପେକ୍ଷା କରିବେ। ଏଥିରେ ଅନ୍ୟକେହି ବ୍ୟସ୍ତ ହେବା ଉଚିତ ନୁହେଁ ବୋଲି ସେ କହିଥିଲେ। ତେବେ ଆସନ୍ତା ମାର୍ଚ୍ଚ ୫ ତାରିଖ ପଞ୍ଚାୟତିରାଜ ଦିବସ ମଧ୍ୟରେ ଶୁଭ ସୂଚନା ଆସିବ ବୋଲି ବନ୍ଧୁମିଳନ କାର୍ଯ୍ୟକ୍ରମରେ ଯୋଗଦେଇଥିବା କଂଗ୍ରେସର କିଛି ଛାମୁଆ କର୍ମୀ ପ୍ରକାଶ କରିଛନ୍ତି। ଚିରଞ୍ଜୀବଙ୍କ ଏହି କର୍ମୀ ସମ୍ମିଳନୀକୁ ନେଇ ନାନାଦି କଳ୍ପନା ଜଳ୍ପନା ପ୍ରକାଶ ପାଉଛି।

# ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସରେ ଦେଢ଼ବର୍ଷର ଶିଶୁକନ୍ୟା

**ଭଦ୍ରକ,୨୫।୨(ସମିସ):** ଜଣେ ଦେଢ଼ ବର୍ଷର ଶିଶୁକନ୍ୟାଙ୍କୁ ମିଳିଛି ଜାତୀୟ ସମ୍ମାନ। ଯାହା ସମଗ୍ର ଭଦ୍ରକ ଜିଲ୍ଲା ବାସୁଦେବପୁର ପାଇଁ ଆଣିଛି ଗୌରବ। କୁନି ଶିଶୁ ସାନଭି ଶିଭାନ୍ସି ରାଉଳ, ବୟସ ମାତ୍ର ଦେଢ ବର୍ଷ। ଦୁନିଆ କ'ଣ ଜାଣେ ନାହିଁ। କୋମଳମତୀ ଶିଶୁଟି ଠିକ୍ ସେ ଚାଲି ପାରୁନାହିଁ। ପାଟି ମଧ୍ୟ ପୁରା ଖୋଲି ନାହିଁ ପାଟି। ତଥାପି କହି ଚାଲୁଛି



ବିଭିନ୍ନ ପ୍ରଶ୍ନର ସଠିକ୍ ଉତ୍ତର। ଆଶ୍ଚର୍ଯ୍ୟ ହେଲେ ବି ସତ। ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ ସୁଦର୍ଶନପୁର ପଞ୍ଚାୟତର ମିରିଗା ଗାଁରେ ତାଙ୍କ ଘର। ଏହି ଶିଶୁକନ୍ୟା ପାଖରେ ଭରି ରହିଛି ଅସାଧାରଣ ପ୍ରତିଭା। ବିଚକ୍ଷଣ ଧୀଶକ୍ତି ଯୋଗୁଁ କହୁଛନ୍ତି ଶରୀରର ୧୫ ଅଙ୍ଗ ପ୍ରତ୍ୟଙ୍ଗର ନାମ, ୫୦ ପ୍ରକାର ବିଭିନ୍ନ ସାମଗ୍ରୀ ନାମ, ସାତ ପ୍ରକାରର ପନିପରିବାର ନାମ, ୪ ପ୍ରକାର ପଶୁ ନାମ। ଏମିତି କେତେ କ'ଣ ପ୍ରଶ୍ନର ଦେଉଛନ୍ତି ଉତ୍ତର। ଏ ବୟସରୁ ସ୍ଥାନ ପାଇଛନ୍ତି ଇଣ୍ଡିଆ ବୁକ ଅଫ ରେକର୍ଡସରେ। କୁନି ଝିଅର ପ୍ରତିଭାକୁ ନେଇ ଉଭୟ ବାପା ଓ ମାଆ, ଜେଜେ, ଜେଜେ ମାଆ ସପରିବାର ବେଶ ଆନନ୍ଦିତ ଓ ଗର୍ବିତ। ସୂଚନାଯୋଗ୍ୟ, ବାସୁଦେବପୁର ବ୍ଲକର ସୁଦର୍ଶନପୁର ପଞ୍ଚାୟତର ମିରିଗା ଗାଁର ରଘୁନାଥ ରାଉଳଙ୍କ ପୁଅ ଅଭିଷେକ ଓ ବୋହୂ ମମତାଙ୍କର ଏକମାତ୍ର କନ୍ୟା ସାନଭି ଶିଭାନ୍ସି ରାଉଳର ଜନ୍ମ ୨୦ ଜୁନ ୨୦୨୨ ମସିହାରେ।

# ମନ୍ କି ବାତ୍ କାର୍ଯ୍ୟକ୍ରମରେ ଓଡ଼ିଆ ଦମ୍ପତିଙ୍କ ପ୍ରଶଂସା

**ଭୁବନେଶ୍ୱର,୨୫।୨(ସମିସ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନିଜର 'ମନ୍ କି ବାତ୍' କାର୍ଯ୍ୟକ୍ରମରେ ଓଡ଼ିଆ ଦମ୍ପତିଙ୍କ ପ୍ରଶଂଶା କରିଛନ୍ତି। ମନ୍ କି ବାତ୍‌ର ୧୧୦ତମ ଅଧ୍ୟାୟରେ କଳାହାଣ୍ଡିର ଜୟନ୍ତୀ ମହାପାତ୍ର ଏବଂ ତାଙ୍କ ସ୍ୱାମୀ ବୀରେନ ସାହୁଙ୍କୁ ପ୍ରଶଂସା କରିଛନ୍ତି ପ୍ରଧାନମନ୍ତ୍ରୀ। ଉଭୟ ଉଚ୍ଚ ଶିକ୍ଷିତ ହୋଇ ମଧ୍ୟ ଛେଳି ପାଳନ କରି କୃଷି କ୍ଷେତ୍ରରେ ଉଦାହରଣ ସୃଷ୍ଟି କରିଥିବା ପ୍ରଧାନମନ୍ତ୍ରୀ କହିଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଉଭୟ ବେଙ୍ଗାଲୁରୁରେ ମ୍ୟାନେଜମେଣ୍ଟ ପ୍ରଫେସନାଲ ଥିଲେ। ସେମାନେ କଳାହାଣ୍ଡି ସାଲେଭଟା ଗାଁରେ ଛେଳି ପାଳନ କରି ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି। ନିଜେ ସଶକ୍ତ ହେବା ସହ ସାଥୀ ଗ୍ରାମବାସୀଙ୍କୁ ସଶକ୍ତ କରିଛନ୍ତି। ଜୟନ୍ତୀ ଏବଂ ତାଙ୍କ ସ୍ୱାମୀ ବିରେନ ମାଣିକସ୍ତୁ ଗୋଟ୍ ବ୍ୟାଙ୍କ କରି ଗ୍ରାମବାସୀଙ୍କୁ ଛେଳିପାଳନ କ୍ଷେତ୍ରରେ ଉତ୍ସାହିତ କରିଛନ୍ତି। ଏବେ ସେମାନେ ୫୦ଟି ଗାଁର ପ୍ରାୟ ୧ ହଜାର ଲୋକଙ୍କୁ ଆତ୍ମନିର୍ଭରଶୀଳ କରାଇବାରେ ସକ୍ଷମ ହୋଇଥିବା ପ୍ରଧାନମନ୍ତ୍ରୀ କହିଛନ୍ତି।

# ଆଜି ବାଲେଶ୍ୱର ମଡେଲ ଷ୍ଟେସନର ଶିଳାନ୍ୟାସ

**ବାଲେଶ୍ୱର/ବାରିପଦା, ୨୫।୨(ସମିସ):** ବାଲେଶ୍ୱର ରେଳଷ୍ଟେସନ ଏକ ବିଶ୍ୱସ୍ତରୀୟ ରେଳଷ୍ଟେସନରେ ପରିଣତ ହେବ। ଏଥିପାଇଁ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ୧୯୭କୋଟି ଟଙ୍କା ମଞ୍ଜୁର କରିଛନ୍ତି; ଯାହାକି ଏହି ମୋଡେଲ ଷ୍ଟେସନ ଆସନ୍ତା ୨୦୨୬ ମସିହା ମାର୍ଚ୍ଚ ଶେଷ ସୁଦ୍ଧା ଶେଷ ହେବ। ଏଣୁ ଏହାର ଶିଳାନ୍ୟାସ କାର୍ଯ୍ୟକ୍ରମ ଆଜି ବାଲେଶ୍ୱର ରେଳଷ୍ଟେସନ ପରିସରରେ ଅନୁଷ୍ଠିତ ହେବ। ଆଭାସୀ ମାଧ୍ୟମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶିଳାନ୍ୟାସ କରିବେ। ଦେଶରେ ୫୫୪ଟି ରେଳଷ୍ଟେସନର ଆଧୁନିକୀକରଣ ସହ ୧୫ଶହ ରୋଡ ଓଭରବ୍ରିଜ ଏବଂ ପାଦଚଲା ରାସ୍ତା ପାଇଁ ଶିଳାନ୍ୟାସ ହେବ। ଏଥିରେ ବାଲେଶ୍ୱର ମଡୋଲ ଷ୍ଟେସନ ଓ ବେତନଟୀ ରେଳଷ୍ଟେସନ ମଧ୍ୟ ଅର୍ନ୍ତଭୁକ୍ତ ରହିଛି। ପ୍ରଧାନମନ୍ତ୍ରୀ ବାଲେଶ୍ୱର ରେଳ ଷ୍ଟେସନ ପରିସରରେ ସକାଳ ୧୦ଟା ୪୫ମିନିଟରେ ଏହି ଶିଳାନ୍ୟାସ କରିବେ। ସୂଚନା ଯୋଗ୍ୟ ଯେ, ଚଳିତ ବର୍ଷ ବିଜେଟରେ ଓଡ଼ିଶାର ୮୭ଟି ରେଳଷ୍ଟେସନର ଉନ୍ନତି କରଣ ପାଇଁ ୧୦, ୫୩୬ କୋଟି ଟଙ୍କା ପ୍ରଦାନ କରାଯାଇଛି।




ସ୍ପିନରଙ୍କ କବ୍‌ଜାରେ ଚତୁର୍ଥ ଟେଷ୍ଟ

# ବିଜୟଠୁ ୧୫୨ ରନ୍ ଦୂରରେ ଭାରତ

**ରାଞ୍ଚି, ୨୫।୨(ଏଜେନ୍ସି)**

ଭାରତ ଓ ଇଂଲଣ୍ଡ ମଧ୍ୟରେ ଏଠାରେ ଚାଲିଥିବା ଚତୁର୍ଥ ଟେଷ୍ଟ ମ୍ୟାଚ୍ ନିର୍ଣ୍ଣାୟକ ସ୍ଥିତିରେ ପହଞ୍ଚିଛି। ସ୍ଥାନୀୟ ଝାଡଖଣ୍ଡ ରାଜ୍ୟ କ୍ରିକେଟ ସଂଘ ଷ୍ଟାଡିୟମ୍‌ରେ ଚାଲିଥିବା ଏହି ଟେଷ୍ଟର ତୃତୀୟ ଦିନ ସ୍ପିନରଙ୍କ କବ୍‌ଜାରେ ରହିଥିଲାବେଳେ ୧୩ଟି ୱିକେଟର ପତନ ଘଟିଛି। ଜୀବନର ଦ୍ୱିତୀୟ ଟେଷ୍ଟ ଖେଳୁଥିବା ଧ୍ରୁବ ଜୁରେଲଙ୍କ ଆକର୍ଷଣୀୟ ୯୦ ରନ୍ ସହାୟତାରେ ଭାରତର ପ୍ରଥମ ପାଳି ୩୦୭ ରନ୍‌ରେ ଶେଷ ହୋଇଥିଲା। ଏହା ପରେ ପ୍ରଥମ ପାଳିରେ ୪୬ ରନ୍‌ର ଅଗ୍ରଣୀ ନେଇଥିବା ଇଂଲଣ୍ଡ ଦ୍ୱିତୀୟ ପାଳିରେ ଭାରତର ସ୍ପିନ୍ ବୋଲିଂ ଆକ୍ରମଣର ଉଚିତ ମୁକାବିଲା କରି ନ ପାରି ମାତ୍ର ୧୪୫ ରନ୍‌ରେ ଅଲଆଉଟ ହୋଇଯାଇଥିଲା। ଏହି ପାଳିରେ ଭାରତ ପକ୍ଷରୁ ରବିଚନ୍ଦ୍ରନ ଅଶ୍ୱିନ ୫ଟି ଓ କୁଲଦୀପ ଯାଦବ ୪ଟି ୱିକେଟ ଅକ୍ତିଆର କରିଥିଲେ। ଇଂଲଣ୍ଡ ୧୪୫ ରନ୍‌ରେ ଦ୍ୱିତୀୟ ପାଳିରେ ଆଉଟ ହେବା ଓ ପ୍ରଥମ ପାଳିର ୪୬ ରନ୍‌ର ଅଗ୍ରଣୀକୁ ମିଶାଇ ଭାରତ ଆଗରେ ୧୯୨ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଥିଲା। ଏହି ଲକ୍ଷ୍ୟକୁ ପିଛା କରି ରବିବାର ତୃତୀୟ ଦିନ ଖେଳ ଶେଷ ସୁଦ୍ଧା ଭାରତ ଦ୍ୱିତୀୟ ପାଳିରେ ଆତ୍ମବିଶ୍ୱାସର ସହ ଖେଳି ୮ ଓଭରରେ ୪୦ ରନ୍ ଭରଣା କରିନେଇଛି। ମ୍ୟାଚ୍ ଜିତିବା ଲାଗି ବାକିଥିବା ୧୦ ୱିକେଟ ଓ ଦୁଇ ଦିନ ଖେଳରେ ଭାରତକୁ ଆଉ ମାତ୍ର ୧୫୨ ରନ୍‌ର ଆବଶ୍ୟକ ହେଉଛି। ୪ର୍ଥ ଟେଷ୍ଟ ସୁଦ୍ଧା ୫ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ ୨-୧ରେ ଆଗୁଆ ଥିବା ଏହି ମ୍ୟାଚ୍ ଜିତିଲେ ସିରିଜ୍ ବିଜୟୀ ହେବ। ରବିବାର ଷ୍ଟମ୍ପ୍ ଅପସାରଣ ବେଳକୁ ଅଧିନାୟକ ରୋହିତ ଶର୍ମା ୨୪ ଓ ଫର୍ମରେ ଥିବା ଯୁବ ଓପନର ଯଶସ୍ୱୀ ଜୟସ୍ୱାଲ ୧୬ ରନ୍‌ରେ ବ୍ୟାଟିଂ କରୁଛନ୍ତି।

- ବସିରଙ୍କୁ ୫ ୱିକେଟ, ଜୁରେଲଙ୍କ ୯୦ ରନ୍
- ଭାରତ ପ୍ରଥମ ପାଳିରେ ୪୬ ରନ୍ ପଛୁଆ
- ଅଶ୍ୱିନଙ୍କୁ ୫, କୁଲଦୀପଙ୍କୁ ୪ ୱିକେଟ
- ଇଂଲଣ୍ଡ ଦ୍ୱିତୀୟ ପାଳି ୧୪୫ରେ ସୀମିତ


ଭାରତର ୩ ତାରକା: (ବାମରୁ) ଅଶ୍ୱିନ, କୁଲଦୀପ ଓ ଯୁବ ଖେଳାଳି ଧ୍ରୁବ ଜୁରେଲ

### ଅଶ୍ୱିନ, କୁଲଦୀପଙ୍କ ଯାଦୁକରୀ ବୋଲିଂ

ପ୍ରଥମ ପାଳିରେ ୪୬ ରନ୍‌ରେ ଅଗ୍ରଣୀ ନେବା ପରେ ଇଂଲଣ୍ଡ ଦୃଢ଼ତାର ସହ ଦ୍ୱିତୀୟ ପାଳି ଆରମ୍ଭ କରିଥିଲା। କିନ୍ତୁ ପିଚ୍ ଟର୍ଣ୍ଣ ନେଉଥିବାରୁ ଦୁଇ ସ୍ପିନର ଭାରତର ବୋଲିଂ ଓପନ କରିଥିଲେ। ପାଳିର ୫ମ ଓଭରରେ ଅଫ୍ ସ୍ପିନର ଅଶ୍ୱିନ ପ୍ରତିପକ୍ଷ ଓପନର ବେନ୍ ଡକେଟଙ୍କୁ ସର୍ଫରାଜ ଖାନଙ୍କ ହାତରେ କ୍ୟାଚ୍ କରାଇ ବ୍ରେକ୍ ଥ୍ରୁ ଦେଇଥିଲେ। ଏହାର ପର ବଲ୍‌ରେ ଓଲି ପୋପ୍‌ଙ୍କୁ ଏଲ୍‌ବି କରାଇ ଓ ୧୭ତମ ଶେଷ ବଲ୍‌ରେ ସ୍କୋର ୬୫ ରନ୍ ହୋଇଥିଲାବେଳେ ପ୍ରଥମ ପାଳିରେ ଶତକ କରିଥିବା ଜୋ ରୁଟ୍‌ଙ୍କୁ ଏଲ୍‌ବି କରାଇ ବଡ଼ ସଫଳତା ପାଇଥିଲେ। ଏହା ପରେ ବୋଲିଂ କରିବାକୁ ଆସି କୁଲଦୀପ ଇଂଲଣ୍ଡ ବ୍ୟାଟରଙ୍କୁ ବୋକା ମନାଇ ଦେଇଥିଲେ। ଆକ୍ରମଣାତ୍ମକ ବ୍ୟାଟିଂ କରୁଥିବା ଜ୍ୟାକ୍ କ୍ରାଲୀ ୬୦ ରନ୍ କରିଥିବାବେଳେ ଓ ଅଧିନାୟକ ବେନ୍ ଷ୍ଟୋକ୍ସ ୪ ରନ୍ କରିଥିବାବେଳେ କୁଲଦୀପଙ୍କ ଦ୍ୱାରା ବୋଲ୍ଡ ହୋଇଥିଲେ। ୧୨୦ ରନ୍‌ରେ ଷ୍ଟୋକ୍ସ ଏବଂ ଜନି ବେୟାରଷ୍ଟୋ (୩୦) ଆଉଟ ହୋଇଯିବା ପରେ ଇଂଲଣ୍ଡର ବ୍ୟାଟିଂ ବିଧ୍ୱସ୍ତ ହୋଇଯାଇଥିଲା। ଏହା ପରେ କୁଲଦୀପ ଟମ୍ ହର୍ଟଲୀଙ୍କ ୭ ଓ ଓଲି ରବିନସନଙ୍କୁ ଡକ୍‌ରେ ଆଉଟ କରିଦେଇଥିଲେ। ୧୩୩ ରନ୍‌ରେ ୮ମ ୱିକେଟ ପଡ଼ିଯାଇଥିଲେ ମଧ୍ୟ ବେନ୍ ଫୋକ୍ସ କିଛି ସମୟ ଲଢ଼େଇ କରିଥିଲେ। ସେ ତାଙ୍କ ଯୁବା ପାର୍ଟନର ସୋଏବ ବସିର (୨୦ ବଲ୍‌ରେ ଅପରାଜିତ ୧ ରନ୍)ଙ୍କ ସହ ୯ମ ୱିକେଟରେ ୧୨ ରନ୍ ଯୋଡିଥିଲେ ମଧ୍ୟ ୭୪ଟି ବଲ ଖେଳିଥିଲେ। ଏହି ସମୟରେ ବୋଲିଂ କରିବାକୁ ଆସି ଅଶ୍ୱିନ ୧୭ ରନ୍‌ରେ ଫୋକ୍ସଙ୍କୁ ଆଉଟ କରି ଯୋଡି ଭାଙ୍ଗିଦେଇଥିଲେ। ଏହା ପରେ ସେ ଜେମ୍ସ ଆଣ୍ଡରସନଙ୍କୁ ଆଉଟ କରି ଇଂଲଣ୍ଡ ପାଳି ଶେଷ କରିଦେଇଥିଲେ। ଇଂଲଣ୍ଡ ଦ୍ୱିତୀୟ ପାଳିର ପ୍ରଥମ ୩ଟି ଓ ଶେଷ ଦୁଇଟି ୱିକେଟ ନେବା ସହ ଅଶ୍ୱିନ ଗୋଟିଏ ପାଳିରେ ୩୫ତମ ଥର ଲାଗି ୫ ୱିକେଟ ସଫଳତା ପାଇଥିଲେ। କୁଲଦୀପଙ୍କୁ ୪ଟି ଓ ରବୀନ୍ଦ୍ର ଜାଡେଜାଙ୍କୁ ଗୋଟିଏ ୱିକେଟ ମିଳିଥିଲା।

### ବସିର ବନାମ ଜୁରେଲ

ଭାରତ ପ୍ରଥମ ପାଳିରେ ନିଜ ଜୀବନର ଦ୍ୱିତୀୟ ଟେଷ୍ଟ ଖେଳୁଥିବା ଇଂଲଣ୍ଡର ପାକିସ୍ତାନୀ ବଂଶୋଦ୍ଭବ ୨୦ ବର୍ଷୀୟ ସ୍ପିନର ସୋଏବ ବସିର ଓ ଭାରତର ୨୩ ବର୍ଷୀୟ ୱିକେଟରକ୍ଷକ ଧ୍ରୁବ ଜୁରେଲଙ୍କ ପ୍ରଦର୍ଶନ ଉଚ୍ଚକୋଟୀର ହୋଇଥିଲା। ୭ ୱିକେଟରେ ୨୧୯ ରନ୍‌ରୁ ଭାରତ ଅସମାପ୍ତ ପାଳି ଆରମ୍ଭ କରି ୩୦୭ ରନ୍‌ରେ ଅଲଆଉଟ ହେବାରେ ଯୁବ ୱିକେଟରକ୍ଷକ ଜୁରେଲଙ୍କ ଭୂମିକା ଥିଲା ବେଶ ଗୁରୁତ୍ୱପୂର୍ଣ୍ଣ। ୮ମ ୱିକେଟରେ ସେ କୁଲଦୀପ (୧୩୧ ବଲ୍ ଖେଳି ୨୮ ରନ୍)ଙ୍କ ସହ ୨୦୨ଟି ବଲ ଖେଳି ୭୬ ରନ୍ ଉଠାଇଥିଲେ। କୁଲଦୀପଙ୍କ ବ୍ୟାଟିଂକୁ ଯେପରି ପ୍ରଶଂସା କରାଯାଇଥିଲା ଠିକ୍ ସେହିପରି ଜୁରେଲ ଭାରତକୁ ବିପଦରୁ ରକ୍ଷା କରିଥିଲେ। ସେ ୯ମ ୱିକେଟରେ ଆକାଶ ଦୀପଙ୍କୁ ସୁରକ୍ଷା ଦେବା ସହ ମିଳିତଭାବ ୭୫ଟି ବଲ୍‌ର ମୁକାବିଲା କରି ୪୦ ରନ୍ ଉଠାଇ ଇଂଲଣ୍ଡକୁ ନିରାଶ କରିଥିଲେ। କିନ୍ତୁ ଏହି ଯୋଡି ଭାଙ୍ଗିବା ସହ ଭାରତ ଅଳ୍ପ ସମୟ ବ୍ୟବଧାନରେ ଅଲଆଉଟ ହୋଇଯାଇଥିଲା। ଜୁରେଲ ମାତ୍ର ଦ୍ୱିତୀୟ ପାଳିରେ ଯେପରି ଅଭିଜ୍ଞଙ୍କ ପରି ଖେଳିଥିଲେ ତାହା ମହେନ୍ଦ୍ର ସିଂ ଧୋନିଙ୍କ ପ୍ରଦର୍ଶନକୁ ମନେ ପକାଇଥିଲେ। ସେ ୧୪୯ ବଲ୍‌ର ସମ୍ମୁଖୀନ ହୋଇ ୬ ଚୌକା ଓ ୪ ଛକା ସହ ୯୦ ରନ୍ କରି ଶେଷ ଖେଳାଳିଭାବେ ଆଉଟ ହୋଇଥିଲେ। ଏହି ପାଳି ସ୍ମରଣୀୟ ହୋଇ ରହିବ। ସେହିପରି ଇଂଲଣ୍ଡର ଯୁବ ସ୍ପିନର ବସିର ମଧ୍ୟ ଏଠାକାର ପିଚ୍‌ରୁ ଫାଇଦା ଉଠାଇ ଦ୍ୱିତୀୟ ଟେଷ୍ଟରେ ୫ ୱିକେଟ ସଫଳତା ପାଇଥିଲେ।

### ସଂକ୍ଷିପ୍ତ ସ୍କୋର

**ଇଂଲଣ୍ଡ ପ୍ରଥମ ପାଳି:** ୩୫୩ (ରୁଟ- ଅପରାଜିତ ୧୨୨, ରବିନସନ-୫୮, ଜାଡେଜା-୪/୬୭, ଆକାଶ ଦୀପ-୩/୮୩, ସିରାଜ-୨/୭୮)।
**ଭାରତ ପ୍ରଥମ ପାଳି : ୩୦୭,** ୧୦୩.୨ ଓଭର (ଜୁରେଲ-୯୦, ଜୟସ୍ୱାଲ-୭୩, ବସିର-୫/୧୧୯, ହର୍ଟଲୀ-୩/୬୮)।
**ଇଂଲଣ୍ଡ ଦ୍ୱିତୀୟ ପାଳି : ୧୪୫/୧୦,** ୫୩.୫ ଓଭର (କ୍ରାଲୀ-୬୦, ବେୟାରଷ୍ଟୋ-୩୦, ଅଶ୍ୱିନ-୫/୫୧, କୁଲଦୀପ-୪/୨୨)।
**ଭାରତ ଦ୍ୱିତୀୟ ପାଳି : ୪୦/୦,** ୮ ଓଭର (ରୋହିତ-ବ୍ୟାଟିଂ-୨୪, ଜୟସ୍ୱାଲ-ବ୍ୟାଟିଂ-୧୬)।

● ମହିଳା ପ୍ରିମିଅର୍ ଲିଗ୍

## ମୁମ୍ବାଇକୁ ଜିତାଇଲେ କେର୍

**ବେଙ୍ଗାଲୁରୁ, ୨୫।୨ (ଏଜେନ୍ସି):** ଡିଫେଣ୍ଡିଂ ଚାମ୍ପିଅନ ମୁମ୍ବାଇ ଇଣ୍ଡିଆନ୍ସ ବିଜୟରୁ ଚଳିତ ମହିଳା ପ୍ରିମିଅର୍ ଲିଗ୍ ଅଭିଯାନ ଆରମ୍ଭ କରିଛି। ସ୍ଥାନୀୟ ଏମ୍ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ରବିବାର ଖେଳାଯାଇଥିବା ମ୍ୟାଚରେ ମୁମ୍ବାଇ ଇଣ୍ଡିଆନ୍ସ ମହିଳା ଦଳ ୫ ୱିକେଟ୍‌ରେ ଗୁଜରାଟ ଜାଏଣ୍ଟ୍‌ସକୁ ପରାସ୍ତ କରିଛି। ଗୁଜରାଟ ପକ୍ଷରୁ ଧାର୍ଯ୍ୟ ୧୨୭ ରନର ଛୋଟିଆ ଲକ୍ଷ୍ୟକୁ ପିଛା କରି ମୁମ୍ବାଇ ୧୮.୧ ଓଭରରେ ୫ ୱିକେଟ୍ ହରାଇ ବିଜୟୀ ହୋଇଥିଲା। ଦଳ ପକ୍ଷରୁ ଅଧିନାୟିକା ହର୍ମନପ୍ରୀତ୍ କୌର ସର୍ବାଧିକ ଅପରାଜିତ ୪୬ ରନ କରିଥିଲେ। ଆମେଲିଆ କେର୍ (୩୧ ରନ) ଓ ନାଟ୍ ସ୍କିଭର-ବ୍ରଣ୍ଟ (୨୨) ଉପଯୋଗୀ ପାଳି ଖେଳିଥିଲେ। ପୂର୍ବରୁ ଟସ୍ ହାରି ବ୍ୟାଟିଂ କରିଥିବା ବେଥ୍ ମୁନୀଙ୍କ ଗୁଜରାଟ ଦଳ ୫୮ ରନ ମଧ୍ୟରେ ଅଧା ବ୍ୟାଟରଙ୍କୁ ହରାଇସାରିଥିଲା। ଓପନର୍ ମୁନୀ (୨୪ ରନ)ଙ୍କୁ ଛାଡ଼ିଦେଲେ ଆଗ ଧାଡ଼ିର ଅନ୍ୟ ୪ଜଣ ବ୍ୟାଟର୍ ବେଦା କ୍ରିଷ୍ଣାମୂର୍ତ୍ତି (୦), ହର୍ଲିନ ଦେଓଲ (୮), ଫୋଏବେ ଲିଚ୍‌ଫିଲ୍ଡ (୭), ଦୟାଲାନ ହେମଲତା (୩) ଦୁଇଅଙ୍କ ଛୁଇଁପାରି ନ ଥିଲେ। ତେବେ ନିମ୍ନକ୍ରମରେ କାଥେରିନ ବ୍ରେସି (୨୫*), ତନୁଜା କନୱର (୨୮) ଓ ଆସଲେ ଗାର୍ଡନର (୧୫ ରନ)ଙ୍କ ଉପଯୋଗୀ ପାଳି ଯୋଗୁ ଦଳ ୯ ୱିକେଟ୍‌ରେ ୧୨୬ ରନ କରି ସମ୍ମାନ ରଖିଥିଲା। ମୁମ୍ବାଇ ଦଳର ଭେଟେରାନ ଦ୍ରୁତ ବୋଲର ଇସ୍‌ମାଇଲ (୪-୦-୧୮-୩) ଓ ଲେଗ୍-ସ୍ପିନର ଆମେଲିଆ କେର୍ (୪-୦-୧୭-୪) ମିଳିତ ଭାବେ ୭ ୱିକେଟ୍ ସଫଳତା ପାଇଥିଲେ। ଆମେଲିଆ କେର୍ ଅଲ୍‌ରାଉଣ୍ଡ ପ୍ରଦର୍ଶନ କରି ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

## ଅଶ୍ୱିନଙ୍କୁ ରେକର୍ଡ ୫ ୱିକେଟ୍

**ରାଞ୍ଚି, ୨୫।୨(ଏଜେନ୍ସି):** ଇଂଲଣ୍ଡ ୨ୟ ପାଳିରେ ୫ ୱିକେଟ୍ ନେଇ ଭେଟେରାନ ଭାରତୀୟ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ନିଜ ନାମକୁ ରେକର୍ଡ ପୃଷ୍ଠାରେ ଲିପିବଦ୍ଧ କରିଛନ୍ତି। ଟେଷ୍ଟ କ୍ରିକେଟ୍‌ରେ ଅଶ୍ୱିନଙ୍କ ଏହା ୯୯ତମ ଟେଷ୍ଟ ମ୍ୟାଚରୁ ୩୫ତମ ୫ ୱିକେଟ୍ ସଫଳତା ଥିଲା। ଏହିକ୍ରମରେ ସେ ପୂର୍ବତନ ସାଥୀ ଭାରତୀୟ ସ୍ପିନର ଅନିଲ କୁମ୍ବଲେଙ୍କ ସହ ସମକକ୍ଷ ହୋଇଛନ୍ତି। କୁମ୍ବଲେ ତାଙ୍କ କ୍ୟାରିୟରରେ ୧୩୨ ଟେଷ୍ଟ ଖେଳି ୩୫ଥର ଗୋଟିଏ ପାଳିରେ ୫ ୱିକେଟ୍ ନେଇଥିଲେ। ବିଶ୍ୱରେ ସର୍ବାଧିକ ୫ ୱିକେଟ୍ ସଫଳତା ଶ୍ରୀଲଙ୍କାର ମୁଥୟା ମୁରଲୀଧରନଙ୍କ ନାମରେ ରହିଛି। ମୁରଲୀଧରନ ୧୩୩ ଟେଷ୍ଟରୁ ୬୭ଥର ଏହି ସଫଳତା ପାଇଛନ୍ତି।

ଏଫ୍ଆଇଏଚ୍ ପୁରୁଷ ପ୍ରୋ ଲିଗ୍

# ଶେଷ ମ୍ୟାଚ୍‌ରେ ଆୟର୍ଲାଣ୍ଡକୁ ହରାଇଲା ଭାରତ



**ରାଉରକେଲା,୨୫।୨(ସମିସ):** ଏଫ୍ଆଇଏଚ୍ ପ୍ରୋ ଲିଗ୍‌ରେ ଭାରତୀୟ ପୁରୁଷ ଦଳ ବିଜୟ ସହ ଓଡ଼ିଶା ଲେଗ୍‌ରେ ଅଭିଯାନ ଶେଷ କରିଛି। ରବିବାର ଅନୁଷ୍ଠିତ ଶେଷ ମ୍ୟାଚ୍‌ରେ ଭାରତ ୪-୦ ଗୋଲରେ ଅପେକ୍ଷାକୃତ ଆୟର୍ଲାଣ୍ଡକୁ ପରାସ୍ତ କରିଛି। ରବିବାର ବିର୍ସା ମୁଣ୍ଡା ଷ୍ଟାଡିୟମରେ ଖେଳାଯାଇଥିବା ଏକପାଖିଆ ଏହି ମ୍ୟାଚ୍‌ରେ ଭାରତ ପାଇଁ ୧୪ତମ ମିନିଟ୍‌ରେ ନୀଳକାନ୍ତ ଶର୍ମା ପେନାଲ୍ଟି ଜରିଆରେ, ୧୫ତମ ମିନିଟ୍‌ରେ ଆକାଶଦୀପ ସିଂ, ୩୮ତମ ମିନିଟ୍‌ରେ ଗୁରଜନ୍ତ ସିଂ ଫିଲ୍ଡ ଗୋଲ ଦେଇଥିଲେ। ମ୍ୟାଚ୍‌ର ଶେଷ ମିନିଟ୍‌ରେ ଯୁଗରାଜ ସିଂ ପେନାଲ୍ଟି ଜରିଆରେ ଚତୁର୍ଥ ତଥା ଅନ୍ତିମ ଗୋଲ ଦେଇଥିଲେ। ଆୟର୍ଲାଣ୍ଡ ରକ୍ଷଣଭାଗର ଦୁର୍ବଳତାରୁ ଭାରତ ଫାଇଦା ଉଠାଇଥିଲା ଓ ଗୋଟିଏ ପରେ ଗୋଟିଏ ଗୋଲ ଦେଇଥିଲା। ଏଥିସହ ଭାରତ ୮ ମ୍ୟାଚ୍ ଖେଳି ୩ ବିଜୟ, ୪ ଡ୍ର, ୨ ସୁଟ୍ ଆଉଟ ବୋନସ ଓ ଗୋଟିଏ ପରାଜୟ ସହ ୧୫ ଅଙ୍କ ହାସଲ କରି ତାଲିକାର ତୃତୀୟ ସ୍ଥାନରେ ରହିଛି। ଅନ୍ୟପଟେ ୮ଟି ମ୍ୟାଚ୍ ଖେଳି ସବୁଥିରେ ପରାସ୍ତ ହୋଇ ମଧ୍ୟ ଆୟର୍ଲାଣ୍ଡ ଖାତା ଖୋଲିପାରି ନାହିଁ।

### ନେଦରଲାଣ୍ଡସଠାରୁ ହାରିଲା ଅଷ୍ଟ୍ରେଲିଆ

ରବିବାର ଏଠାରେ ଖେଳାଯାଇଥିବା ପ୍ରଥମ ମ୍ୟାଚ୍‌ରେ ନେଦରଲାଣ୍ଡସ ୫-୩ ଗୋଲରେ ଅଷ୍ଟ୍ରେଲିଆକୁ ହରାଇଛି। ଏଥିସହ ନେଦରଲାଣ୍ଡସ ୧୨ ମ୍ୟାଚ୍ ଖେଳି ୭ ବିଜୟ, ୩ ଡ୍ର, ୨ ସୁଟ୍ ଆଉଟ ବୋନସ ଓ ୨ ପରାଜୟ ସହ ୨୬ ଅଙ୍କ ହାସଲ କରି ତାଲିକା ଶୀର୍ଷରେ ରହିଛି। ଅନ୍ୟପଟେ ଅଷ୍ଟ୍ରେଲିଆ ୮ ମ୍ୟାଚ୍ ଖେଳି ୬ ବିଜୟ, ୧ ଡ୍ର, ୧ ସୁଟ୍ ଆଉଟ ବୋନସ ଓ ଗୋଟିଏ ପରାଜୟ ସହ ୨୦ ଅଙ୍କ ପାଇ ତାଲିକାର ଦ୍ୱିତୀୟ ସ୍ଥାନରେ ରହିଛି।

## ରଣଜୀ ଟ୍ରଫି : ସେମିରେ ତାମିଲନାଡୁ

**କୋଏମ୍ବାଟୁର,୨୫।୨(ଏଜେନ୍ସି):** ରଣଜୀ ଟ୍ରଫିରେ ସାଇ କିଶୋରଙ୍କ ନେତୃତ୍ୱାଧୀନ ତାମିଲନାଡୁ ପ୍ରଥମ ଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଛି। ତୃତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ତାମିଲନାଡୁ ଗୋଟିଏ ପାଳି ଓ ୩୩ ରନରେ ସୌରାଷ୍ଟ୍ରକୁ ହରାଇଛି। ପ୍ରଥମ ପାଳିରେ ୫ ଓ ୬୦ ରନ କରିଥିବା ସାଇ କିଶୋର ଦ୍ୱିତୀୟରେ ୨୭ ରନରେ ଦେଇ ୪ ୱିକେଟ ଅକ୍ତିଆର କରି ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ପ୍ରଥମ ପାଳିରେ ସୌରାଷ୍ଟ୍ର ୧୮୩ ରନକରି ଅଲଆଉଟ ହେବା ପରେ ତାମିଲନାଡୁ ୩୩୮ ରନକରି ଅଲଆଉଟ ହୋଇଥିଲା। ଫଳରେ ସୌରାଷ୍ଟ୍ର ୧୫୫ ରନରେ ପଛରେ ପଡିଥିଲା। ଜବାବରେ ଦ୍ୱିତୀୟ ପାଳି ଆରମ୍ଭ କରି ସୌରାଷ୍ଟ୍ର ରବିବାର ତୃତୀୟ ଦିନରେ ୭୫.୪ ଓଭରରେ ୧୨୨ ରନକରି ଅଲଆଉଟ ହୋଇଥିଲା। ଫଳରେ ତାମିଲନାଡୁ ପାଳି ବିଜୟ ହାସଲ କରିଥିଲା। ଦ୍ୱିତୀୟ ପାଳିରେ ସୌରାଷ୍ଟ୍ରର ଚେତେଶ୍ୱର ପୂଜାରା ସର୍ବାଧିକ ୪୬ ରନ୍ କରିଥିଲେ। ତାମିଲନାଡୁର ସାଇ କିଶୋର ୪, ସନ୍ଦୀପଙ୍କୁ ୩ଟି ୱିକେଟ ମିଳିଥିଲା।

**ଐତିହାସିକ ବିଜୟର ନିକଟତର ଆନ୍ଧ୍ର :** ମଧ୍ୟପ୍ରଦେଶ ବିପକ୍ଷ ଚତୁର୍ଥ କ୍ୱାର୍ଟର ଫାଇନାଲରେ ଆନ୍ଧ୍ର ବିଜୟର ନିକଟତର ହୋଇଛି। ୧୭୦ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛାକରି ଆନ୍ଧ୍ର ତୃତୀୟ ଦିବସ ଖେଳ ଶେଷ ସୁଦ୍ଧା ୪୪ ଓଭରରେ ୪ ୱିକେଟ ହରାଇ ୯୫ ରନ ସଂଗ୍ରହ କରିଛି। ଫଳରେ ୬ ୱିକେଟ ବାକିଥାଇ ଆନ୍ଧ୍ର ଆଉ ୭୫ ରନ କଲେ ବିଜୟୀ ହୋଇ ଇତିହାସ ସୃଷ୍ଟି କରିବ।

## ଏସିଆ କପ୍‌ରେ ଦୀପିକାଙ୍କୁ ସ୍ୱର୍ଣ୍ଣ

**ବାଗ୍‌ଦାଦ୍, ୨୫।୨ (ଏଜେନ୍ସି):** ତିନିଥରର ଅଲିମ୍ପିଆନ ତୀରନ୍ଦାଜ ଦୀପିକା କୁମାରୀ ଅନ୍ତର୍ଜାତୀୟ ପ୍ରତିଯୋଗିତାକୁ ଚମତ୍କାର ପ୍ରତ୍ୟାବର୍ତ୍ତନ କରିଛନ୍ତି। ଇରାକର ବାଗ୍‌ଦାଦଠାରେ ଚାଲିଥିବା ଏସିଆ କପ୍ ତୀରନ୍ଦାଜୀ ଷ୍ଟେଜ-୧ ପ୍ରତିଯୋଗିତାରେ ରବିବାର ଦୀପିକା ମହିଳା ବ୍ୟକ୍ତିଗତ ରିକର୍ଭ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି। ଫାଇନାଲରେ ଦୀପିକା ସାଥୀ ଭାରତୀୟ ତୀରନ୍ଦାଜ ସିମରନଜିତ୍ କୌରଙ୍କୁ ୬-୨ରେ ପରାସ୍ତକରି ଏହି ସଫଳତା ପାଇଥିଲେ।

## ଅଷ୍ଟ୍ରେଲିଆର କ୍ଲିନ୍ ସୁଇପ୍

**ଅକଲାଣ୍ଡ,୨୫।୨(ଏଜେନ୍ସି):** ସ୍ଥାନୀୟ ଇଡେନ ପାର୍କରେ ରବିବାର ଅନୁଷ୍ଠିତ ବର୍ଷା ବାଧାପ୍ରାପ୍ତ ନ୍ୟୁଜିଲାଣ୍ଡ ବିପକ୍ଷ ତୃତୀୟ ତଥା ଅନ୍ତିମ ଟି-୨୦ ମ୍ୟାଚ୍‌ରେ ଭ୍ରମଣକାରୀ ଅଷ୍ଟ୍ରେଲିଆ ଡକ୍‌ୱର୍ଥ- ଲୁଇସ୍ ପଦ୍ଧତିରେ ୨୭ ରନରେ ବିଜୟୀ ହୋଇଛି। ଏଥିସହ ୩ ମ୍ୟାଚ୍ ବିଶିଷ୍ଟ ଏହି ସିରିଜରେ ସବୁ ମ୍ୟାଚ୍ ଜିତି ଅଷ୍ଟ୍ରେଲିଆ କ୍ଲିନ୍ ସୁଇପ୍ କରିଛି। ଅଲରାଉଣ୍ଡ ପ୍ରଦର୍ଶନ ପାଇଁ ଅଷ୍ଟ୍ରେଲିଆର ମାଥ୍ୟୁ ସର୍ଟ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ।

## ଛତିଶଗଡ଼ ଚାମ୍ପିଅନ, ରାଉରକେଲା ରନର୍ସଅପ୍

ଯୁବା ଓପନ ବାସ୍କେଟବଲ



**ଭୁବନେଶ୍ୱର, ୨୫।୨ (ସମିସ):** ରାଉରକେଲାକୁ ମାତ୍ର ୩ ପଏଣ୍ଟରେ ହରାଇ ଛତିଶଗଡ଼ ଯୁବା ଓପନ ବାସ୍କେଟବଲ ପ୍ରତିଯୋଗିତାରେ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ଶହୀଦ ନଗରସ୍ଥିତ ଯୁବା ବାସ୍କେଟବଲ ସଂଘ ଆନୁକୂଲ୍ୟରେ ସ୍ଥାନୀୟ ଶହୀଦ ନଗରସ୍ଥିତ ଇମ୍ପା ବାସ୍କେଟବଲ ଗ୍ରାଉଣ୍ଡରେ ରବିବାର ଏହି ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ବିଜୟୀ ଦଳର ବସନ୍ତନ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ଚଳିତବର୍ଷର ଚାମ୍ପିଅନ ଛତିଶଗଡ଼ ଦଳକୁ ଟ୍ରଫି ସହ ୩୫,୦୦୦ ଟଙ୍କା ଓ ରନର୍ସ ଅପ୍ ରାଉରକେଲା ଦଳକୁ ଟ୍ରଫି ସହ ୧୫,୦୦୦ ଟଙ୍କା ପ୍ରଦାନ କରାଯାଇଛି। ଯୁବା ଜୁନିୟର ତୃତୀୟ ସ୍ଥାନ ଅଧିକାର କରି ଟ୍ରଫି ସହ ୭,୦୦୦ ଟଙ୍କା ପୁରସ୍କାର ପାଇଛି। ଖେଳ ଶେଷରେ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତନାରାୟଣ ଜେନା ମୁଖ୍ୟଅତିଥି, କର୍ପୋରେଟର ରାଜକିଶୋର ଦାସ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯୁବା ବାସ୍କେଟବଲ ସଂଘ ମୁଖ୍ୟ ଉପଦେଷ୍ଟା ସରୋଜ ପାତ୍ର, ସଭାପତି ବିଶ୍ୱଜିତ୍ ମହାନ୍ତି, ସମ୍ପାଦକ ଦେବାଶିଷ ସବ୍ୟସାଚୀ ଚକ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ରାଜ୍ୟର ଗୌରବ ବଢ଼ାଇଥିବା ଉଦୀୟମାନ ଖେଳାଳି ସୌଭାଗ୍ୟ ଓଝା, ଜିଏମ୍ ଅଳକାନନ୍ଦା, କେ ବିବେକ, ଲିଜାଲିନ୍ ଜେନାଙ୍କୁ ସଂଘ ପକ୍ଷରୁ ସମ୍ମାନିତ କରାଯାଇଥିଲା।






PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
EDITOR: UMAKANT MISHRA
ସମ୍ପାଦକ: ଉମାକାନ୍ତ ମିଶ୍ର